


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)



# ଓଡ଼ିଆ ପୁସ୍ତକ ପଢ଼ିବା ନାହିଁ ?

# ଏଥର ନୂଆ ବର୍ଷରେ ଉପହାର କ'ଣ ଦେବା ?

20
ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence


ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

ମୋବାଇଲ୍‌ରେ ରିଲ୍ସ ଦେଖା ଚାଲୁ! ପାଟିସୁଆଦ କରିବାରେ ବଟୁଆ ଖାଲି ହେଉ!!
୨୫୦୦ ବର୍ଷର ପୁରୁଣା ଶାସ୍ତ୍ରୀୟ ଭାଷା ପାଇଁ ଟିକେ ସମୟ କାଢ଼ିବା ନା ନାହିଁ ?

















ଓଡ଼ିଆ ଜାତିର ଆରାଧ୍ୟ ଶ୍ରୀଜଗନ୍ନାଥ
ଏବଂ ଓଡ଼ିଶାର ଇତିହାସ,
କିମ୍ବଦନ୍ତୀ ଓ ସାହିତ୍ୟକୁ ନେଇ
୫ଟି ସୁଖପାଠ୍ୟ ପୁସ୍ତକ

ମୂଲ୍ୟ ~~୧,୬୦୫ ଟଙ୍କା~~

ଏକତ୍ର କିଣିଲେ ଡାକଖର୍ଚ୍ଚ ସହ
**୯୯୯ ଟଙ୍କା**

ପ୍ରାୟ ୩୮% ରିହାତି
ସାଙ୍ଗକୁ ଡାକଖର୍ଚ୍ଚ ଛାଡ଼

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ।
ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।**
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।
- ଯୋଜନା ୩୧ ଡିସେମ୍ବର ୨୦୨୫, ବୁଧବାର ରାତି ୧୧ଟା ୫୯ ଯାଏଁ ବୈଧ।
ଏହି ତାରିଖ ପରେ ଅଥବା ୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

78469 81182

Odia Media Private Limited
odiamedia@icici

OMPL/2512/SKL02

*ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧ୍ୟରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। **ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ରାଜ୍ୟବ୍ୟାପୀ ପାଳନ ହେବ ବିଜେଡି ପ୍ରତିଷ୍ଠା ଦିବସ

## ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ବିଜେଡି

ଭୁବନେଶ୍ୱର, ୨୦।୧୨ (ସମିସ): ଆସନ୍ତା ୨୬ ତାରିଖରେ ବିଜେଡି ୨୮ ବର୍ଷ ପୂରଣ କରି ୨୯ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳିତ ହେବା ସହ ଦଳର ମୁଖ୍ୟାଳୟ ଶଙ୍ଖ ଭବନଠାରେ ମହାସମାରୋହରେ ପାଳନ କରାଯିବ। ଶଙ୍ଖ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେବେ। ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏହି ସୂଚନା ଦେଇଛନ୍ତି।

ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଥିଲେ ଯେ ଡିସେମ୍ବର ୨୬ ତାରିଖରେ ୨୯ତମ ପ୍ରତିଷ୍ଠା ଦିବସ ପାଳନ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଆଗାମୀ ବର୍ଷର କାର୍ଯ୍ୟକ୍ରମ ପାଇଁ ଖୁବ୍ ମହତ୍ତ୍ୱପୂର୍ଣ୍ଣ। ସାମ୍ପ୍ରତିକ ପରିସ୍ଥିତିରେ ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳ ଭାବେ




ଓଡ଼ିଶା ବିକାଶର ଆଭିମୁଖ୍ୟକୁ ଆଗେଇନେବା ସହିତ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ସଂପର୍କରେ ଲୋକଙ୍କୁ ସଚେତନ ଓ ଓଡ଼ିଶାର ସ୍ୱାର୍ଥକୁ ନେଇ

**୧୮ ମାସର ବିଜେପି ସରକାରର ବିଫଳତାକୁ ଲୋକଙ୍କ ପାଖକୁ ନେବ**

ବିଜେଡି ସ୍ୱର ଉତ୍ତୋଳନ କରିବ। ଓଡ଼ିଶାବାସୀଙ୍କ ଭଲ ପାଇବାକୁ ପାଥେୟ କରି ବିଜେଡି ତା'ର କାର୍ଯ୍ୟକ୍ରମ ଜାରି ରଖିଛି। ଦରଦାମ ବୃଦ୍ଧି, ମହିଳା ନିର୍ଯାତନା, ଯୁବଛାତ୍ରଙ୍କ ପ୍ରତି ବିମୁଖତା, ଆଦିବାସୀ, ଦଳିତ ଓ ପଛୁଆବର୍ଗ ପ୍ରତି ଅବିଚାର, ଆଇନଶୃଙ୍ଖଳା ସ୍ଥିତିର ଅବନତି, ଆର୍ଥିକ କୁ-ପରିଚାଳନା, ଓଡ଼ିଶାର ସ୍ୱାର୍ଥସମ୍ବଳିତ ବିଭିନ୍ନ ପ୍ରସଙ୍ଗ ତଥା ପୋଲାଭରମ୍ ଓ ମହାନଦୀ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥ ବ୍ୟାହତ ହେବା ସମ୍ପର୍କରେ ବିଜେଡି ବିଧାନସଭା, ରାଜ୍ୟସଭା ଓ ରାଜରାସ୍ତାରେ ସ୍ୱର ଉତ୍ତୋଳନ କରିଆସୁଛି। ବିଜେପି ସରକାରର କୃଷକ ବିରୋଧୀ ନୀତି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ବିଫଳତା ବିରୋଧରେ ଜନକ୍ଷୋଭକୁ ବିଜେଡି ଉତ୍ଥାପନ କରିଚାଲିଛି। ସଂପ୍ରତି ଚାଷୀଠାରୁ ଧାନ ସଂଗ୍ରହରେ ସରକାରର ବିଫଳତା ପ୍ରସଙ୍ଗରେ ବିଜେଡି ସ୍ୱର ଉତ୍ତୋଳନ କରୁଛି ବୋଲି ଉପରୋକ୍ତ ବରିଷ୍ଠ ନେତାମାନେ କହିଥିଲେ।

ଅପରପକ୍ଷେ, ବରିଷ୍ଠ ଉପ-ସଭାପତି (ମୁଖ୍ୟାଳୟ) ଦେବୀ ପ୍ରସାଦ ମିଶ୍ର ପ୍ରତିଷ୍ଠା ଦିବସ ପାଳନ ନେଇ ବିଜେଡିର ସମସ୍ତ ରାଜ୍ୟସ୍ତରୀୟ କର୍ମକର୍ତ୍ତା, ସାଂସଦ, ବିଧାୟକ, ନିର୍ବାଚନମଣ୍ଡଳୀ ନେତୃତ୍ୱ, ସାଂସଦ ଓ ବିଧାୟକ ପ୍ରାର୍ଥୀ, ରାଜ୍ୟ ପରିଷଦ ସଭ୍ୟ, ଜିଲ୍ଲା ସଭାପତି, ବିଜୁ ଯୁବ, ଛାତ୍ର ଓ ମହିଳା ସଭାପତି, ବିଭିନ୍ନ ସାମ୍ମୁଖ୍ୟ ସଂଗଠନମାନଙ୍କ ରାଜ୍ୟ ଆବାହକ, ଜିଲ୍ଲା ପରିଷଦ ସଭାପତି/ଉପ-ସଭାପତି, ପୌରାଞ୍ଚଳ ମେୟର୍ ଓ ଡେପୁଟି ମେୟର୍, ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ବ୍ଲକ ଓ ନଗର ସଭାପତିମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

# ଆରଟିଓଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ

କଟକ, ୨୦।୧୨(ସମିସ): ରାଜ୍ୟର ୬ଟି ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏଥିପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆରଟିଓମାନଙ୍କୁ ଦୁର୍ଘଟଣା ନିବାରଣ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ଏହି ମାର୍ଗଦର୍ଶିକା ଜାରି କରାଯାଇଛି। ଏହାର ସଠିକ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓ ମାନଙ୍କୁ ନେଇ ଏକ ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ଏବଂ ଏନଫୋର୍ସମେଣ୍ଟକୁ ଗୁରୁତ୍ୱଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ବାଣିଜ୍ୟକ ଯାନରେ ହେଡ୍ ଲାଇଟ୍, ବ୍ରେକ୍ ଲାଇଟ୍, ରିଫ୍ଲେକ୍ଟର ବ୍ୟବହାର କରନ୍ତୁ, ଭୋର ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାଇବା ସହ ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରିବାକୁ ମାର୍ଗଦର୍ଶିକାରେ ପରାମର୍ଶ ଦିଆଯାଇଛି।

# ଇଗ୍ନୋ ନାମଲେଖା ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୦।୧୨ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ଜାନୁଆରି ୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷା ପାଇ ପାରିନଥିବା ପ୍ରାର୍ଥୀମାନେ ନାମ ଲେଖାଇ ପାରିବେ। ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା ଏବଂ ସାର୍ଟିଫିକେଟ୍ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଜାନୁଆରି ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। କଳା, ବିଜ୍ଞାନ, ବାଣିଜ୍ୟରେ ସ୍ନାତକ ପଢ଼ିବାକୁ ଆଗ୍ରହୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଫି' ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ଛାତ୍ରବୃତ୍ତି ପାଉଥିଲେ, ଏହି ସୁବିଧା ପାଇବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଇଗ୍ନୋର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଏହାସହ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ଇ-ମେଲ୍ ମାଧ୍ୟମରେ ଓ ୦୬୭୪-୨୯୭୨୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

**ଜାନୁଆରୀ ୩୧ ଶେଷ ତାରିଖ**

# ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ସାଜିଛି ଟ୍ରେନ୍

କଟକ, ୨୦।୧୨(ସମିସ): ଓଡ଼ିଶାରେ ଗଞ୍ଜେଇ ଚାଲାଣର ପ୍ରମୁଖ ମାଧ୍ୟମ ପାଲଟିଛି ଟ୍ରେନ୍। ବାହାରୁ ଆସୁଥିବା ଏବଂ ଏଠାରୁ ଚାଲାଣ ହେଉଥିବା ଅଧିକାଂଶ ଗଞ୍ଜେଇ ଟ୍ରେନ୍‌ରେ ପରିବହନ ହେଉଛି। ଟ୍ରେନ୍‌ରେ ଗଞ୍ଜେଇ ଚାଲାଣକୁ ସୁରକ୍ଷିତ ମଣୁଛନ୍ତି ମାଫିଆ। ଚଳିତବର୍ଷ ରେଳବାଇ ପୁଲିସ ବେଆଇନ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ମଧ୍ୟ ଅନେକ ଘଟଣାରେ ପୁଲିସକୁ ଚକ୍‌ମା ଦେଇ ମାଫିଆମାନେ ସହଜରେ ଟ୍ରେନ୍‌ରେ ଗଞ୍ଜେଇ ପରିବହନ କରୁଛନ୍ତି। ଚଳିତବର୍ଷ ରେଳବାଇ ପୁଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିବା ଏହାର ଜ୍ୱଳନ୍ତ ପ୍ରମାଣ ବୋଲି କୁହାଯାଉଛି। ଏନ୍‌ଡିପିଏସ ଆଇନ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ଏହି ସମସ୍ତ ମାମଲାରେ ୨୯୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

କଟକ ଓ ରାଉରକେଲା ରେଳ ଷ୍ଟେସନ୍ ଗଞ୍ଜେଇ ଚାଲାଣର ହବ୍ ଭାବେ ପରିଗଣିତ ହୋଇଛି। ଚଳିତବର୍ଷ କଟକ ରେଳବାଇ ପୁଲିସ ୮୭ଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଞ୍ଜେଇ ଜବତ ସହ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଳବାଇ ପୁଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହାସହ ଚୋରା ଚାଲାଣରେ ସମ୍ପୃକ୍ତ ଥିବା

**ବର୍ଷକରେ ୨୦୦ ମାମଲା ଓ ୩୩୫୨କିଲୋ ଗଞ୍ଜେଇ ଜବତ**

୧୮୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେହିପରି ୨.୬୧ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜୁରାଟ ଭଳି ରାଜ୍ୟର ବୋଲି ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାଗୁଡ଼ିକର ତଦନ୍ତ ଜାରି ରହିଛି ଏବଂ ଏହା ପଛରେ ଥିବା ନେଟ୍‌ୱାର୍କର ପର୍ଦ୍ଦାଫାସ୍ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ(ଆରପିଏଫ) ଓ ସରକାରୀ ରେଳବାଇ ପୁଲିସ (ଜିଆରପି) ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ଓ ପକ୍ଷରୁ ମିଳିତ ଅଭିଯାନ କରାଯାଉଛି। ଟ୍ରେନ୍‌ରେ ସନ୍ଦେହଜନକ ବ୍ୟାଗ/ପାର୍ସଲ ତନ୍ନତନ୍ନ କରି ଯାଞ୍ଚ ସହ ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେସନ୍ ଓ ଟ୍ରେନ ବଗି ଯାଞ୍ଚ କରାଯାଉଛି। ଜିଆରପି ଓ ଆରପିଏଫ ମଧ୍ୟରେ ସମନ୍ୱୟ ରଖାଯାଇ କଠୋର୍ ଯାଞ୍ଚ ପ୍ରକ୍ରିୟା ଜାରି ରହିବ ଏବଂ ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

# ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୦।୧୨ (ସମିସ): ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ(ଆଇଏସ୍‌ଏସ୍)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଳାଙ୍କ ସହ ସାକ୍ଷାତ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ଳାଙ୍କ ସାହସ ଓ ଦୁଃସାହସିକ ଯାତ୍ରାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିବା ସହ ଦେଶର କୋଟି କୋଟି ଯୁବପିଢ଼ିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ସାମିଲ କରିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ମହାକାଶ ବିଜ୍ଞାନରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି।



ଏହାକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ ସ୍ପେସ୍ ପ୍ରଫେସନାଲ୍ ଭାବେ ଗଢ଼ିତୋଳିବାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# କଏଦୀ ଫେରାର୍ ହୋଇଗଲେ ଥାନା ରୁଜୁ କରୁନି ମାମଲା

**ଭୁବନେଶ୍ୱର,୨୦।୧୨(ସମିସ):** ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀ ଫେରାର ହୋଇଯାଉଛନ୍ତି। ପାରୋଲ୍ ଏବଂ ସ୍ପେଶାଲ ଲିଭ୍‌ରେ ଯାଉଥିବା କଏଦୀ ଜେଲ୍‌କୁ ଫେରୁ ନାହାନ୍ତି। ଉକ୍ତ ଜେଲ୍ ପକ୍ଷରୁ କଏଦୀମାନଙ୍କ ଘର ପାଖ ଥାନାରେ ଏତଲା ଦିଆଯାଉଛି; ହେଲେ ଜେଲ୍ ବିଭାଗର ଏତଲାକୁ ଥାନା ଫୁ' କରିଦେଉଛି। ଏପରିକି ମାମଲା ବି ରୁଜୁ କରୁନି। ଜେଲ୍ ବିଭାଗକୁ ପୁଲିସଠାରୁ କୌଣସି ପ୍ରକାର ସହଯୋଗ ବି ମିଳୁନି। ଯାହାକୁ ନେଇ ଅଡୁଆରେ ପଡି ଯାଉଛି ଜେଲ୍ ବିଭାଗ। ଏଥିପାଇଁ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଥାନା ପକ୍ଷରୁ କୌଣସି ବି ଏଭଳି ବ୍ୟବହାର ଦେଖାଯାଉଥିଲେ ଜିଲ୍ଲା ଏସ୍‌ପିଙ୍କୁ ତୁରନ୍ତ ଅବଗତ କରାଇବା ସହ ଜେଲ୍ ନିର୍ଦ୍ଦେଶାଳୟକୁ ବି ଏସମ୍ପର୍କରେ ଜଣାଅ ବୋଲି ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ଜେଲ୍ ଅଧୀକ୍ଷକମାନଙ୍କୁ ଚିଠି ଲେଖାଯାଇଛି।

ଜଣେ କଏଦୀ ପାରୋଲ କିମ୍ବା ସ୍ପେଶାଲ ଲିଭ୍‌ରେ ଯିବା ପୂର୍ବରୁ ସଂପୃକ୍ତ ଜେଲ୍ କର୍ତ୍ତୃପକ୍ଷ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଏବଂ ଉକ୍ତ ଜିଲ୍ଲାର ଏସ୍‌ପିଙ୍କ ଅନୁମତି ଲୋଡ଼ିଥା'ନ୍ତି। ଜିଲ୍ଲା ପ୍ରଶାସନ ଏବଂ ପୁଲିସ ସବୁ ଦିଗକୁ ଦେଖି ପାରୋଲ୍ କିମ୍ବା

**କଡ଼ା ଆଭିମୁଖ୍ୟ ଗ୍ରହଣ କଲା ଜେଲ୍ ବିଭାଗ**
**ଜେଲ୍ ଅଧୀକ୍ଷକଙ୍କୁ ଜେଲ୍ ନିର୍ଦ୍ଦେଶାଳୟର ଚିଠି**

ସ୍ପେଶାଲ ଲିଭ୍‌ରେ କଏଦୀ ଛାଡିବାକୁ ଅନୁମତି ଦେଇଥା'ନ୍ତି। ଏମାନଙ୍କ ଅନୁମତିପତ୍ର ଜେଲ୍ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ପରେ ଜେଲ୍ ବିଭାଗ କଏଦୀଙ୍କୁ ପାରୋଲରେ ଛାଡିଥାଏ। କିନ୍ତୁ କଏଦୀ ନ ଆସିଲା ବେଳକୁ ଜେଲ୍ ବିଭାଗର ଏତଲାକୁ ଗ୍ରହଣ କରାଯାଉ ନାହିଁ, ଥାନା ମାମଲା ରୁଜୁ କରୁ ନାହିଁ। ଫଳରେ ଡକାୟତି, ହତ୍ୟା, ଚୋରି ମାମଲାରେ ଲିପ୍ତ ଥିବା ଅପରାଧୀ ଆରାମରେ ବାହାରେ ବୁଲୁଛନ୍ତି। ଗୋଟିଏ ପଟେ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କହୁଛି। ହେଲେ କଏଦୀ ଖସିଗଲେ, କିମ୍ବା ନ ଫେରିଲେ କାହିଁକି ଜେଲ୍ ବିଭାଗର ଏତଲାକୁ ଗୁରୁତ୍ୱ ଦେଉନି, ସେନେଇ ପ୍ରଶ୍ନ ଉଠିଛି।

ରାଜ୍ୟର ଅଧିକାଂଶ ଜେଲ୍‌ରୁ କଏଦୀମାନେ ଫେରାର୍ ହୋଇଯାଉଛନ୍ତି। ହେଲେ ଆଉ ଫେରୁ ନାହାନ୍ତି କିମ୍ବା ସରେଣ୍ଡର କରୁନାହାନ୍ତି। କଏଦୀମାନେ ଜେଲ୍‌କୁ ନ ଫେରିବାକୁ ନେଇ ଓଡ଼ିଶା ହାଇକୋର୍ଟ ଚିନ୍ତାପ୍ରକଟ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଜେଲ୍ ନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ଜେଲ୍‌ର ଅଧୀକ୍ଷକଙ୍କୁ ଚିଠି ଲେଖାଯାଇଛି। ଏଥିରେ ଜେଲ୍ ନିର୍ଦ୍ଦେଶାଳୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଜାନୁଆରୀ ୯ରେ

କଟକ,୨୦।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏଭିଇଟି) ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଓଏମଏଭିଇଟି) ଆସନ୍ତା ୨୦୨୬ ଜାନୁଆରି ୯ ତାରିଖରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଓଡ଼ିଶା ମାଧ୍ୟମିକ ଶିକ୍ଷା (ବୋର୍ଡ) ପକ୍ଷରୁ ସୂଚନା ଦିଆଯାଇଛି। ଷଷ୍ଠ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ସେହିଭଳି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପାଇଁ ସକାଳ ୧୦ଟାରୁ ଦିନ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ୧୦୦ଟି ପ୍ରଶ୍ନ ପାଇଁ ମୋଟ ୧୦୦ ନମ୍ବର ରଖାଯାଇଛି। ଆସନ୍ତା ୩୦ ତାରିଖରୁ ବୋର୍ଡ ୱେବସାଇଟ୍‌ରୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ କରି ସଂଗ୍ରହ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରେଇ ସୂଚନା ଦେଇଛନ୍ତି। ସୂଚନାଥାଉକି ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ୍ ପଞ୍ଜୀକରଣ ଗତ ନଭେମ୍ବର ୧୨ତାରିଖରୁ ଆରମ୍ଭ ହୋଇ ଡିସେମ୍ବର୧୦ରେ ଶେଷ ହୋଇଥିଲା।

# ଶିମିଳିପାଳରୁ ଶିକାରୀ ଗିରଫ

ବାରିପଦା, ୨୦।୧୨ (ସମିସ): ଶିମିଳିପାଳ ଅଭୟାରଣ୍ୟ ଭିତରୁ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତା' ନିକଟରୁ ୨୫କେଜି ବାର୍‌ହା ମାଂସ ଜବତ କରିଛି। ସେ ହେଲା, ଯଶିପୁର ଥାନା ଅସ୍ତକୁଅଁର ପଞ୍ଚାୟତ ଗୋପିନାଥପୁରର ମାସି ଆଲେୟା। ତା' ନିକଟରୁ ରକ୍ତଲଗା ୭ଟି ତୀର, ୨ଟି ଧନୁ ଓ ଗୋଟିଏ କୁରାଢ଼ୀ ଜବତ ହୋଇଛି। ତେବେ

**୨୫ କେଜି ବାର୍‌ହା ମାଂସ ଓ ମାରଣାସ୍ତ୍ର ଜବତ**

ବନ ବିଭାଗକୁ ଚକ୍‌ମା ଦେଇ ଅନ୍ୟ ୪ଜଣ ଶିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।

ଜଙ୍ଗଲ ଭିତରେ କିଛି ଶିକାରୀ ଶିକାର କରୁଥିବା ଖବର ପାଇ ପିଠାବାଟା ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ ଓ ଶିମିଳିପାଳ ଟାଇଗର୍ ପ୍ରୋଟେକ୍‌ସନ୍ ଫୋର୍ସ(ଏସ୍‌ଟିପିଏଫ୍) ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ବନ କର୍ମଚାରୀଙ୍କୁ ଦେଖି ୪ଜଣ ଶିକାରୀ ଚମ୍ପଟ ମାରିଥିବା ବେଳେ ମାସି ଧରାପଡ଼ି ଯାଇଥିଲା। ଫେରାର୍



ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ(ଦକ୍ଷିଣ)ର କ୍ଷେତ୍ର ଉପନିର୍ଦ୍ଦେଶକ ଡ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

**ନୂଆ ବସ୍‌ଷ୍ଟାଣ୍ଡ ପାଇଁ ସମୂହ ଗଛ କଟାଯିବାକୁ ବିରୋଧ**

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଆଇନଜୀବୀ

ବାରିପଦା, ୨୦।୧୨(ସମିସ): ବାରିପଦାରେ ପ୍ରସ୍ତାବିତ ନୂତନ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହରର ପାଲବଣୀ ନିକଟରେ ବ୍ୟାପକ ଗଛକଟାକୁ ବିରୋଧ ଆରମ୍ଭ ହୋଇଛି। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ




ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର-ପିଟିସନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି।

ଆଇନଜୀବୀ ଶ୍ରୀ ଶର୍ମାଙ୍କ ଏହି ଆବେଦନରେ କୁହାଯାଇଛି ଯେ ପ୍ରକଳ୍ପ ପାଇଁ ସରକାରୀ ଭାବେ ୧,୬୮୯ଟି ଗଛ କଟାଯିବାର ଅନୁମତି ମିଳିଥିବା ବେଳେ ପ୍ରକୃତରେ ପ୍ରାୟ ୫,୦୦୦ରୁ ଅଧିକ ଗଛ କଟାଯାଇ ସାରିଛି। ଏହା ମଧ୍ୟରେ ୪୦-୫୦ବର୍ଷର ପୁରୁଣା ଗଛ ମଧ୍ୟ ରହିଛି। ସେହିଭଳି ଗଛକଟା କାର୍ଯ୍ୟକୁ ଦିନ ବଦଳରେ ହଠାତ୍ ରାତିରେ କାହିଁକି କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସବୁଜ ଅଞ୍ଚଳର ବିନାଶ ଦ୍ୱାରା ଏସିଆର ସର୍ବାଧିକ ଉତ୍ତପ୍ତ ସହର ମଧ୍ୟରୁ ଅନ୍ୟତମ ବାରିପଦାର ତାପମାତ୍ରା ଆହୁରି ବୃଦ୍ଧି ପାଇବ ଏବଂ ଜଳବାୟୁ ପ୍ରତିରୋଧ କ୍ଷମତା ହ୍ରାସ ପାଇବ। ସୁପ୍ରିମକୋର୍ଟଙ୍କ ଏକ ମତାମତକୁ ଉଦ୍ଧୃତ କରି ଆବେଦନରେ କୁହାଯାଇଛି ଯେ ଗଛ କାଟିବା ମଣିଷ ହତ୍ୟାଠାରୁ ମଧ୍ୟ ସଂଗିନ୍, ଭୟଙ୍କର। ତେଣୁ, ତୁରନ୍ତ ଗଛକଟା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳର ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଓ ଏହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏହି ଆବେଦନ ଓଡ଼ିଶାର ମୁଖ୍ୟ ସଚିବ, ପ୍ରଧାନ ବନ ସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଏଫଓଙ୍କୁ ପଠାଯାଇଛି।

**ପୁରୀ କୋର୍ଟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ**

# ରାସ୍ତାରେ ବସିଲେ ଆଇନଜୀବୀ

ପୁରୀ, ୨୦।୧୨(ସମିସ):ବାଲୁଖଣ୍ଡ ଅଭୟାରଣ୍ୟ ତଥା ପୁରୀର ମଧୁର ଜଳ ସଂରକ୍ଷିତ ଅଞ୍ଚଳକୁ ପୁରୀ କୋର୍ଟ ସ୍ଥାନାନ୍ତର କରାଯିବା ପାଇଁ ମସୁଧା ଚାଲିଛି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି ପୁରୀ ଓକିଲ ସଂଘ। ଏହାର ପ୍ରତିବାଦରେ ଓକିଲମାନେ ସତ୍ୟାଗ୍ରହ ଚଳାଇଛନ୍ତି। ଶନିବାର ଏହି ସତ୍ୟାଗ୍ରହ ୨୯୬ ଦିନରେ ପହଞ୍ଚିଥିବା ବେଳେ ଏହାର କୌଣସି ସୁଫଳ ମିଳିପାରିନାହିଁ। ତେଣୁ କଡ଼ା ଆଭିମୁଖ୍ୟସ୍ୱରୂପ ରାସ୍ତାକୁ ଓହ୍ଲାଇଛନ୍ତି ଆଇନଜୀବୀ। ଶନିବାର ପୁରୀ ପ୍ରବେଶପଥ ଅଠରନଳାଠାରେ ଶହଶହ ଓକିଲ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ରାସ୍ତାରେ ବସି ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିବା ସହ ଏହାକୁ ବଦଳାଇବାକୁ ଜିଦ୍ କରିଛନ୍ତି। ଏହି ରାସ୍ତାରୋକ ଫଳରେ ପ୍ରାୟ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା।

ଆନ୍ଦୋଳନକାରୀ ଆଇନଜୀବୀ ସଂଘ ପକ୍ଷରୁ କୁହାଯାଇଛି ଯେ ପୁରୀ ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ। ଏଠାରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ କୋର୍ଟ ଥିବାରୁ ଲୋକେ ସହଜରେ




ସେବା ପାଉଛନ୍ତି। ଜିଲ୍ଲାପାଳ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳକୁ ସ୍ଥାନାନ୍ତର ଯୋଜନା ଗ୍ରହଣଯୋଗ୍ୟ

**■ ଅଠରନଳାଠାରେ କଲେ ରାସ୍ତାରୋକ ଆନ୍ଦୋଳନ**
**■ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କଲା ଆପ୍**

ନୁହେଁ। ସେଠାରେ ହଜାରହଜାର ଗଛ ଅଛି। ଏହା ସହରବାସୀଙ୍କ ପାଇଁ ଏକମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହା ମଧୁର ଜଳ ଅଞ୍ଚଳକୁ ଶେଷ କରିବା ପାଇଁ ଚକ୍ରାନ୍ତ ନୁହେଁ ତ? ସରକାର କେଉଁଭଳି କୋର୍ଟ କମ୍ପ୍ଲେକ୍ସ ପାଇଁ ସେଇ ଜମିକୁ ଆଇନ ବିଭାଗକୁ ଟେକି ଦେଇଛନ୍ତି? ଆଇନ ବିଭାଗ କିପରି ସେଠାରେ କୋର୍ଟ କମ୍ପ୍ଲେକ୍ସ କରିବ? ସେହି ଜମି ହସ୍ତାନ୍ତରକୁ ବାତିଲ୍ କରାଯାଉ। ପୂର୍ବରୁ ଓକିଲ ସଂଘ ଉଚ୍ଚ ନ୍ୟାୟାଳୟ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କଟକଣା ଥିବା ଜମିରେ କୋର୍ଟ କମ୍ପ୍ଲେକ୍ସ ନକରି ବର୍ତ୍ତମାନ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଏ, ଉପଜିଲ୍ଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି, ଯେପରି ଭୁବନେଶ୍ୱର ଓ ଗଞ୍ଜାମରେ ହୋଇଛି; ପୁରୀରେ କାହିଁକି ନ ହେବ?

ଏହି ଆନ୍ଦୋଳନରେ ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆରସିଂ, ମନୋରଞ୍ଜନ ସାହୁ, ଜ୍ୟୋତିପ୍ରକାଶ ପାଇକରାୟ, ରାଜେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ସରକାର ଦାବି ନ ମାନିଲେ, ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଦୀର୍ଘ ୯ ମାସ ହେବ ପୁରୀ ଓକିଲ ସଂଘ ଯେଉଁ ଆନ୍ଦୋଳନ ଚଳାଇଛି ଏହାକୁ ସମର୍ଥନ କରିଛି ପୁରୀ ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)। ଆପ୍ ଜିଲ୍ଲା ସଭାପତି ଶନିବାର ଓକିଲ ସଂଘକୁ ସମର୍ଥନ କରୁଥିବା ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।



ଟି-୨୦ ବିଶ୍ୱକପ୍ ଦଳରେ ଇଶାନ ସାମିଲ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-175 ◆SUNDAY ◆21 DECEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୭୫ ◆ରବିବାର ◆୨୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୁରା ସହ)


# ରାଜଧାନୀ ଏକ୍ସପ୍ରେସ୍ ଧକ୍କାରେ ୭ ହାତୀ ମୃତ

■ ଗୌହାଟୀ, ୨୦।୧୨(ଏଜେନ୍ସି): ଆସାମର ହୋଜାଲ ଜିଲ୍ଲାରେ ରାଜଧାନୀ ଏକ୍ସପ୍ରେସ ଧକ୍କାରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ହାତୀ ଛୁଆ ଆହତ ହୋଇଛି । ଏହି ଟ୍ରେନର ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀ ଯାଉଥିଲା । ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି । ହାତୀପଲକୁ ଧକ୍କା ଦେବା ପରେ ରାଜଧାନୀ ଏକ୍ସପ୍ରେସର ଇଞ୍ଜିନ ଓ ୫ଟି ବଗି ଲାଇନଚ୍ୟୁତ ହୋଇଛି । ତେବେ କୌଣସି ରେଳ ଯାତ୍ରୀ ଆହତ ହୋଇ ନାହାନ୍ତି । ତେବେ ଏହି ରୁଟରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଛି ।

**ଇଞ୍ଜିନ୍ ସହ ୫ ବଗି ଲାଇନ୍‌ଚ୍ୟୁତ**

**ଉତ୍ତର-ପୂର୍ବାଞ୍ଚଳରେ ଟ୍ରେନ ସେବା ବ୍ୟାହତ**

ରେଳବାଇ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ଯେ ଯେଉଁ ସ୍ଥାନରେ ଦୁର୍ଘଟଣା ଘଟିଛି, ତାହା ହାତୀ କରିଡର ନଥିଲା । ଚାଙ୍ଗଜୁରାଇ ଗାଁ ନିକଟରେ ରାତି ୨ଟା ୧୭ ମିନିଟରେ ଏହି ଦୁର୍ଘଟଣା ଘଟିଥିଲା । ରାଜଧାନୀ ଏକ୍ସପ୍ରେସ ଦ୍ରୁତ ଗତିରେ ଯାଉଥିବା ବେଳେ ଏକ ହାତୀ ପଲ ରେଳ ଧାରଣା ପାର ହେଉଥିବା ଟ୍ରେନ ଡ୍ରାଇଭର ଦେଖିଥିଲେ । ଦୁର୍ଘଟଣଶ ଏଡ଼ାଇବା ଲାଗି ସେ ଏମର୍ଜେନ୍ସି ବ୍ରେକ୍ ଲଗାଇଥିଲେ । ତଥାପି ଟ୍ରେନ ହାତୀପଲକୁ ଧକ୍କା ଦେଇଥିଲା । ଟ୍ରେନ ଡ୍ରାଇଭରଙ୍କର ପ୍ରଶଂସା କରି ସେ କହିଛନ୍ତି ଯେ ଏମର୍ଜେନ୍ସି ବ୍ରେକ୍ ଲଗାଇନଥିଲେ ବଡ଼ ଧରଣର ଦୁର୍ଘଟଣାର ଆଶଙ୍କା ଥିଲା । ଏହା ଯାତ୍ରୀମାନଙ୍କୁ ବିପଦରେ ପକାଇ ଥାଆନ୍ତା । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ୮ଟି ହାତୀର ମୃତ୍ୟୁ ନେଇ ସୂଚନା ମିଳିଥିଲା । କିନ୍ତୁ ପରେ ଗୋଟିଏ ଛୁଆ ହାତୀ ବଞ୍ଚିଯାଇଥିଲେ ମଧ୍ୟ ଗୁରୁତର ଭାବେ ଆହତ ହୋଇଛି । ରେଳ ଧାରଣା ଉପରେ ହାତୀ ଶବଗୁଡ଼ିକ ପଡ଼ିଥିବାରୁ ତାକୁ ହଟାଯାଉଛି । ଟ୍ରେନ ଯାତ୍ରୀଙ୍କୁ ଦିଲ୍ଲୀ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଇଛି ।

ଉତ୍ତରପୂର୍ବ ଫ୍ରଣ୍ଟିଅର ରେଳବାଇ (ଏନ୍‌ଏଫ୍‌ଆର)ର ମୁଖ୍ୟ ଜନସମ୍ପର୍କ ଅଧିକାରୀ କପିଞ୍ଜଳ କିଶୋର ଶର୍ମା କହିଛନ୍ତି ଯେ ଗୌହାଟୀରୁ ପ୍ରାୟ ୧୨୬ କିମି ଦୂରରେ ଲୁମଡିଙ୍ଗ ▶ପୃଷ୍ଠା-୭



# ଆଣ୍ଠେଇଛି ପିଏମ୍ ସୂର୍ଯ୍ୟ ଘର ଯୋଜନା

■ ଭୁବନେଶ୍ୱର, ୨୦।୧୨ (ସମିସ): ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାରେ ଛାତ ଉପରେ ସୌର ବିଜୁଳି ଉତ୍ପାଦନ ପାଇଁ କେନ୍ଦ୍ରଠାରୁ ରାଜ୍ୟ ସରକାର ବ୍ୟାପକ ସବ୍‌ସିଡି ପ୍ରଦାନ କରୁଛନ୍ତି । ଏହାସତ୍ତ୍ୱେ ଓଡ଼ିଶାରେ ଏହି ଯୋଜନା ସେମିତି ଆଖିଦୃଶିଆ ଅଗ୍ରଗତି ହାସଲ କରିପାରୁ ନାହିଁ । ରାଜ୍ୟରେ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ୧.୫ ଲକ୍ଷ ଏବଂ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୩ ଲକ୍ଷ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲଗାଇବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଟାର୍ଗେଟ ଦେଇଛନ୍ତି । ମାତ୍ର ଓଡ଼ିଶାରେ ଏଯାବତ୍ ଦେଢ଼ଲକ୍ଷ ଆବେଦନକାରୀ ଥିବାବେଳେ ମାତ୍ର ୨୪,୯୫୫ଟି ରୁଫଟପ୍ ବା ଛାତରେ ସୌର ପ୍ୟାନେଲ ଲାଗିପାରିଛି । ସର୍ବଭାରତୀୟ ସ୍ତରରେ ଓଡ଼ିଶା ସୋଲାର ପ୍ୟାନେଲ ଲଗାଇବାରେ ୧୨ତମ ସ୍ଥାନରେ ରହିଥିବା ବେଳେ ଅନେକ ଛୋଟ ରାଜ୍ୟ ଓଡ଼ିଶା ଉପରେ ରହିଛନ୍ତି, ଯାହା ରାଜ୍ୟରେ ଯୋଜନାର ଅଗ୍ରଗତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**ସର୍ବଭାରତୀୟ ସ୍ତରରେ ଓଡ଼ିଶାଠାରୁ ଆଗରେ ଅଛନ୍ତି ଏକାଧିକ ଛୋଟ ରାଜ୍ୟ**

**ଦେଢ଼ଲକ୍ଷ ଆବେଦନ; ୨୪,୯୫୫ ରୁଫ୍‌ଟପ୍‌ରେ ସୋଲାର ପ୍ୟାନେଲ**

ମିଳିଥିବା ସୂଚନା ଅନୁଯାୟ ଓଡ଼ିଶାରେ ଏଯାବତ୍ ୨୫ ହଜାରରୁ କମ୍ ରୁଫ୍‌ଟପ୍ ସୋଲାର ପ୍ୟାନେଲ ଲାଗିଥିବା ବେଳେ କେରଳ ପରି ଛୋଟ ରାଜ୍ୟ କିନ୍ତୁ ଏ କ୍ଷେତ୍ରରେ ବେଶ୍ ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି । କେରଳରେ ୧ ଲକ୍ଷ ୭୧ ହଜାର ୫୯୦ଟି ରୁଫ୍‌ଟପ୍ ସୋଲାର ପ୍ୟାନେଲ ଏଯାବତ୍ ଲାଗିସାରିଛି । ସେହିପରି ଆସାମରେ ୬୬୦୯୨, ଉତ୍ତରାଖଣ୍ଡରେ ୫୬ ହଜାରରୁ ଅଧିକ ପ୍ୟାନେଲ ଲାଗି ସାରିଛନ୍ତି । ଆୟତନ, ଆର୍ଥିକ ସମ୍ବଳ ଦୃଷ୍ଟିରୁ ଉପରୋକ୍ତ ରାଜ୍ୟଗୁଡ଼ିକ ଓଡ଼ିଶାଠାରୁ ବେଶ୍ ପଛରେ ଥିବାବେଳେ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଅପେକ୍ଷା ବେଶ୍ ସଚେତନ ଥିବା ସ୍ପଷ୍ଟ ପରିଲିକ୍ଷିତ ହେଉଛି ।

**ମାର୍ଚ୍ଚ ଶେଷ ସୁଦ୍ଧା ଦେଢ଼ଲକ୍ଷ ରୁଫ୍‌ଟପ୍ ପ୍ୟାନେଲ୍ ସ୍ଥାପନ ଲକ୍ଷ୍ୟ ପୂରଣ ନେଇ ପ୍ରଶ୍ନବାଚୀ**

**ୟୁଏଲ୍ଏ ମଡେଲ୍ ଅଧୀନରେ ଏଣିକି ୧ କିଲୋୱାଟ୍ ପାଇଁ ୧୮୭୫ ଟଙ୍କା ଦେୟ**

ରୁଫ୍‌ଟପ୍ ସୌର ଶକ୍ତି ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ ରାଜ୍ୟ ଶକ୍ତି ବିଭାଗ ଏବଂ ବିତରକ କମ୍ପାନୀର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁଠାରୁ ବଡ଼ କଥା ହେଉଛି ଯେ ସୋଲାର ପ୍ୟାନେଲ ଲଗାଇବା ପାଇଁ ଓଡ଼ିଶାର ୪ଟି ବିତରକ କମ୍ପାନୀ ନିକଟରେ ପ୍ରାୟ ଦେଢ଼ ଲକ୍ଷ ଲୋକ ଆବେଦନ କରିଥିଲେ । ତନ୍ମଧ୍ୟରୁ ୯୭,୦୭୪ ଜଣ ପ୍ୟାନେଲ ଲଗାଇବା ପାଇଁ ଭେଣ୍ଡର ମଧ୍ୟ ଚୂଡ଼ାନ୍ତ କରିଥିଲେ । ଏସବୁ ସତ୍ତ୍ୱେ ମାତ୍ର ୨୪,୯୫୫ ଜଣ ସୋଲାର ପ୍ୟାନେଲ ଲଗାଇବାକୁ ନେଇ ଶକ୍ତି ସମୀକ୍ଷକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ▶ପୃଷ୍ଠା-୭

### ବାଂଲାଦେଶରେ ଥମୁନି ବିଦ୍ୱେଷର ବହ୍ନି

# ଘର ସହ ନାବାଳିକାଙ୍କୁ ଜାଳିଦେଲେ

■ ଢାକା, ୨୦।୧୨ (ଏଜେନ୍ସି): ଇନ୍‌କିଲାବ ମଞ୍ଚର ନେତା ଉସମାନ ହାଦିଙ୍କ ହତ୍ୟା ପରେ ବାଂଲାଦେଶରେ ଆରମ୍ଭ ହୋଇଥିବା ବିଦ୍ୱେଷ ନିଆଁ ବନ୍ଦ ହେବାର ନା ଧରୁନି । ଏହା ଉଗ୍ର ରୂପ ଧାରଣ କରିଛି । ଉପଦ୍ରବୀମାନେ ମାନବିକତା ଭୁଲି ହିଂସା, ଲୁଟ୍‌ପାଟ୍ ଚଳାଇଥିବାବେଳେ ବିଏନ୍‌ପି ନେତାଙ୍କ ଘରେ ଆକ୍ରମଣ କରି ତାଙ୍କ ଶିଶୁ କନ୍ୟାଙ୍କୁ ଜିଅନ୍ତା ଜାଳି ଦେଇଛନ୍ତି । ଏପରି ସମୟରେ ଆଜି ହାଦିଙ୍କୁ ରାଷ୍ଟ୍ରୀୟ କବି ନଜରୁଲ ଇସଲାମଙ୍କ କବର ନିକଟରେ କବର ଦିଆଯାଇଛି । ଇନ୍‌କିଲାବ୍ ମଞ୍ଚର ସମର୍ଥକ ମହମ୍ମଦ ୟୁନୁସଙ୍କ ସରକାରଙ୍କୁ ୨୪ ଘଣ୍ଟିଆ କଣ୍ଟ ଦେଇଛନ୍ତି । ହତ୍ୟାକାଣ୍ଡରେ ସାମିଲ ଅପରାଧୀଙ୍କୁ ଧରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ତାହାର ସୂଚନା ମାଗିଛନ୍ତି । ହାଦିଙ୍କ ଏହି ଅନ୍ତିମ ଯାତ୍ରାରେ ସାମିଲ ଲକ୍ଷାଧିକ ଲୋକେ ବାରିକେଡ ଭାଙ୍ଗି ସଂସଦରେ ପଶି ଆଜି ଭଙ୍ଗାରୁଜା କରିଛନ୍ତି । ବାଂଲାଦେଶର ସ୍ଥିତିକୁ ଦେଖି ଭାରତୀୟ ସେନା ସୀମାରେ ସଜାଗ ରହିଛି । ଏପରି ସମୟରେ ହାଦିଙ୍କ ହତ୍ୟା ▶ପୃଷ୍ଠା-୭



**ସଂସଦରେ ଉପଦ୍ରବୀଙ୍କ ଲୁଟ୍‌ପାଟ୍, ସରକାରଙ୍କୁ ଦେଲେ ୨୪ ଘଣ୍ଟିଆ କଣ୍ଟ**

**ହିଂସାକାଣ୍ଡ ପଛରେ ଆଇଏସ୍ଆଇର 'ଢାକା ସେଲ୍'**

**ଭାରତ-ବାଂଲାଦେଶ ସେନାମୁଖ୍ୟଙ୍କ ଆଲୋଚନା**

# ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ ଲୁଟେରା

■ ଅମ୍ବାଦଳା/ମୁନିଗୁଡ଼ା, ୨୦।୧୨ (ସମିସ): ଲୁଟିବାକୁ ଆସି ବୃଦ୍ଧାଙ୍କୁ ପୋଡ଼ି ମାରିଦେଲେ । ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି । ମୃତ ବୃଦ୍ଧାଜଣଙ୍କ ହେଲେ, ଅମ୍ଲାଭଟା ପଞ୍ଚାୟତ ଷ୍ଟେସନ୍ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି (୭୫) । ଆଜି ସକାଳୁ ତାଙ୍କ ଘରୁ ପୋଡ଼ାଗନ୍ଧ ବାହାରିବା ଓ ତାଙ୍କ କବାଟ ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା । ଘରେ ପଶି ଦେଖିବା ବେଳକୁ ତୁଳା ଅଧା ପୋଡ଼ି ଯାଇଥିଲେ । ଆଣ୍ଠୁତଳ ଦୁଇ ଗୋଡ଼କୁ ଛାଡ଼ିଲେ, ଶରୀରର ଅନ୍ୟ ଅଂଶଗୁଡ଼ିକ ପୋଡ଼ି ଯାଇଥିଲା । ଖବର ପାଇ ଆମ୍ବଦଳା ଆଇଆଇସି କଳ୍ପନା ବେହେରା, ମୁନିଗୁଡ଼ା ଆଇଆଇସି ସୌଦାମିନୀ ବେହେରା, ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ରାୟଗଡ଼ା ଜିଲ୍ଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଦେବରକୋଣ୍ଡା ନାଗରାଜ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ ।

**ଘରୁ ଅର୍ଦ୍ଧଦଗ୍ଧ ଶବ ଜବତ**

ପୁଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଦୁର୍ବୃତ୍ତମାନେ ପ୍ରଥମେ ବୃଦ୍ଧାଙ୍କ ଗଳାକାଟି ହତ୍ୟା କରିବା ପରେ ତାଙ୍କୁ ପୋଡ଼ି ଦେଇଥିଲେ । ତୁଳା ଘରେ ଏକୁଟିଆ ରହୁଥିଲେ । ତାଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ । ଏହି ସୁନା ଲୁଟିବା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରୁଛି । ପୁଲିସ ବୃଦ୍ଧାଙ୍କ ଗୋଡ଼ ଏବଂ ପାଉଁଶ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ଏବଂ ଅଧିକ ତଦନ୍ତ ପାଇଁ କୋରାପୁଟ ଏଫ୍‌ଏମ୍‌ଟିକୁ ପଠାଇଥିବା ଜଣାପଡ଼ିଛି । ପୁଲିସ ଘଟଣାର ତଦନ୍ତ କରୁଛି, ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି ।

# ଟ୍ରେନରେ ଜେନେରାଲ ଟିକଟର ପ୍ରିଣ୍ଟ ଦେଖାଇବା ଜରୁରୀ ନୁହେଁ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଟ୍ରେନ ଯାତ୍ରାରେ ଜେନେରାଲ ଟିକଟର ପ୍ରିଣ୍ଟ ରଖିବା ଜରୁରୀ ନୁହେଁ ବୋଲି ଭାରତୀୟ ରେଳବାଇ ପକ୍ଷରୁ କୁହାଯାଇଛି । ଅନେକ ସମୟରେ ଯାତ୍ରୀ ଟିକଟର ଡିଜିଟାଲ କପି ଦେଖାଉଥିବାରୁ ଗ୍ରହଣ କରାଯାଉ ନଥିଲା । ଏବେ ଏହି ଜେନେରାଲ ଟିକଟ ତଥା ଅଣସଂରକ୍ଷିତ ଟିକଟକୁ ନେଇ ଥିବା ସଂଶୟକୁ ରେଳବାଇ ଦୂର କରିଦେଇଛି । ରେଳବାଇ ପକ୍ଷରୁ କୁହାଯାଇଛି ଯେ ଅନରିଜର୍ଭଡ ଟିକେଟିଂ ସିଷ୍ଟମ (ୟୁଟିଏସ) ମୋବାଇଲ ଆପ୍‌ରୁ ବୁକ କରାଯାଇଥିବା ଟିକଟର ପ୍ରିଣ୍ଟଆଉଟ ନେବା ଜରୁରୀ ନୁହେଁ । ଯାତ୍ରା ସମୟରେ ଯାତ୍ରୀ ନିଜ ମୋବାଇଲ ଆପ୍‌ରୁ 'ଶୋ ଟିକଟ' ବିକଳ୍ପ ବ୍ୟବହାର କରି ଟିଟିଇଙ୍କୁ ଦେଖାଇ ପାରିବେ । ଏହା ସମ୍ପୂର୍ଣ୍ଣ ଭାବେ ବୈଧ । ଏକ ଭାଇରାଲ ଭିଡିଓ ପରେ ଏହି ସ୍ପଷ୍ଟୀକରଣ ଦିଆଯାଇଛି । ଏହି ଭିଡିଓରେ ଟିଟିଇ ଯାତ୍ରୀଙ୍କୁ ୟୁଟିଏସରେ ବୁକିଂ ହୋଇଥିବା ଟିକଟର ପ୍ରିଣ୍ଟ ମାଗୁଥିବା ଦେଖା ଯାଇଥିଲା । ଏହାକୁ ନେଇ ଅନେକ ଯାତ୍ରୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି ହୋଇଥିଲା । ତେବେ ଯଦି କୌଣସି ଯାତ୍ରୀ ୱିଣ୍ଡୋ କିମ୍ବା ଅନଲାଇନ ବୁକିଂ ପରେ ତାହାର ପ୍ରିଣ୍ଟ ବାହାର କରିନେଇଛନ୍ତି । ତେବେ ଯାତ୍ରା ସମୟରେ ଏହାକୁ ଦେଖାଇ ପାରିବେ । ଯାତ୍ରୀଙ୍କୁ ଟିକଟର ପ୍ରିଣ୍ଟ ନେବାକୁ କୁହାଯାଉଥିବା କୌଣସି ନିୟମ ନାହିଁ । ଟିଟିଇ ଟିକଟର ପ୍ରିଣ୍ଟ ମାଗିବା ଭୁଲ୍ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି ।

**ପାଖରେ ଡିଜିଟାଲ୍ ଟିକଟ ଥିଲେ ମିଳିବ ଯାତ୍ରା ଅନୁମତି**

### ବିଲୋପ ପୂର୍ବରୁ 'ମନରେଗା'ର ସ୍ଥିତି

# ୫ ବର୍ଷରେ କଟିଛି ୪.୪ କୋଟି ଜବ୍ କାର୍ଡ

■ ନୂଆଦିଲ୍ଲୀ, ୨୦।୧୨ (ଏଜେନ୍ସି): ଗ୍ରାମାଞ୍ଚଳରେ ଦରିଦ୍ର ଲୋକଙ୍କୁ ରୋଜଗାର ଯୋଗାଇବାର ମାଧ୍ୟମ ସାଜିଥିବା ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ମନରେଗା) ବଦଳରେ କେନ୍ଦ୍ର ସରକାର ଆଣିଛନ୍ତି ନୂଆ ଯୋଜନା । ବିକଶିତ ଭାରତ ଲକ୍ଷ୍ୟରେ ଆସିଥିବା ଏହି ଯୋଜନାର ନାମ ହେଉଛି ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀବିକା ମିସନ- ଗ୍ରାମୀଣ (ଜି- ରାମ- ଜି) । ଏହି ଯୋଜନାରେ ରୋଜଗାର ଲାଗି କେତେକ ନୂଆ ବ୍ୟବସ୍ଥା ସହିତ ନୂଆ ସର୍ତ୍ତ ମଧ୍ୟ ଯୋଡ଼ାଯାଇଛି । ତେବେ ମନରେଗାକୁ ନେଇ ଯେଉଁ ତଥ୍ୟ ଆସିଛି ତାହା ଯେତେ ଉଦବେଗଜନକ, ସେତେ ଚିନ୍ତାର ବିଷୟ ମଧ୍ୟ । ତାହା ହେଲା ମନରେଗା ଉଚ୍ଛେଦ ପୂର୍ବରୁ ରୋଜଗାର ପାଇଁ ଗରିବ ଲୋକମାନଙ୍କୁ ମିଳିଥିବା ଜବକାର୍ଡ ଲକ୍ଷ ଲକ୍ଷ ସଂଖ୍ୟାରେ କାଟି ଦିଆଯାଇଥିଲା । ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ଜବ୍ କାର୍ଡ କାଟି ଦିଆଯାଇଛି । ଏଥିରେ ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବକାର୍ଡ ରହିଛି । ୯୦ ଲକ୍ଷ ସହିତ ଉତ୍ତର ପ୍ରଦେଶ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଓଡ଼ିଶାର ସ୍ଥାନ ତୃତୀୟ ରହିଛି । ଓଡ଼ିଶାରେ ୪୧ ଲକ୍ଷରୁ ଅଧିକ ଜବ୍ କାର୍ଡ କାଟି ଦିଆଯାଇଛି ।

ଏହି ତଥ୍ୟ ଖୋଦ ସରକାର ଦେଇଛନ୍ତି । ରାଜ୍ୟସଭାରେ ଏହି ତଥ୍ୟ ରଖି ଗ୍ରାମାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶନ ପାଶ୍ୱାନ କହିଛନ୍ତି ଯେ କେବଳ ଜାଲ ଓ ଡୁପ୍ଲିକେଟ୍ ଜବକାର୍ଡକୁ କଟାଯାଇଛି । ଏହାସହିତ ଯେଉଁମାନେ ସଂପୃକ୍ତ ସ୍ଥାନ ଛାଡ଼ି ପଳାୟନ କରିଛନ୍ତି ସେମାନଙ୍କର କାର୍ଡ ମଧ୍ୟ କଟାଯାଇଛି । ଯେଉଁ ଗ୍ରାମାଞ୍ଚଳ ଏବେ ସହରାଞ୍ଚଳରେ ପରିଣତ ହୋଇଛି, ସେଠାରେ ମଧ୍ୟ ଜବକାର୍ଡ କଟାଯାଇଛି । ସେ କହିଲେ ଯେ ଏମିତି ସାରା ଦେଶରେ ଗତ ୫ ବର୍ଷ ମଧ୍ୟରେ ୪ କୋଟି ୪୩ ଲକ୍ଷ ମନରେଗା ଜବକାର୍ଡ କାଟି ଦିଆଯାଇଛି । ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ନିଆଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ବିହାରେରେ ସର୍ବାଧିକ କାର୍ଡ କଟିଛି । ବିହାରରେ ସର୍ବାଧିକ ୧ କୋଟି ୪ ଲକ୍ଷ ଜବ କାର୍ଡ କଟିଥିବା ବେ ।।ଳେ ଉତ୍ତରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି ଓ ଏହି ରାଜ୍ୟରୁ ୯୦ ଲକ୍ଷ ୪୦ ହଜାର ଜବକାର୍ଡକୁ କାଟି ଦିଆଯାଇଛି । କଟାଯାଇଥିବା ମୋଟ ଜବକାର୍ଡ ମଧ୍ୟରେ ବିହାର ଓ ୟୁପିର ଅଂଶ ୪୪ ପ୍ରତିଶତ ବୋଲି ସରକାର କହିଛନ୍ତି । ▶ପୃଷ୍ଠା-୭

**ବିହାରରେ ସର୍ବାଧିକ ୧ କୋଟି, ୟୁପିରେ ୯୦ ଲକ୍ଷ**

**୪୧ ଲକ୍ଷ ସହ ତୃତୀୟ ସ୍ଥାନରେ ଓଡ଼ିଶା**




# ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପଟ୍ରୋଲ ମନା

**ତୈଳ କମ୍ପାନୀଙ୍କୁ ଚିଠି ଲେଖିଲା ବାଣିଜ୍ୟ ଓ ପରିବହନ ବିଭାଗ**

■ କଟକ, ୨୦।୧୨(ସମିସ): ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିଲେ, ପେଟ୍ରୋଲ ପମ୍ପରେ ଏଣିକି ଆଉ ପେଟ୍ରୋଲ/ଡିଜେଲ ମିଳିବ ନାହିଁ । ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି । ବାୟୁର ଗୁଣବତ୍ତାକୁ ବଜାୟ ରଖିବା ତଥା ମୋଟରଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବିଭାଗ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ।

ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ । ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ନିୟନ୍ତ୍ରଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ । ଏହି ପ୍ରମାଣପତ୍ର ନଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ମଧ୍ୟ ରହିଛି । ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି ।

### ରାଜଧାନୀରେ ପାଇଲଟ୍ ପ୍ରକଳ୍ପ ଉଦ୍‌ଘାଟନକୁ ବିତିଲାଣି ୭ ମାସ

# 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା; ରାସ୍ତାକଡ଼ରେ ଶ୍ରମିକ

■ ଭୁବନେଶ୍ୱର,୨୦।୧୨(ସମିସ): ପେଟପାଟଣା ଚିନ୍ତା ରାତିର ନିଦ ହଜାଇ ଦେଉଛି । ଆଉ ରାତି ନପାହୁଣୁ କାମଟିଏ ମିଳିବ କି ନାହିଁ ତା ବି ପ୍ରତିଦିନର ପ୍ରଶ୍ନବାଚୀ । ସହରର ବଡ଼ବଡ଼ିଆମାନେ ସକାଳୁ ସକାଳୁ ହାତରେ ଚା କପ୍ ଧରିଥିବା ବେଳେ ଏମାନଙ୍କ ହାତରେ ଥାଏ ସିମେଣ୍ଟ କଡ଼େଇ । ବର୍ଷା ହେଉ ଅବା ଶୀତରେ ଥରି ଥରି ରାସ୍ତା କଡ଼ରେ ମାଲିକମାନଙ୍କୁ ଅପେକ୍ଷା କରିଥାନ୍ତି ଶହଶହ ଶ୍ରମିକ । ହେଲେ ରାସ୍ତାକଡ଼ରେ ଛିଡ଼ା ହେବା ସେମାନଙ୍କ ପାଇଁ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ନିର୍ମାଣ କରାଯାଇଥିବା ପ୍ରତୀକ୍ଷା କେନ୍ଦ୍ରରେ ଝୁଲୁଛି ତାଲା । ଫଳରେ ଖରା, ବର୍ଷା, ଶୀତ ▶ପୃଷ୍ଠା-୭

**ସଫଳତା ମିଳିଥିଲେ ଅନ୍ୟ ଜିଲ୍ଲାକୁ ସଂପ୍ରସାରିତ ହୋଇଥା'ନ୍ତା ଯୋଜନା**



# ଦାଦନଗଡ଼ରେ ଶ୍ରମିକଙ୍କ ଦୁଃଖ

### ୧୦ ମାସରେ ଗଲାଣି ୨୪ ଜୀବନ

■ ବ୍ରହ୍ମପୁର,୨୦।୧୨(ସମିସ): ଦାଦନ ଗଡ଼ କୁହାଯାଉଥିବା ଗଞ୍ଜାମ ଜିଲ୍ଲାରେ କମୁନି ଶ୍ରମିକଙ୍କ ଦୁଃଖ । ପ୍ରତିଟି ସମୟରେ ଏଠାରୁ ଯାଇ ଅନ୍ୟତ୍ର କାମ କରି ପରିବାର ପୋଷୁଥିବା ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି । ଯାହା ଏହି ଇଲାକାର ନିତିଦିନିଆ ଘଟଣା ହୋଇ ସାରିଲାଣି । ଦାଦନ ପ୍ରଥା ରେକିବା ପାଇଁ ସରକାର ଅନେକ ଯୋଜନା କରୁଥିଲେ ମଧ୍ୟ ତାହା ସଠିକ ବିନିଯୋଗ ହେଉନି । ଅନ୍ୟରାଜ୍ୟକୁ ଟଙ୍କା ରୋଜଗାର ଆଶାରେ ଯାଇଥିବା ବ୍ୟକ୍ତି ନିଜ ଘରକୁ ଟଙ୍କା ପଠାଇବା ପରିବର୍ତ୍ତେ ନିଜେ ଶବ ହୋଇ ଫେରୁଛନ୍ତି । ଏଭଳି ଭାବେ ଗତ ୧୦ମାସରେ ବ୍ରହ୍ମପୁର ଶ୍ରମ ଜିଲ୍ଲରେ ମୋଟ ୨୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଚଳିତବର୍ଷ ଫେବୃୟାରୀ ମାସରୁ ବର୍ତ୍ତମାନ ସୁଦ୍ଧା ଦୁବାଇରେ ଜଣେ, କର୍ଣ୍ଣାଟକରେ ୩ଜଣ, ମହାରାଷ୍ଟ୍ରରେ ୫, ▶ପୃଷ୍ଠା-୭

**ପଞ୍ଜୀକରଣ ହୋଇ ନ ଥିବାରୁ ମିଳୁନି ସହାୟତା ରାଶି**

**ସବୁ ଦାଦନ ଶ୍ରମିକଙ୍କ ମୃତ୍ୟୁର ତଥ୍ୟ ରହୁନି**

# ପୁଲିସ ପଞ୍ଝାରେ ଲଟେରୀ ଗ୍ୟାଙ୍ଗ; ମୁଖିଆ ସମେତ ୪ ଗିରଫ

ରାଉରକେଲା, ୨୦।୧୨(ସମିସ)



ସହରରେ ବେଆଇନ ଲଟେରୀ ରାକେଟ ଚାଲିଥିବା ବେଳେ ଦୀର୍ଘ ୧୭ ବର୍ଷ ପରେ ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ ଥିବା ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ ପଞ୍ଝାରେ ଧରା ପଡ଼ିଛି। ରାକେଟର ମୁଖିଆ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପ୍ଲାଣ୍ଟସାଇଟ୍ ମୁଖ୍ୟ ରାସ୍ତାର ସଞ୍ଜୟ ସାହୁ (୫୧), ସେକ୍ଟର-୧୬ର ରାଜେଶ କୁଣ୍ଡୁ (୫୦), ସେକ୍ଟର-୨ର ଟୁକୁନା ମଲ୍ଲିକ (୪୮) ଓ ଜଗଦା ଜେଏଫ/୨୧୦ ଘରର ଉତ୍ତମ ଘୋଷ (୬୬)। ସେମାନଙ୍କ ଠାରୁ ୨୫ ଲକ୍ଷ ୩୭ ହଜାର ୨୬୦ ଟଙ୍କା, ୮ଟି ମୋବାଇଲ, ୫ଟି ଖାତା, ଗୋଟିଏ କମ୍ପ୍ୟୁଟର ସେଟ୍, ପ୍ରିଣ୍ଟର ଓ ବିପୁଳ ପରିମାଣରେ ଲଟେରୀ ଟିକେଟ ଜବତ କରାଯାଇଛି। ଏନେଇ ଶନିବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ନୀତେଶ ୱାଧୱାନୀ ସୂଚନା ଦେଇଛନ୍ତି। ବେଆଇନ ଲଟେରୀ ରାକେଟ ଚାଲିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଏକ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଅଭିଯୁକ୍ତ ସଞ୍ଜୟ ରାକେଟର ମୁଖିଆ ହୋଇଥିବା ବେଳେ ରାଜ୍ୟ ବାହାରୁ ଲଟେରୀ ଆଣୁଥିଲା। ପରେ ସହଯୋଗୀ ମାନଙ୍କ ଜରିଆରେ ଟଙ୍କା ଲୋଭ ଦେଖାଇ ଲୋକଙ୍କୁ ବିକ୍ରି କରୁଥିଲା। ୨୦୦୮ ମସିହାରୁ ଗ୍ୟାଙ୍ଗ ସକ୍ରିୟ ଥିବା ବେଳେ ପ୍ରତ୍ୟେକ ସଦସ୍ୟ ଦୈନିକ ୨୭ରୁ ୨୮ ହଜାର ଟଙ୍କା ରୋଜଗାର କରୁଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ଗ୍ୟାଙ୍ଗର ବିଭିନ୍ନ ଦିଗକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ସାମ୍ବାଦିକ ସମ୍ମିଳନୀରେ

**୨୫ ଲକ୍ଷ ଟଙ୍କା, ମୋବାଇଲ ସମେତ ଅନ୍ୟ ସାମଗ୍ରୀ ଜବତ**

ଅତିରିକ୍ତ ଏସପି ରାଜକିଶୋର ମିଶ୍ର, ଜୋନ ୧ ଡିଏସପି ଯୋଗେଶ ପଣ୍ଡା, ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର, ପ୍ଲାଣ୍ଟସାଇଟ୍ ଥାନା ଇନ୍ସପେକ୍ଟର ବିବସ୍ତ ପ୍ରଧାନ ଓ ରଘୁନାଥପାଲି ଥାନା ଇନ୍ସପେକ୍ଟର ରାଜେନ୍ଦ୍ର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଣାଇ, ୨୦।୧୨(ସମିସ):** ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଇନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବଣାଇ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ସହକାରୀ ବିଡିଓ ସାରିଆ ଲାକ୍ରା, ଶିଶୁ ବିକାଶ ବିଭାଗ ଅଧିକାରୀ ବୀଣାପାଣି ନାୟକ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅନୁପମା ନାଗ ଭିନ୍ନକ୍ଷମ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଶିବିରର ଉଦ୍ଦେଶ୍ୟ ବୋଲି କହିଥିଲେ। ଶିବିରରେ ବଣାଇ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦୫ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜୀକୃତ ହୋଇଥିଲେ। ସେମାନଙ୍କୁ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶ୍ରବଣ ସମସ୍ୟାରେ ୩୫ ଜଣ, ଅସ୍ଥି ଶଲ୍ୟ ୮୬ ଜଣ, ମାନସିକ ବିକାର ଗ୍ରସ୍ତ ୩୮ ଜଣ, ଦୃଷ୍ଟି ବାଧିତ ୧୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରିବା ସହ ୧୪୭ ଜଣଙ୍କୁ ମନୋନୀତ କରି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଶିବିରରେ ରାଉରକେଲା ସରକାରୀ ଡାକ୍ତରଖାନାର ନାକ, ଗଳା ବିଶେଷଜ୍ଞ ଡ.ରଜତ ଦାସ, ଡ.ଦୁର୍ଗେଶ ଶା, ଡ.ସମୀର ପାତ୍ର, ଶୁଭଶ୍ରୀ ହେମ୍ବ୍ରମ୍ ପ୍ରମୁଖ ଡାକ୍ତର ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବଣାଇ ବ୍ଲକର ବିଏଫଓ ସୁରେନ୍ଦ୍ର ଭୋଇ, ସହକାରୀ ପ୍ରୋଗ୍ରାମ ଅଫିସର ରୂପ ମଞ୍ଜରୀ ସାହୁ, ବିଆରପି ଅଶୋକ ମାଝୀ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ଓ ସ୍ଥାନୀୟ ସରପଞ୍ଚ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# 'ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା' ଉପରେ ବିପିୟୁଟି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ରାଉରକେଲା, ୨୦।୧୨(ସମିସ):** ଓଡ଼ିଶାର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ 'ପ୍ରଯୁକ୍ତିବିଦ୍ୟାର ଉଦୀୟମାନ ଧାରା' ଉପରେ ତିନି ଦିନିଆ ବିପିୟୁଟି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀ ପାଇଁ ୩୦୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରାପ୍ତ ହୋଇଥିବା ବେଳେ ସେଥିମଧ୍ୟରୁ ୮୬ଟି ପ୍ରବନ୍ଧକୁ ଚୟନ କରାଯାଇଛି। ଏହି ପ୍ରବନ୍ଧଗୁଡ଼ିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯଥା: ବୁଦ୍ଧିମାନ ସୂଚନା ଏବଂ କମ୍ପ୍ୟୁଟିଂ ସିଷ୍ଟମ; ବୁଦ୍ଧିମାନ ସାମଗ୍ରୀ, ସମିଶ୍ରଣ ଏବଂ ସଂରଚନା; ସମାଜ, ସୂଚନା ବିଜ୍ଞାନ ଏବଂ ନିରନ୍ତରତା; ଏବଂ ଭୌତିକ, ପରିବେଶଗତ ଏବଂ କମ୍ପ୍ୟୁଟର ବିଜ୍ଞାନ ଆଦି ବିଷୟ ଉପରେ ଆଧାରିତ ଥିଲା। ୧୪ଟି ଦେଶର ଗବେଷକ ଓ ବିଦ୍ୱାନମାନେ ଅଂଶଗ୍ରହଣ କରିଥିଲେ। ଛେଣ୍ଡ କ୍ୟାମ୍ପସ ସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଅନୁଷ୍ଠିତ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଇଆଇଏସସି, ବେଙ୍ଗାଲୁରୁର ପୂର୍ବତନ ପ୍ରଫେସର ଏଲଏମ ପଟ୍ଟନାୟକ ଯୋଗ ଦେଇଥିଲେ। କୁଳପତି



ତଥା ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ଅମିୟ ରଥ ଏବଂ ବିପିୟୁଟି କୁଳସଚିବ ନିଶି ପୁନମ ମିଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଫେସର ଶ୍ରୀନିବାସ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ବିଭୁଦତ୍ତ ସାହୁ ଗବେଷକମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। କୁଳପତି ପ୍ର. ରଥ ବାସ୍ତବ ଜୀବନର ସମସ୍ୟା ସମାଧାନ ପାଇଁ ବହୁମୁଖୀ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର 'ବିପିୟୁଟି ହ୍ୟାକାଥନ' ଓ 'ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ' ଭଳି ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ପ୍ର. ପଟ୍ଟନାୟକ ଇଣ୍ଟରଡିସିପ୍ଲିନାରୀ ଗବେଷଣା, ସ୍ଥାୟିତ୍ୱ ଏବଂ ସ୍ୱଦେଶୀ ଜ୍ଞାନକୌଶଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସମସ୍ତ ଗବେଷଣା ପ୍ରବନ୍ଧର ସଂକ୍ଷିପ୍ତ ସାରାଂଶକୁ ନେଇ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ କୁଳସଚିବ ଶ୍ରୀ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ର. ଶିବ ମିଶ୍ର, ଡ.ବିକ୍ରମାଦିତ୍ୟ ଦାଶ, ଡ. ଡି.ଚନ୍ଦ୍ରଶେଖର ରାଓ, ଡ.ଶୁଭେନ୍ଦୁ ରଥଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ତିନି ଦିନିଆ ସମ୍ମିଳନୀରେ ପ୍ରଫେସର ଏଲଏମ ପଟ୍ଟନାୟକ, ମ୍ୟାକଗିଲ୍ ବିଶ୍ୱବିଦ୍ୟାଳୟ, କାନାଡାର ପ୍ର.ଅଗସ୍ତ୍ୟା ସମିତୋ, ଏନୱାଇୟୁଏସଟି, ତାଇୱାନର ପ୍ର. ଜିଏ ରବି କିରଣ, କିଙ୍ଗ ଫୟାଦ ବିଶ୍ୱବିଦ୍ୟାଳୟ, ସାଉଦି ଆରବର ପ୍ର. ମୁଫ୍‌ତିମହମୁଦ, ଜାପାନ ପାଣିପାଗ ନିଗମର ମୁଖ୍ୟ ବୈଜ୍ଞାନିକ ଡ.ଶ୍ରୀଧର ନାୟକ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ର. ଶିବ ଉଦ୍‌ଗାତା ଏବଂ ୟୁନିଭରସିଟି ୱେଷ୍ଟ, ସ୍ୱିଡେନର ଆରସି ଫୋରନାକ୍ସ, ୟୁକେ; ଭିଜିଟିଂ ପ୍ରଫେସର ଡ.ଅମିତ ମିଶ୍ରଙ୍କ ଭଳି ବିଶିଷ୍ଟ ବୈଜ୍ଞାନିକମାନେ ନିଜର ଅଭିଭାଷଣ ରଖିବେ। ଏହା ବିପିୟୁଟିକୁ ଏକ ବିଶ୍ୱସ୍ତରୀୟ ଗବେଷଣା କେନ୍ଦ୍ର ଭାବେ ଗଢ଼ିତୋଳିବା ସହ ଏକାଡେମିକ୍ ଏବଂ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିବାରେ ସହାୟକ ହେବ।

# ଇଣ୍ଡକ୍‌ସନ୍ ଫର୍ନେସ୍ ଆଦିରେ ନିରାପଦ କାର୍ଯ୍ୟ ପରିଚାଳନା ଆଲୋଚନାଚକ୍ର

**ରାଉରକେଲା, ୨୦।୧୨(ସମିସ):** କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ୍ ଆନୁକୂଲ୍ୟରେ ରାଉରକେଲା ସ୍ଥିତ ସେଣ୍ଟ୍ରାଲ ପାୱାର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ 'ଇଣ୍ଡକ୍‌ସନ୍ ଫର୍ନେସ୍ ଆଦିରେ ନିରାପଦ କାର୍ଯ୍ୟ ପରିଚାଳନା' ସଙ୍କ୍ରାନ୍ତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତୀତରେ ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ କ୍ଷୁଦ୍ର ତଥା ମଧ୍ୟମ ଧରଣର ଇସ୍ପାତ କାରଖାନାରେ ଶ୍ରମିକ ଦୁର୍ଘଟଣା ବଢ଼ିବାକୁ ଆଖିରେ ରଖି ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନା ଖଣି ସମ୍ପ୍ରସାରଣ ବିଭାଗୀୟ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ବିପିନ୍ ଗିରି ମେଲଟିଂ ବାଥର ପୃଷ୍ଠତଳେ ପାଣି ରହିଲେ 'ୱାଟର ଭେପର ଏକ୍ସପ୍ଲୋଜନ' ହେଇଥାଏ ଏବଂ ବାଥର ପୃଷ୍ଠତଳେ ୧ ଘନ ସେମିର ଜଳ ଜମା ହେଲେ ଏହା ପ୍ରସାରିତ ହୋଇ ତାହାର ଆୟତନର ୧୬୦୦ ଗୁଣ ରୂପାନ୍ତରିତ ହୋଇଯାଏ ବୋଲି କହିଥିଲେ। ଆଲୋଚନାଚକ୍ରରେ ରାଉରକେଲା କାରଖାନା ଓ ବଏଲର ବିଭାଗୀୟ ଉପନିର୍ଦ୍ଦେଶକ ବିଭୁ ପ୍ରସାଦ ଇଣ୍ଡକ୍‌ସନ୍ ଫର୍ନେସ୍‌ର ବିସ୍ଫୋରଣ ବିଷୟରେ ଅନେକ କିଛି ବୁଝାଇ କହିବା ସହ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଇଣ୍ଡକ୍‌ସନ୍ ଫର୍ନେସ୍‌ର ଅହମଦାବାଦ ସ୍ଥିତ ଅଗ୍ରଣୀ ନିର୍ମାତା ଓରିଟେକ୍ ଯୋଗ ଦେଇ କାରଖାନାରେ ଇଣ୍ଡକ୍‌ସନ୍ ଫର୍ନେସ୍‌ର ନିରାପଦ ପରିଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶ୍ରୀ ମହାବୀର ଫେରୋ ଆଲଏଜ ତରଫରୁ ସାଧାରଣ ପ୍ରବନ୍ଧକ ପ୍ରଫୁଲ୍ଲ ପ୍ରଧାନ, ଇଣ୍ଡକ୍‌ସନ୍ ଫର୍ନେସ୍‌ରେ ବୈଦ୍ୟୁତିକ ନିରାପତ୍ତା ବାବଦରେ ନିବନ୍ଧ ରଖିଥିଲେ। ଡ.ସୁରେନ୍ଦ୍ର ଫର୍ନେସ୍ ଦୁର୍ଘଟଣାରେ ଆହତ ଶ୍ରମିକଙ୍କ ଆଶୁ ଚିକିତ୍ସା, ପିଏସ୍ ଠାକରେ, ଅଗ୍ନିକାଣ୍ଡ ଏବଂ ବିସ୍ଫୋରଣ ବାବଦରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରାଉରକେଲା କାରଖାନା ଓ ବଏଲର ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ ନିରାପଦ କାର୍ଯ୍ୟକରିବା ପଦ୍ଧତି ବାବଦରେ କର୍ମଚାରୀମାନଙ୍କୁ ସୂଚିତ କରାଯିବା ଏବଂ ସେମାନେ ନିୟମକୁ ପାଳନ କରିବା ନିମିତ୍ତ ଉତ୍ତରଦାୟୀ ରହିବେ ବୋଲି କହିଥିଲେ। ସହକାରୀ ନିର୍ଦ୍ଦେଶକ ସ୍ୱରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ନ୍ୟାସନାଲ ସେଫଟି କାଉନସିଲର ସେକ୍ରେଟାରୀ ମଧୁସୂଦନ ମୋହିନୀ, ମୁଖ୍ୟ ସାଧାରଣ ପ୍ରବନ୍ଧକ ହୀରାଲାଲ ମହାପାତ୍ର, ଅବକାଶ ବେହେରା, ସୁରକ୍ଷା ଅଧିକାରୀ ସ୍ମୃତିରଞ୍ଜନ ବେଉରା ଉପସ୍ଥିତ ଥିଲେ। ପ୍ରଜ୍ଞା ନାଥ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ସମ୍ପୃକ୍ତ କଳକାରଖାନାରୁ ଶତାଧିକ ଲାଇନ୍ ମ୍ୟାନେଜର, ସୁପରଭାଇଜର, ମେଲଟର, ବାଡି ମ୍ୟାନ୍ ଏବଂ ସାଧାରଣ ଶ୍ରମିକ ଯୋଗ ଦେଇଥିଲେ।

# ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍; ଆର୍‌ଏସ୍‌ପି ଚାମ୍ପିଅନ

**ରାଉରକେଲା, ୨୦।୧୨(ସମିସ):** ଇସ୍ପାତ୍ ଇଣ୍ଡୋର ଷ୍ଟାଡିୟମରେ ଶନିବାର ସେଲ୍‌ଫ ଟେବୁଲ୍ ଟେନିସ୍ ଚାମ୍ପିଅନସିପ୍ ୨୦୨୫ର ପୁରୁଷ ବର୍ଗରେ ରାଉଲକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସପି) ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ଆର୍‌ଏସ୍‌ପି ଦଳ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ (ଡିଏସପି)କୁ ୩-୧ରେ ପରାସ୍ତ କରି ଟାଇଟଲ୍ ହାସଲ କରିଛି। ଆରଏସପି ମହିଳା ଦଳ ଚାମ୍ପିଅନସିପ୍‌ରେ ଫାଇନାଲ ମ୍ୟାଚରେ ଡିଏସପି ମହିଳା ଦଳ ଠାରୁ ପରାସ୍ତ ହୋଇ ରନର୍ସଅପ୍ ଟାଇଟଲ ହାସଲ କରିଛି। ଉଦ୍‌ଯାପାନୀ ସମାରୋହରେ ଆରଏସପିର



ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଏବଂ ରନର୍ସଅପ୍ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ସହର ସେବା ଏବଂ ସିଏସ୍‌ଆର୍ ବିଭାଗର ସିଜିଏମ ଟିଜି କାନେକରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଏସପି ପୁରୁଷ ବର୍ଗ ଦଳରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ଅତିରିକ୍ତ ସିଏମଓ ଡ.ଏସକେ ତିୱାରୀ, ଏଫଆଣ୍ଡଏ ବିଭାଗର ସେକ୍ସନ ଅଫିସର ରାଜେଶ ଚୌରାସିଆ ଏବଂ ଏମଏମଷ୍ଟୋର୍ସ ବିଭାଗର ଜୁନିଅର ଇଞ୍ଜିନିୟର ଆଲବର୍ଟ କିଣ୍ଡୋ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ ପୁରୁଷ ବର୍ଗରୁ ସେମିଫାଇନାଲ୍ ମ୍ୟାଚରେ ପହଞ୍ଚିଥିବା ଦଳଗୁଡ଼ିକ ମଧ୍ୟରେ ସେଲ୍‌ଫ କର୍ପୋରେଟ୍ ଅଫିସ୍, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ଆରଏସପି ଏବଂ ଡିଏସପି ଅନ୍ତର୍ଭୁକ୍ତ ଥିଲେ। ଚାମ୍ପିଅନସିପ୍‌କୁ ଆରଏସପିର କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀରଘୁ ନନ୍ଦନ ପାଢ଼ି ସଂଯୋଜନା କରିଥିଲେ।

## ରାଜା ଧରଣୀଧର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଣାଇଁ, ୨୦।୧୨(ସମିସ): ବଣାଇଁ ସହରରେ ଆଦର୍ଶ ସରକାରୀ ଉଚ୍ଚ ବିଦ୍ୟାଳୟ ରୂପେ ସୁନାମ ଅର୍ଜନ କରିଥିବା ରାଜା ଧରଣୀଧର ବିଦ୍ୟାଳୟର ୮୦ ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କବିତା ମଞ୍ଜରୀ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ସହକାରୀ ତହସିଲଦାର ଜ୍ଞାନରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁଲାଲ ମାହାନ୍ତ, ଅବସରପ୍ରାପ୍ତ ଶିକ୍ଷାଧିକାରୀ ଶୁଭେନ୍ଦୁ ନାଥ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆହ୍ଲାଦ ବଡ଼େଇ, ବଣାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପୁଷ୍ପାଞ୍ଜଳୀ ସାହୁ ଯୋଗ ଦେଇଥିଲେ। ଏତଦ୍‌ବ୍ୟତୀତ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ମଞ୍ଜରୀ ମାହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାର୍ଷିକ କ୍ରୀଡା ଉତ୍ସବରେ କୃତୀ କ୍ରୀଡ଼ାବିତ ମାନଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ଅମୀୟ ଲୋଚନ ପଣ୍ଡା, ବିକ୍ରମ କେଶରୀ ବାରିକ, ଦେବାଶିଷ ଗିରି, ଗିରିଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ନାୟକ, ରମେଶ ନାୟକ, ଶୁଭସ୍ମିତା ମିଶ୍ର, ଜ୍ୟୋତିର୍ମୟୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଗ୍ୟାସ୍ ଲିକରୁ ଅଗ୍ନିକାଣ୍ଡ

**ରାଉରକେଲା, ୨୦।୧୨(ସମିସ):** ସେକ୍ଟର-୧୫ ଅଞ୍ଚଳରେ ଗ୍ୟାସ ଲିକରୁ ଅଗ୍ନିକାଣ୍ଡ ହୋଇଛି। ଏଥିରେ ଘରର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ବେଳେ କାହାରି କିଛିକ୍ଷତି ହୋଇ ନଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳର ଏଚ/୨୪୩ ଘରେ ଶନିବାର ଅପରାହ୍ଣରେ ଏହି ଅଘଟଣ ଘଟିଥିଲା। ଗ୍ୟାସ ଯୋଗେ ରୋଷେଇ କରୁଥିବା ବେଳେ ହଠାତ୍ ଗ୍ୟାସ୍ ଲିକ୍ ହୋଇଥିଲା। ଦେଖୁ ଦେଖୁ ଘରେ ଧୂଆଁ ହୋଇ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଭାଗ୍ୟବସତଃ ନିଆଁ ଅନ୍ୟତ୍ର ବ୍ୟାପିବା ପୂର୍ବରୁ ନିଆଁକୁ ଆୟତ୍ତ କରାଯାଇ ଥିବା ଜଣାପଡ଼ିଛି।

## କର୍କଟ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୨୦।୧୨(ସମିସ):** ଦିବ୍ୟ ଜୀବନ ସଂଘ, ଇସ୍ପାତ ନଗରୀ ଶାଖା ଓ ଜ୍ଞାନପ୍ରଭା ମିଶନ ମିଳିତ ଆନୁକୂଲ୍ୟରେ ସେକ୍ଟର -୭ ସ୍ଥିତ ଶିବାନନ୍ଦ ଆଶ୍ରମ ଠାରେ କର୍କଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ଧୋବିୟ ନାଥ, ସନ୍ୟାସିନୀ ଦୂର୍ଗାଶ୍ୱେରି ନନ୍ଦ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଆଇନଜୀବୀ ଗିରିଜା ଶଙ୍କର ଦ୍ୱିବେଦୀ, ଯୋଗାଚାର୍ଯ୍ୟ ସୁଧା ଦ୍ୱିବେଦୀ ଓ ଆଇଜିଏଚ ମୁଖ୍ୟ ଚିକିତ୍ସାଧିକାରୀ ଡ.ଜୟନ୍ତ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡ.ପୂର୍ଣ୍ଣିମା ଦତ୍ତ, ଡ.ଲୋପାମୁଦ୍ରା ଜେନା କର୍କଟରୋଗ ସମ୍ପର୍କରେ ସଚେତନତା କରିଥିଲେ। ଡ.ସୀମା ଲାଲ, ପୁଷ୍ପାରାଣୀ ମିଶ୍ର ସ୍ୱାସ୍ଥ୍ୟ ଓ ଏଡସ ନିୟନ୍ତ୍ରଣ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାରମ୍ଭରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ବାଣୀ ଉପରେ ଆଲୋକପାତ କରାଯାଇଥିଲା। ରାମକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସତ୍ୟଶ୍ରୀ ଆଚାର୍ଯ୍ୟ, ବୀଣାପାଣି ଜେନା, ନିଳୀମା ଷଡଙ୍ଗୀ, ଶକୁନ୍ତଳା ସ୍ୱାଇଁ, ରଶ୍ମିତା ପାଣିଗ୍ରାହୀ, ଅନୁପମା ମହାନ୍ତି, ସୁଜାତା ରଥ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିର ସିଣ୍ଟରିଂ ପ୍ଲାଣ୍ଟ କର୍ମଚାରୀଙ୍କୁ ସେଲ୍ ସାବାସ ପୁରସ୍କାର



**ରାଉରକେଲା, ୨୦।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଣ୍ଟରିଂ ପ୍ଲାଣ୍ଟ-୩ (ଏସପି-୩) ବିଭାଗରେ ସ୍ୱତନ୍ତ୍ର ପୁରସ୍କାର ସମାରୋହ ଆୟୋଜନ ହୋଇଯାଇଛି। ଏଥିରେ ସେଲ୍‌ଫ ସାବାସ ଯୋଜନା ଅଧୀନରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ସେମାନଙ୍କର ଅନୁକରଣୀୟ ତଥା ଅଭିନବ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଣ୍ଟର ବିଭାଗର ସିଜିଏମ ଶେଖର ନାରାୟଣ ଅଧ୍ୟକ୍ଷତା କରି କର୍ମଚାରୀ ଏବଂ ଅଧିକାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଣ୍ଟରିଂ ପ୍ଲାଣ୍ଟ-୨ ବିଭାଗର ଜିଏମ ଇନଚାର୍ଜ ସନ୍ତୋଷ ପାଢ଼ୀ, ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ଜିଏମ ଇନଚାର୍ଜ କଲ୍ୟାଣ ସମାଜଦାର, ସିଣ୍ଟରିଂ ପ୍ଲାଣ୍ଟ-୧ ବିଭାଗର ଜିଏମ ଇନଚାର୍ଜ ଶୁଭ୍ରାଂଶୁ ଚକ୍ରବର୍ତ୍ତୀଙ୍କ ସମେତ ସିଣ୍ଟରିଂ ପ୍ଲାଣ୍ଟ-୧, ସିଣ୍ଟରିଂ ପ୍ଲାଣ୍ଟ-୨ ଏବଂ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ସେକ୍ସନ ମୁଖ୍ୟ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କ ମଧ୍ୟରେ ସିଣ୍ଟରିଂ ପ୍ଲାଣ୍ଟ-୧, ସିଣ୍ଟର ପ୍ଲାଣ୍ଟ-୨ ଏବଂ ସିଣ୍ଟର ପ୍ଲାଣ୍ଟ-୩ ପ୍ରତ୍ୟେକ ବିଭାଗରୁ ୨ ଜଣ କର୍ମଚାରୀ ଏବଂ ଅଧିକାରୀ ଅନ୍ତର୍ଭୁକ୍ତ ଥିଲେ। ସିଣ୍ଟରିଂ ପ୍ଲାଣ୍ଟ ପ୍ରତି ପ୍ରଶଂସନୀୟ ଅବଦାନ ପାଇଁ ସିଏମଏମ (ଆରସିଏମ), ଡିଜାଇନ୍, ଏମଏସଏସ ଏବଂ ମେକାନିକାଲ ସପ ବିଭାଗର ୪ ଜଣ କର୍ମଚାରୀ ଏବଂ ଅଧିକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏସପି-୨ ବିଭାଗର ମ୍ୟାନେଜର ସନ୍ଦୀପ ଅବସ୍ଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଡିଏମ୍‌ଏଫ୍ ରାଡାର୍‌ରେ ନାହିଁ ପୁଣ୍ଡିପୋଖରୀ ଗାଁ

କୋଇଡା, ୨୦।୧୨(ସମିସ)

କୋଇଡା ବ୍ଲକ ହେଡ କ୍ୱାର୍ଟର୍‌ରୁ ମାତ୍ର ୫ କିମି ଦୂରରେ କାଲଟା ପଞ୍ଚାୟତ ସୀମାକୁ ଲାଗି ପୁଣ୍ଡିପୋଖରୀ ଗାଁ ରହିଛି। ଗାଁର ଚତୁଃପାର୍ଶ୍ୱରେ ଖଣି ଓ ପ୍ରକଳ୍ପ ରହିଛି। ୪୦ରୁ ଊର୍ଦ୍ଧ୍ୱ ପରିବାର ଗାଁରେ ବସବାସ କରନ୍ତି। ହେଲେ ଭାଗ୍ୟର ବିଡମ୍ବନା ଯେ ଆଜିବି ବିକାଶ ଗାଁର ବାଟ ଭୁଲିଛି। କୁବେରପୁରୀ କୋଇଡା ଖଣି ଅଞ୍ଚଳ ଡିଏମ୍‌ଏଫ୍ ରାଡାର୍‌ରେ ପୁଣ୍ଡିପୋଖରୀ ଗାଁ ନାହିଁ। ଗ୍ରାମବାସୀ ଦୀର୍ଘ ବର୍ଷ ଧରି ଆଦିମ ଜନଜାତିଙ୍କ ପରି ବସବାସ କରିଆସୁଛନ୍ତି। ଗାଁ ନିକଟରୁ ଗୋଟିଏ ନାଳ ଯାଇଛି। ଏ ନାଳ ହିଁ ଗାଁବାସୀଙ୍କ ଜୀବନରେଖା। ପାନୀୟ ଜଳ ଠାରୁ ଆରମ୍ଭ କରି ଶୌଚ, ସ୍ନାନ ପାଇଁ ନାଳ ହିଁ ଏକମାତ୍ର ଭରସା। ଗାଁର ଛାତ୍ରଛାତ୍ରୀ ନାଳ ପାରି କରି ବିଦ୍ୟାଳୟ ଯାଇଥାନ୍ତି। ବଢ଼ି ହେଲେ ବିଦ୍ୟାଳୟ ଯିବା ବନ୍ଦ ହୁଏ। ଗାଁରେ ଅଙ୍ଗନବାଡି କେନ୍ଦ୍ର ଟିଏ ନାହିଁ। ଗାଁର ତଳ ସାହିକୁ ଯିବା ପାଇଁ ରାସ୍ତା ଖଣ୍ଡେ ନାହିଁ ବୋଲି ଗାଁର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ପଟ୍ଟା ଥିଲେ ସୁଦ୍ଧା ଦୀର୍ଘ ବର୍ଷ ଧରି ଝାଟିମାଟି ଘରେ ଗ୍ରାମବାସୀ ବସବାସ କରୁଛନ୍ତି। ଚତୁଃପାର୍ଶ୍ୱରେ ଖଣି ଓ ଷ୍ଟିଲ୍ ପ୍ରକଳ୍ପ ଗଢ଼ି ଉଠିବା ଫଳରେ ଗାଁ ଦେଇ ଯାଇଥିବା ନାଳ ପାଇଁ ପ୍ରତ୍ୟେକ ରାତି ଏଠି ହାତୀ ଆତଙ୍କ ଦେଖିବାକୁ ମିଳେ। ହାତୀ ଘଉଡାଇବାକୁ ରାତି ରାତି ଅନିଦ୍ରା ହେବାକୁ ହୁଏ।

**ଅଙ୍ଗନବାଡ଼ି କିମ୍ବା ରାସ୍ତା ମଧ୍ୟ ନାହିଁ**

ଏମିତିକି ହାତୀ ଉପଦ୍ରବ ଭୟରେ ଚାଷ କାର୍ଯ୍ୟ ଗାଁ ବାସୀ ଛାଡି ସାରିଲେଣି। ସରକାରଙ୍କ ମାଗଣା ଚାଉଳ ଭରସାରେ ସମସ୍ତ ପରିବାର ଏବେ କାଳାତିପାତ କରୁଛନ୍ତି।





# ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ଉଦ୍‌ଘାଟିତ



ଭବାନୀପାଟଣା, ୨୦।୧୨(ସମିସ): ନର୍ଲା ବ୍ଲକ ସରିଆଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଉଦଘାଟିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ଓମପ୍ରକାଶ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବୈଦ୍ୟରାଜ ପବିତ୍ର ଶବର ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ମିହିର କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସ୍ମରଣିକା 'ନମାମି' ଉନ୍ମୋଚିତ ହୋଇଥିଲା। ପ୍ରତିଷ୍ଠାତା କମିଟିର ସଦସ୍ୟ ଏବଂ ବ୍ୟାଚ୍ ଟପ୍ପରମାନଙ୍କୁ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ର ସୁଧୀର କୁମାର ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶ୍ରୀ ସୌମ୍ୟା ସୁସ୍ମିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ରଥ ଓ ବିବିଧ ବାଦ୍ୟନାଦ ସହ ସରିଆଁ ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମଞ୍ଚରେ ପହଞ୍ଚିଥିଲା। ଦ୍ୱିତୀୟ ଅଧିବେଶନରେ ଗୁରୁ ପୂଜନ ଓ ବନ୍ଧୁମିଳନ ସମାରୋହ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ, ମନୋଜ ପଟ୍ଟନାୟକ ଓ ରଘୁନାଥ ଦୀପ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ବିନାୟକ ମହନ୍ତ, ଜେମନ୍ତ ପୋଢ, ଅଜିତ ସାହୁ, ପାରେଶ୍ୱର ରଣା ଓ ମକରନ୍ଦ ମାଝୀ, ଯୁଗ୍ମ ସମ୍ପାଦକ ରୀନା ଭୋଇ, ଅଚ୍ୟୁତାନନ୍ଦ ଭୋଇ, ସୋମ୍ୟରଞ୍ଜନ ସା, କୋଷାଧ୍ୟକ୍ଷ ନରୋତ୍ତମ କରୁଆଁ, ସଦସ୍ୟ ଚନ୍ଦ୍ର ଶେଖର ସାହୁ, ହିମାଦ୍ରୀ ଭୋଇଙ୍କ ସମେତ ସଂସଦର ସମସ୍ତ ଉପକମିଟିର କାର୍ଯ୍ୟକର୍ତ୍ତା ଓ ପୁରାତନ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କମଳ ନଦୀ ପଠାରେ ବେଆଇନ ପଥର ବ୍ଲାଷ୍ଟିଂ

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଭବାନୀପାଟଣା, ୨୦।୧୨(ସମିସ)



ରାତା ରାତି କୋଟି କୋଟି ଟଙ୍କାର କ୍ୱାର୍କ ପଥର ଚୋରି କରି ବାହାର ରାଜ୍ୟକୁ ଚାଲାଣ ହେଉଥିଲେ ମଧ୍ୟ ଖଣି ବିଭାଗ ନିରବ ଦ୍ରଷ୍ଟା ସାଜିଛି। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ମଧ୍ୟ ଖଣି ମାଫିଆଙ୍କ ଉପରେ ଲଗାମ ଲଗାଇପାରୁନି ଖଣି କି ରାଜସ୍ୱ ବିଭାଗ ଶେଷରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଦୁଲକିବନ୍ଧ ପଞ୍ଚାୟତର କମଳ ନଦୀ ପଠାରେ ଦୀର୍ଘ ଦିନ ହେଲା ବେଆଇନ ଭାବେ କିଛି ଖଣି ମାଫିଆ କ୍ୱାର୍କ ପଥର ଖନନ କରି ଚୋରା ଚାଲାଣ କରୁଥିବା ନେଇ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ କିଛି ଅସାଧୁ ରାଜ୍ୟବାହାର ଖଣି ମାଫିଆ ଗତ କିଛି ମାସ ହେଲା ରାତିରେ ଡିନାମାଇଟ ଦ୍ୱାରା ପଥର ବ୍ଲାଷ୍ଟିଙ୍ଗ କରି କ୍ୱାର୍କ ପଥର ଚୋରା ଚାଲାଣ କରି ଆସୁଛନ୍ତି। ବ୍ଲାଷ୍ଟିଙ୍ଗ ଯୋଗୁଁ ମାତ୍ରା ଧିକ ଶବ୍ଦ ଯୋଗୁଁ ଘର ଦ୍ୱାର ଫାଟିଯାଉ ଥିବାବେଳେ ମାଟି ବାଲିରେ ଗାଁ ପ୍ରଦୂଷିତ ହେବା ସହ ଆଖ ପାଖର ଜମି ମଧ୍ୟ ନଷ୍ଟ ହେଉଛି। ପଥର ମାଫିଆଙ୍କ ଦବଦବା ଏପରି ରହିଛି ଯେ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଖଣି କିଏ ଉତ୍ତୋଳନ କରୁଛି, ସରକାରୀ ଅନୁମତି ଅଛି କି ନାହିଁ ଗ୍ରାମବାସୀ ଜାଣିନଥିବା ବେଳେ ବିରୋଧ କଲେ ଖଣି ମାଫିଆଙ୍କ ଆକ୍ରୋଶ ର ଶିକାର ହେଉଛନ୍ତି ଗ୍ରାମବାସୀ। ଏ ନେଇ ସ୍ଥାନୀୟ ତହସିଲଦାର, ପୁଲିସ ଓ ଖଣି ବିଭାଗକୁ ଗ୍ରାମବାସୀ ଅବଗତ କରିଥିଲେ ସୁଦ୍ଧା କୌଣସି ସୁଫଳ ନମିଳିବାରୁ ଶେଷରେ କଳାହାଣ୍ଡି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଦୁଲକିବନ୍ଧ ପଞ୍ଚାୟତବାସୀ। ତୁରନ୍ତ ବ୍ଲାଷ୍ଟିଙ୍ଗ ଓ କ୍ୱାର୍କ ପଥର ଚୋରା କାରବାର ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଜମି ଅଧିଗ୍ରହଣର ମୂଲ୍ୟ ବୃଦ୍ଧି ପାଇଁ ଚାଷୀଙ୍କ ଦାବି

କେସିଙ୍ଗା, ୨୦।୧୨(ସମିସ): ବିଶାଖାପାଟଣା ଠାରୁ ରାୟପୁର ପର୍ଯ୍ୟନ୍ତ ଏଚ୍‌ପିସିଏଲ କମ୍ପାନୀ ଗ୍ୟାସ ପାଇପ ଲାଇନ ବିଛା କାମ ଆରମ୍ଭ କରିବା। ତେଣୁ ଯେଉଁ ଚାଷୀମାନଙ୍କର ଜମି କମ୍ପାନୀ ଅଧିଗ୍ରହଣ କରିବ ତାହାର ମୂଲ୍ୟ ଧାର୍ଯ୍ୟ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଅଧିଗ୍ରହଣ ନେଇ କେସିଙ୍ଗା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଜନଶୁଣାଣି ହୋଇଥିଲା। ତହସିଲଦାର ଲୋକଙ୍କ ୨୭ଟି ଅଭିଯୋଗ ଶୁଣିଥିଲେ। ଚାଷୀ ଜମି ମୂଲ୍ୟ ବୃଦ୍ଧି ନେଇ ଦାବି କରିଥିଲେ। ତହସିଲଦାରଙ୍କ କହିବା ଅନୁଯାୟୀ ମୂଲ୍ୟ ବୃଦ୍ଧି ଜିଲ୍ଲାପାଳଙ୍କ ଅଧିନସ୍ଥ ଥିବାରୁ ଜିଲ୍ଲାପାଳଙ୍କ ପାଖକୁ ସମସ୍ତ ଅଭିଯୋଗ ଗୁଡିକୁ ପଢ଼ାଇଛନ୍ତି। ତେଣୁ ଜିଲ୍ଲାପାଳ ଶେଷ ନିଷ୍ପତ୍ତି ନେବେ ବୋଲି ତହସିଲଦାର କହିଥିଲେ। ଜମି ଅଧିଗ୍ରହଣ ପରେ କମ୍ପାନୀ କର୍ତ୍ତୃପକ୍ଷ ପାଇପ ଲାଇନ ୫ ଫୁଟ ତଳେ ଯିବ ବୋଲି ଲୋକଙ୍କୁ ବୁଝାଇଥିଲେ। ପାଇପ ଲାଇନ ବିଛେଇବା ପରେ ମଧ୍ୟ ଜମି ଲୋକେ ବ୍ୟବହାର କରି ପାରିବେ କିନ୍ତୁ ନିୟମ ଅନୁସାରେ ବଡ଼ ଗଛ କିମ୍ବା ଘର ନିର୍ମାଣ କରି ପାରିବେ ନାହିଁ ବୋଲି ତହସିଲଦାର କହିଥିଲେ।



## ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

ନୂଆପଡ଼ା, ୨୦।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କୋନାବିରାସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉମେଶ ମାଝୀ ଏବଂ ସଭ୍ୟାରାଣୀ ଶଗରିଆ ବିଦ୍ୟାଳୟ ଚମ୍ପିଆନ ହୋଇଥିଲେ। ସଭାରେ ପ୍ରଧାନ ଶିକ୍ଷୟତ୍ରୀ ମାମୀ ଗୀତାଞ୍ଜଳି ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ କୋନାବିରା ସରପଞ୍ଚ ଦଉ ଚରଣ ଜଗତ, ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅରୁଣ କୁମାର ବାଗ, ସଭ୍ୟ ଜ୍ୟୋତି ରଞ୍ଜନ ବାରିକ, ନବୀନ କୈବର୍ତ୍ତ ଯୋଗଦାନ କରିଥିଲେ। ଖେଳ ଶିକ୍ଷକ ଛବି ମୋହନ ଅଗସ୍ତୀ, ଅଜୟ ମଲ୍ଲିକ, ଦୁଷ୍ମନ୍ତ ମେହେର, ଦିବ୍ୟା କୁଳଦୀପ, ସୁଶାନ୍ତ ମହାପାତ୍ର, ସୁଶାନ୍ତ ନାଗ, ଜୟନ୍ତ ନନ୍ଦ, ଚିନ୍ମୟ ଚାନ୍ଦ, ଝଙ୍କଟେଶ୍ୱର ବରିହା, ପ୍ରଶାନ୍ତ ମେହର, ଆନନ୍ଦ ହିଆଲ ଏବଂ ଯୋଗୀ ପନକା, ଅଖିଳ ବନ ଛୋର ଡମ୍ବରୁ ଜାନି ଏବଂ ରିତା ଯୋଷୀ ସାହାଯ୍ୟ କରିଥିଲେ।



## ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜୟ ମଶାଲ ଶୋଭାଯାତ୍ରା

ଭବାନୀପାଟଣା, ୨୦।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନାମରେ ନ୍ୟାସନାଲ ହେରାଲ୍ଡ ମିଥ୍ୟା ମାମଲାରେ ମୋଦୀ ସରକାର ଫସାଇ ଦୀର୍ଘ ଏକ ଦଶନ୍ଧି ଧରି ଅଯଥା ବଦନାମ କରିବା ପ୍ରତିବାଦରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ତରଫରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଜିଲ୍ଲା କଂଗେସ ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଷ୍ଟାଚ୍ୟୁ ପର୍ଯ୍ୟନ୍ତ ହୋଇଥିଲା। ଶୋଭାଯାତ୍ରା ପରେ ମିଥ୍ୟାବାଦୀ ମୋଦୀ ସରକାରଙ୍କୁ କଟୁ ସମାଲୋଚନା କରାଯାଇଥିଲା। ଶୋଭାଯାତ୍ରାରେ ଉପସଭାପତି ଉଛବ ସାହୁ, ଭାରତଭୂଷଣ ବେମାଲ, ଧନୁର୍ଦ୍ଧର ଗହୀର, ସୁବାଷ ପ୍ରଧାନ, ମହମ୍ମଦ ସାହେବ, ସନ୍ତୋଷ ପ୍ରଧାନ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାଖୁଡ, କୁମୁଦ ପଟ୍ଟନାୟକ, ସୁକାନ୍ତି ସରାଫ, ମାଣିକ୍ୟ ସୁନା, ସୁକାନ୍ତ ବିଶି, ମନ୍ଦାକିନି ବାଣୁଆ, ଲିଙ୍ଗରାଜ ନାୟକ, ସନ୍ତୋଷ ମୁଣ୍ଡ, ସୁଦର୍ଶନ ବିଶ୍ୱାଳ, ତାରିଣୀ ନାୟକ, ବାବା ଖାନ, ନିମାଞ୍ଚଳ ନାଏକ ପ୍ରମୁଖ ଉପସ୍ଥିତ ରହି ମୋଦୀ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ।




## ଜିଲ୍ଲାପାଳଙ୍କ ଉଠାଜଳସେଚନ ବିଭାଗ କାର୍ଯ୍ୟର ସମୀକ୍ଷା

ନୂଆପଡ଼ା, ୨୦।୧୨(ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଉଠାଜଳସେଚନ ବିଭାଗ କାର୍ଯ୍ୟାବଳୀର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଠାଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରସନ୍ନ କୁମାର ସେଠୀ ବିଭାଗର କାର୍ଯ୍ୟ ଖସଡ଼ା ଓ ସଫଳତାର ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳଙ୍କ ପୂର୍ବ ମାସିକ ସମୀକ୍ଷା ବୈଠକରେ ୧୦୦୦ ଟି ନୂତନ ଭାବରେ ଖନନ ହୋଇଥିବା ସୌରଚଳିତ ଗଭୀର ନଳକୂପରେ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୦ ଟି ମଧ୍ୟରୁ ୫୫୦ଟି ସୌର ପ୍ୟାନେଲ ସ୍ଥାପନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଛି। ଅବଶିଷ୍ଟ ସୌରଚାଳିତ ଗଭୀର ନଳକୂପ ଗୁଡିକରେ ସୌର ପ୍ୟାନେଲ କାର୍ଯ୍ୟ ଅତି ଶୀଘ୍ର ସମାପ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଅଚଳ ହୋଇ ପଡ଼ିଥିବା ୩୦ ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପକୁ ଓଡ଼ିଶା ଉଠା ଜଳସେଚନ ବିଭାଗ ଦ୍ୱାରା ସଫଳତାର ସହିତ ପୁନରୁଦ୍ଧାର କରାଯାଇଛି। ଉକ୍ତ ପ୍ରକଳ୍ପ ଦ୍ୱାରା ୬୦୦ ହେକ୍ଟର ଚାଷ ଜମିକୁ ଜଳ ସେଚନ ସୁବିଧା ଯୋଗାଇ ଦିଆ ଯାଇ ପାରିଛି। ଶେଷରେ କେତେ ଗୋଟି ସଫଳ ଉଠା ଜଳସେଚନ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା। ବୈଠକରେ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀ ସୁଖାତ ଦେବ ପରିଡ଼ା, ଉଠାଜଳସେଚନ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ବୁଢ଼ା, ଇ.ସାକ୍ଷୀ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।



## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଭବାନୀପଟଣା, ୨୦।୧୨(ସମିସ): ଭବାନୀପଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଗତ ବିଦ୍ୟାଳୟର ସମଗ୍ର ଶିକ୍ଷାମୂଳକ କାର୍ଯ୍ୟକଳାପ ଓ ଛାତ୍ରଛାତ୍ରୀଙ୍କ ପ୍ରତିଭା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମା'ମଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଏବଂ ସରକାରୀ ଇଞ୍ଜିନିୟରିଂ କଲେଜ, ଭବାନୀପଟଣାର ଅଧ୍ୟକ୍ଷ ବିଶେଷ ଅତିଥି ଭାବେ ଡ. ଏସଏସ ଦାସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦୀପ ପ୍ରଜ୍ୱଳନ ଓ ପ୍ରାର୍ଥନା ସହ ଆରମ୍ଭ ହୋଇ, ପରେ ସ୍ୱାଗତ ଗୀତ ଓ ନୃତ୍ୟ ପ୍ରସ୍ତୁତି ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଭୀମସେନ ପଣ୍ଡା ସ୍ୱାଗତ ଭାଷଣରେ ବିଦ୍ୟାଳୟର ଶିକ୍ଷାଗତ ପ୍ରଗତି ଓ ସହପାଠ୍ୟକ୍ରମ କାର୍ଯ୍ୟକଳାପର ସଫଳତା ଉଲ୍ଲେଖ କରିଥିଲେ। ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ସ୍ତୁତି କରି ସେମାନଙ୍କୁ ନିୟମିତ ପରିଶ୍ରମ ଓ ଶିଷ୍ଟାଚାର ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଧନ୍ୟବାଦ ଜ୍ଞାପନ ଓ ଜାତୀୟ ସଙ୍ଗୀତ ସହିତ ଉତ୍ସବର ସମାପନ ହୋଇଥିଲା।

## ଆଜି ବିଦ୍ୟୁତ୍ ସରବରାହ ବନ୍ଦ

ଗୋଲାମୁଣ୍ଡା, ୨୦।୧୨(ସମିସ): ଆସନ୍ତାକାଲି ରବିବାର ସକାଳ ୮ ଘଣ୍ଟାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ନେଇ ଉପଭୋକ୍ତା ଅବଗତି ଲାଗି ଗୋଲାମୁଣ୍ଡା ବିଦ୍ୟୁତ ବିଭାଗ ସୂଚନା ଜାରୀ କରିଛି। ୧୩୨ କେଭି ଲାଇନ ମରାମତି ପାଇଁ ବୃନ୍ଦାବାହାଲ ଏବଂ ଗୋଲାମୁଣ୍ଡା ଅଞ୍ଚଳରେ ବାର୍ଷିକ ବିଦ୍ୟୁତ୍ ମରାମତି ପାଇଁ ବନ୍ଦ ରହିବା ନେଇ ଗୋଲାମୁଣ୍ଡା ବିଦ୍ୟୁତ ବିଭାଗ ସୂଚନା ଦେଇଛି।

## ଏମ୍‌ଏମ୍‌ପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା




ଥୁଆମୂଳରାମପୁର, ୨୦।୧୨(ସମିସ): ସ୍ଥାନୀୟ ମା'ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଗତ ୧୮ ତାରିଖ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ ୧୮ ଟି ଇଭେଣ୍ଟରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଶେଷ କରି ଦୌଡ଼, ମାରାଥନ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଡିସ୍କସ, ଜେଭଲିନ, ସଟପୁଟ, କବାଡି, ଭଲିବଲ, ମ୍ୟୁଜିକ ଚେୟାର, ପ୍ରଭୃତି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ। ଶେଷ ଦିନରେ କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ ଜୟକୃଷ୍ଣ ମେହେର, ଓ କ୍ଷେତ୍ର ଅଧିକାରୀ ଶମ୍ଭୁନାଥ ସ୍ୱାଇଁ, ପୂର୍ବତନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ତଥା ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଏମ୍‌ଏମ୍‌ଡିସି ଅଧ୍ୟକ୍ଷ ସମୀର ରଞ୍ଜନ ସାହୁ, ଅଧ୍ୟାପକ ବିରଞ୍ଚି ସାହୁ ପ୍ରମୁଖ ଯୋଗଦେଇ କ୍ରୀଡାର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ସରୋଜ କୁମାର ପଟ୍ଟଯୋଶୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ରୀଡା ଶିକ୍ଷକ ବନବିହାରୀ ପରିଡ଼ା କ୍ରୀଡା ପରିଚାଳନା କରିଥିଲେ। ସଭାକୁ ଅଧ୍ୟାପକ ବତ୍ସ ବାହାନ ବୁଦ୍ଧିଆ ସଂଯୋଜନା କରିଥିଲେ। ଅଧ୍ୟାପକ ଉଦ୍ଧବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କ୍ରୀଡା ଉତ୍ସବରେ ବାଳକ ବିଭାଗରେ କୈଳାଶ ଚନ୍ଦ୍ର ମାଝୀ ଓ ବାଳିକା ବିଭାଗରେ ରଞ୍ଜିତା ବାଗ ଚାମ୍ପିଅନ ହୋଇଥିଲେ।

## ଫୁଣ୍ଡାରେ ସାପ୍ତାହିକ ବଜାର ଉଦ୍‌ଘାଟିତ

ଗୋଲାମୁଣ୍ଡା, ୨୦।୧୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡାଗ୍ରାମରେ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଧନଞ୍ଜୟ ସାହୁ, ସମିତି ସଭ୍ୟ ଉପେନ୍ଦ୍ର ନାଗ, ଖଲିଆପାଲି ସରପଞ୍ଚ ଜୀମୂତ ବାହନ ହରିପାଲ, ପିଇଓ ନବୀନ ମାଝି, ସମାଜସେବୀ ଲଳିତ ପଧାନ, ନରେନ୍ଦ୍ର ପ୍ରଧାନ, ଫକୀର ଭୋଇ, ପ୍ରମୋଦ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଯୋଗଦାନରେ ବଜାର ଉଦଘାଟିତ ହୋଇଯାଇଛି।

ପ୍ରଥମେ ଗ୍ରାମ୍ୟ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ବଜାର ପ୍ରତ୍ୟେକ ଶନିବାର ଦିନ ବସିବା ପାଇଁ ଧାର୍ଯ୍ୟ ରଖାଯାଇଥିବା ବେଳେ ଅଞ୍ଚଳର ଲୋକେ ବେଶ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଛି।




## EASTERN INVESTMENTS LIMITED

CIN: L65993OR1927GOI034842
Regd. Office: Plot No:255, Pristine Green, Pokharipur, Bhubaneswar-751020

**Statement of Standalone & Consolidated Reviewed Financial Results For the Quarter and Half Year Ended 30th Sept' 2025**

(Rs.in Lakhs)

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Half Year Ended | | Year Ended | Half Year Ended | | Year Ended |
| | | 30.09.2025 | 30.09.2024 | 31.03.2025 | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 35.87 | 72.58 | 44.27 | 9,717.44 | 7,054.61 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 6.51 | 29.05 | (44.47) | 792.99 | 526.39 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (8.06) | 24.91 | (28.91) | 525.30 | 342.30 | (3,518.39) |
| 5 | Total Comprehen-shive income for the period [comprising profit / (loss) for the period(after tax) and other comprehen-shive income (after tax)] | (8.06) | 24.91 | (28.91) | 525.30 | 342.30 | (3,525.52) |
| 6 | Net Profit attributable to Non Controlling Interests | - | - | - | 245.25 | 135.63 | (1,791.41) |
| 7 | Net Profit attributable to Owners of the Company | - | - | - | 280.05 | 206.67 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,538.58 | 26,600.46 | 26,546.64 | (9,129.20) | (7,472.03) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.56) | 1.72 | (2.00) | 19.74 | 14.56 | (121.71) |
| | (ii) Diluted | (0.56) | 1.72 | (2.00) | 19.74 | 14.56 | (121.71) |

1. The above results of the Company were approved by the Board of Directors at their respective meetings held on 19.12.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 19th December' 2025

Sd/-
(A.K.Bagchi)
Managing Director-EIL


## ବନ୍ଧୁକ ମୁନରେ ଲୁଟ୍ ଘଟଣା

# ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର

ଭବାନୀପାଟଣା, ୨୦।୧୨(ସମିସ)



କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ଗତ ୧୫ ଡିସେମ୍ବର ସନ୍ଧ୍ୟାରେ ଅନ୍ତର୍ଲା ଗ୍ରାମର କାହ୍ନୁ ବରିହା ଓ ପୋରାଗାଁର ଦେବେନ୍ଦ୍ର ସାହୁ ଆପାଚି ଗାଡିରେ ଆସି ବନ୍ଧୁକ ଦେଖାଇବା ସହ ମାଡମାରି ଟଙ୍କା ଆଦାୟ କରିଥିଲେ। ଏନେଇ ଜୁନାଗଡ଼ ଥାନାରେ ଅଭିଯୋଗ ହେବା ପରେ ଜୁନାଗଡ଼ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଦୁଇ ଅଭିଯୁକ୍ତଙ୍କୁ ବେଆଇନ ବନ୍ଧୁକ ଓ ଗୁଳି ଯୋଗାଇଥିବା ଅଭିଯୋଗରେ ଗୋଲାମୁଣ୍ଡା ବ୍ଲକର ବସନ୍ତ ଚଲାନଙ୍କୁ ମଧ୍ୟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାକୁ ନେଇ ଜିଲ୍ଲା ବିଜୁ ଜନତା ଦଳ ତରଫରୁ ପ୍ରତିନିଧି ଦଳ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ସାକ୍ଷାତ କରି ଅଧିକ ତଦନ୍ତ କରିବା ସହ ବେଆଇନ ବନ୍ଧୁକ କାରବାରରେ ଜଡ଼ିତ ଥିବା ରେକେଟକୁ ପର୍ଦ୍ଦାଫାଶ କରାଯିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ସହିତ ଶାସକ ବିଜେପିର ବରିଷ୍ଠ ରାଜନେତାଙ୍କ ସହ ଚୋରା ବନ୍ଧୁକ ଯୋଗାଇଥିବା ଗୋଲାମୁଣ୍ଡା ବ୍ଲକର ବସନ୍ତ ଚଲାନର କ'ଣ ସମ୍ପର୍କ ରହିଛି ତାହା ମଧ୍ୟ ତଦନ୍ତ ହେବା ଆବଶ୍ୟକ। ସେହିଭଳି ବିଜେପି ରାଜନେତାଙ୍କ ପୃଷ୍ଠପୋଷକତାରେ ଏହି ସବୁ ଇଂଲଣ୍ଡ ମେଡ୍ ବନ୍ଧୁକ ବେଆଇନ ଭାବରେ କାରବାର ହେଉଛି ଓ ଆସାମୀମାନେ ଖୋଲାଖୋଲି ଅପରାଧ ଘଟାଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଶିଘ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଅତିରିକ୍ତ ଏସପିଙ୍କୁ ଦାବିପତ୍ର ପ୍ରଦାନ ସମୟରେ ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ପୋରାଧ୍ୟକ୍ଷ ସଂଯୁକ୍ତା ବେହେରା, ରାଜ୍ୟଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ବିଜେଡି ନେତା ବଦ୍ରିନାରାୟଣ ପଟ୍ଟନାୟକ, ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଯୁବନେତା ପିତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବସନ୍ତ ଚଲାନଙ୍କ ଦ୍ୱାରା ବନ୍ଧୁକ ଚାଲାଣ ଅଭିଯୋଗ

ସୃଜନିକା

ସକାଳ THE SAKALA
www.sakalaepaper.com



# ଠିକଣା



ସୁଚରିତା ବେହେରା

ତା’ ସହିତ ଏମିତି ଭେଟ ହେବ ବୋଲି ମୁଁ ଭାବିନଥିଲି । ହୁଏତ ଭ୍ରମ ହୋଇଥାଇପାରେ ଭାବି ବାରମ୍ବାର ତା’ ନାଁ ଓ ଠିକଣାକୁ ମେଳ କରୁଥିଲି, କିନ୍ତୁ ମୋ ସବୁ ଆଶଙ୍କାକୁ ମିଛ ପ୍ରମାଣିତ କରି ସେ ସତ ହୋଇ ମୋ’ ସାମ୍ନାରେ ଠିଆ ହୋଇଥିଲା । ମୁଁ ତାକୁ ଅଣଦେଖା କରି କିଚେନ୍‌କୁ ଯାଇ କଫି ଆଣିଲି । ଦୁଇ ଜଣ ସାଙ୍ଗ ସହିତ ଫୋନ୍‌ରେ କଥା ହେଲି । ରାତିରେ କେଉଁ ରେଷ୍ଟୁରାଣ୍ଟରୁ ଡିନର୍ ଅର୍ଡର୍ କରିବି ଭାବି ନେଲି । ଅଫିସ୍‌ର କିଛି ବଳକା କାମ ବି କଲି । ତଥାପି ସେ ମୋ’ ସହିତ ଥିଲା । ମୁଁ ତାକୁ ଚାଲିଯିବାକୁ କହିବା ସତ୍ତ୍ୱେ ବି ସେ ସେମିତି ଠିଆହୋଇ ରହିଲା । ମୁଁ ପଚାରିଲି “ତୁ କ’ଣ ଚାହୁଁଛୁ ?” ସେ ନିରବ ରହିଲା ।

ମୁଁ ପୁଣି ଥରେ ସେ ସମାନ ପ୍ରଶ୍ନକୁ ଦୋହରାଇଲି । ତଥାପି ସେ ନିରବ ରହିଲା । ମୁଁ ତାକୁ କିଛି ନକହି ବାଲକୋନୀରେ ଆସି ବସିଲି । ଜହ୍ନରାତିର ଜୋସ୍ନା, ତାରାଭର୍ତ୍ତି ଆକାଶ, ମଧୁକାମିନୀ ଫୁଲର ବାସ୍ନା ମତେ ଅମୋଦିତ କରିବା ପରିବର୍ତ୍ତେ ଅଣନିଶ୍ୱାସୀ କରୁଥିଲା । ମୁଁ ଜୋର୍‌ରେ ଚିତ୍କାର କରି କହିଲି “ତୁ କେତେବେଳେ ଏଠୁ ଯିବୁ କହିଲୁ ।” ସେ କହିଲା “ତୁ ମତେ ମୋ ଠିକଣା ଦେଇଦେ, ମୁଁ ଚାଲିଯିବି ।” ଏଥର ମୁଁ ନିରୁତ୍ତର ରହିଲି । ସେ ବି ସେମିତି ଚୁପ୍‌ଚାପ୍ ରହିଲା । କଲିଂବେଲ୍ ଶୁଣି ଡୋର୍ ଖୋଲିଲି । ସେ ସେମିତି ମତେ ବଲ ବଲ କରି ଚାହିଁଥିଲା ।

ଡେଲିଭରି ବୟ ଖାଇବା ଦେଇ କେତେବେଳୁ ଗଲାଣି । ମୁଁ ଥରେ ତାକୁ ଆଉ ଥରେ ଡାଇନିଂ ଟେବୁଲ ଉପରେ ଥୁଆ ହେଇଥିବା ଖାଦ୍ୟକୁ ଦେଖୁଥିଲି । କାହିଁକି କେଜାଣି ହଠାତ୍ ମୋ’ ଭୋକ ମରିଗଲା । ମୁଁ କିଛି କରିବାକୁ ଚାହୁଁଥିଲି, କିନ୍ତୁ ଏତେ ରାତିରେ କରିବା ପାଇଁ ମୋ ପାଖରେ କିଛି କାମ ନଥିଲା । ମୁଁ ପୁଣି ଥରେ ତାକୁ ଚାଲି ଯିବାକୁ କହିଲି । କିନ୍ତୁ ସେ ସେମିତି ବସି ରହିଥିଲା ମତେ ଏକ ଲୟରେ ଚାହିଁ ।

ମୁଁ ମନେ ପକେଇବାକୁ ଚେଷ୍ଟା କଲି, ସମୁଦ୍ର କୂଳରେ ବାଲିଘର କରୁକରୁ ହଠାତ୍ ଅନ୍ୟମନସ୍କ ହୋଇ ସେ ଥରେ ମତେ ପଚାରିଥିଲା “ଏଇ ରାସ୍ତାର ଠିକଣା କ’ଣ ?”

ମୁଁ ସାମାନ୍ୟ ହସି କହିଥିଲି, “କହିବି ଖୁବ୍ ଶୀଘ୍ର ।”

ଉଦାସ ଆଖିରେ ସେ ସେଦିନ କହିଥିଲା, “ଦେଖିବୁ, ଯେମିତି ଡେରି ନହୋଇଯାଏ ।” ପରେ ଆମର ଦେଖା ହୋଇନି । ଜାଣିଶୁଣି ନୁହେଁ, ଅଜାଣତରେ । ସେ ବୋଧେ ଆମର ଶେଷ ଦେଖା ଥିଲା । ମୁଁ ଆଉ ପଛକୁ ବୁଲି ଦେଖିନି । ସେ ବି ମତେ ବାଧ କରିନି ଅଟକି ଯିବାକୁ । ତା’ଠୁ ଦୂରେଇ ଯିବା ମୋର ଉଦ୍ଦେଶ୍ୟ ନଥିଲା । କିନ୍ତୁ ନିଜକୁ ପ୍ରମାଣିତ କରିବାର ଦୌଡ଼ରେ କେଉଁଠି ମୁଁ ତା’ ହାତ ଛାଡ଼ି ଦେଲି ମନେନାହିଁ । ଏ ଭିତରେ ଦିନ, କେବେ ମାସ ବର୍ଷରେ ପରିଣତ ହେଲା ତା’ ବି ମନେ ନାହିଁ। ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି କେମିତି ସେ ମୋ ଦୁନିଆଁରୁ ଅଚାନକ ଅନ୍ତର୍ଦ୍ଧାନ ହୋଇଗଲା । ମୁଁ ମୋ’ ରାସ୍ତାରେ ଆଗେଇ ଗଲି, ବହୁତ ଦୂରକୁ । ସେ ବୋଧେ ରହିଗଲା ସେଇଠି, ମତେ ଅପେକ୍ଷା କରି । ଏକ ଅନ୍ତହୀନ ରାସ୍ତାରେ ଚାଲୁ ଚାଲୁ ହଠାତ୍ କେବେ ସ୍ମିତା ମୋ ଜୀବନର ଠିକଣା ପାଲଟି ଗଲା ଆଉ ସେ ଅତୀତ ଭିତରେ ହଜିଗଲା ଭାବିଲେ ଏବେ ସ୍ୱପ୍ନ ପରି ଲାଗୁଛି ।

ହଠାତ୍ କଲିଂ ବେଲ୍ ଶବ୍ଦରେ ନିଦ ଭାଙ୍ଗିଲା ମୋର । କବାଟ ଖୋଲି ଦେଖିଲି ସାମ୍ନାରେ ପ୍ରତ୍ୟୁଷ, ମୋ ସହକର୍ମୀ, ବନ୍ଧୁ । “ଫୋନ୍ କାହିଁକି ରିସିଭ୍ କରୁନୁ, ସବୁ ଠିକ୍ ତ ?” ପ୍ରତ୍ୟୁଷକୁ କୌଣସି ଜବାବ ନଦେଇ ମୁଁ ତାକୁ ଖୋଜୁଥିଲି । କେହି ନଥିଲେ । ସକାଳର ସୂର୍ଯ୍ୟକିରଣ ପରଦା ଦେଇ ମୋ ଡ୍ରଇଂ ରୁମ୍‌ରେ ପଡୁଥିଲା । “ଜାଣିଛୁ, ସମୁଦ୍ର ବେଳାଭୂମିରେ ବାଲି ତଳୁ ଜଣେ ଝିଅର କଙ୍କାଳ ମିଳିଛି । ସନ୍ଧ୍ୟାରେ ଆମେ ଯେଉଁ ଜାଗାରେ ବସୁ... ।” ପ୍ରତ୍ୟୁଷର କଥାଗୁଡ଼ିକ ମୋ କାନରେ ବାଜି, ଧୀରେ ଧୀରେ ମିଳେଇ ଯାଉଥିଲା । ବର୍ତ୍ତମାନ ମୋ ନଜର ଥିଲା କେବଳ ସେଣ୍ଟର ଟେବୁଲରେ ଥୁଆ ହୋଇଥିବା ଗତକାଲିର ପେପର ଉପରେ । ■

ଜସ୍ମିନ ଗ୍ରୋଭ୍, ଗାଜିଆବାଦ
ଉତ୍ତର ପ୍ରଦେଶ

# କାକୁସ୍ଥ



ଦେବାଶିଷ ଚକ୍ରବର୍ତ୍ତୀ

ଥରେ କହିଲ ଦେଖି
କାହାକୁ ଭଲ ଲାଗେନି
ବସିବାକୁ ଛାଇରେ?
ହେଲେ ଭଲ ଲାଗେ କି
ଛାଇ ଲମ୍ବି ଆସିଲେ
ବୟସର ଅପରାହ୍ଣରେ?

ଯେତେ ଚାହିଁଲେ ବି
ସେ କ’ଣ ହୋଇ ପାରିବ
ଫୁଲଫୁଟା ସକାଳ ଭଳି
ବରଂ ତାକୁ ଅହରହ
ଆଖିଠାର ମାରୁ ନଥାଏ କି
ବିଷର୍ଣ୍ଣ ଗୋଧୂଳି ?

ଆପଣା ହାତରେ ରୋପିଥିବା
ଗଛ, ବୃକ୍ଷ
ନିଜେ ଗଢ଼ିଥିବା ଘରଦ୍ୱାର
ଏପରି କି ନିଜ ରକ୍ତର ସ୍ୱାକ୍ଷର
ସତରେ କେହି ହୋଇ ପାରନ୍ତି କି
ଷୋଳଅଣା ଆପଣାର?

ସଂଶୟର କଳାମେଘ
ମନ ଆକାଶକୁ ଆବୋରିଲେ
ଆପଣାକୁ ମନେ ହୁଏନି କି ଅଲୋଡ଼ା ?
ଉଡ଼ାଣଖୋର୍ ଇଚ୍ଛାମାନେ
ଆଉ ଦେଇପାରନ୍ତି କି ଖଣ୍ଡିଉଡ଼ା?
ଆଖି, ନାକ, କାନ ଭଳି ଇନ୍ଦ୍ରିୟମାନେ ବି
ବିନା ନୋଟିସ୍‌ରେ
କରନ୍ତିନି କି ହରତାଳ ?
ମନ ସିଲଟରେ ଲେଖା ଅକ୍ଷରକୁ
ନିମିଷକରେ ପୋଛି ଦିଏନି କି
ବିସ୍ମୃତିର ଡଷ୍ଟର ?

ସକାଳରେ ଠିଆ ହୋଇଥିବା
ମଣିଷଟି ସିନା ଦେଖି ପାରେନି
ବୟସର ଅପରାହ୍ଣକୁ
ହେଲେ, ଅପରାହ୍ଣରେ
ଠିଆ ହୋଇଥିବା ମଣିଷଟି
ଅହରହ ଲୋଡ଼ୁ ନଥାଏ କି
ସକାଳକୁ ?
ବେଳେବେଳେ ଭାବନାଟିଏ
ଉଙ୍କି ମାରେନି କି
ପ୍ରାଚୁର୍ଯ୍ୟର ଡାହାଣୀ ଆଲୁଅ
ପଛରେ ଧାଇଁ ଅର୍ଜିଥିବା
ବ୍ୟାଙ୍କ ବାଲାନ୍ସ, ଗାଡ଼ି, ଘର, ଜମି
ତୁଳନାରେ ଢେଏର୍ ମୂଲ୍ୟବାନ ନୁହେଁ କି
କଙ୍କି ପ୍ରଜାପତି ପଛରେ ଧାଉଁଥିବା
ଶୈଶବର ମଧୁର ଦୁଷ୍ଟାମୀ ? ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ : ୯୪୩୭୭୫୨୩୯୫

# ପ୍ରେମିକା



ଅଖିଳ କୁମାର ମିଶ୍ର

ଅସଙ୍ଗତି ବନ୍ଧନର କ୍ଷଣ କ୍ଷଣର ଦହନରେ -
ପ୍ରେମ ଏକ ସଇତାନ ଅନ୍ଧାରୀ ପୋଖରୀ ହୁଡ଼ାରେ/
ବିଳିବିଳାଏ ନହକା ଚିତ୍ର ପ୍ରତିମା ବୁଡ଼ ପ୍ରହରରେ,
ଯୁକ୍ତିତର୍କ ଲହଡ଼ିର ମନରେ ମାଗେ,
ଚାଲିଯିବ ଚାଲିଯିବ କହୁଥାଏ ବାର ବାର,
ପ୍ରେମ ତା’ର ଜିଦ୍ ପିଲାଦିନର,
ସେଇଠି ଥିବ, ସେଇଠି ରହିବ ନାହିଁ,
ସଦାବେଳେ ଡରଉଥିବ ପ୍ରାପ୍ତ ଅଭିଯୋଗେ,
ସେ ସେଇ ପ୍ରେମିକା, ଜୀବନ ପରିକା ।



ତା’ ଦେହରେ ଦାଗ ଟିକେ ଲାଗେ ନାହିଁ,
ସବୁ ଦାଗ ଉପହାର ଦେଇ ସାରିଛି,
ଭୁଲ୍ ସବୁ ଘୋଡ଼ାଇବାକୁ
ବନ୍ଧୁ ବାନ୍ଧିଚି କଥାର ମାନ ସରି,
ଯାଇପାରେ ସେ ବଜାର ରାସ୍ତାରେ,
ଦଉଡ଼ାଇ ପାରେ ମତେ ପ୍ରତିଟି ମୋଡ଼ରେ ।

ଚମତ୍କାର ଅଭିନୟ ତା’ର ପ୍ରତିଦିନରେ,
ଅଭିମାନ ତା’ର ରୂପାନ୍ତର ଲାଲ୍ ପଣତରେ,
ଅପରାଧ ଯେତକ ତା’ର
ମୋର ବଞ୍ଚିବାର ରାହା ।

ସେ କାହାକୁ ପ୍ରେମ ବାଣ୍ଟେ ଜଣାନାହିଁ,
ସେ କାହାକୁ ମନ ଦିଏ ସେ ହିଁ ଜାଣେ -

ସେ କିନ୍ତୁ ସଶରୀରେ,
ହାତର ଏ ଦୁନିଆରେ,
ମୋ ପ୍ରାଣ ପ୍ରେମିକା ଚେହେରାରେ । ■

ଅତିରିକ୍ତ ମହାନିର୍ଦ୍ଦେଶକ
ପିଆଇବି, ଭାରତ ସରକାର
ଭୁବନେଶ୍ୱର

## ପୁସ୍ତକ ଓ ପତ୍ରିକା ପରିଚୟ

### ମନ ବଗିଚାର ହସଫୁଲଟି

ହଂସନାଥ ମୁଦୁଲି




ପେଜମେକର ପବ୍ଲିକେଶନ
୧୧୭ ବାପୁଜୀ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୭୦ ଟଙ୍କା

“ଫୁଲଟିଏ ମୁଁ ଫୁଲଟିଏ/ ପାଖୁଡ଼ାରେ ମୋର ରଙ୍ଗର ଚମକ/ ଅନ୍ତର ମହକେ ଭରିଥାଏ/ ଫୁଲଟିଏ ମୁଁ ଫୁଲଟିଏ ।” (ଫୁଲଟିଏ ମୁଁ ଫୁଲଟିଏ) ଏମିତି ଫୁଲ, ଜହ୍ନ, ତାରା, ଆକାଶ, ପ୍ରକୃତି ଆଦିକୁ ନେଇ ପ୍ରକାଶ ପାଇଛି ହଂସନାଥ ମୁଦୁଲିଙ୍କ ଶିଶୁ/ କିଶୋର ଗୀତି କବିତା ପୁସ୍ତକ ‘ମନ ବଗିଚାର ହସଫୁଲଟି’ । ଏହି ପୁସ୍ତକର କବିତାଗୁଡ଼ିକ ଶିଶୁ ଓ କିଶୋରମାନଙ୍କ ପାଇଁ ଆମୋଦଦାୟକ ସହିତ ଶିକ୍ଷଣୀୟ ମଧ ହୋଇଛି । ଜୀବନକୁ ମନ ଭରି ଉପଭୋଗ କରିବା, ପ୍ରକୃତିକୋଳରେ ହଜିଯିବା, ଶିଶୁ ମୁହଁରେ ହସ ଫୁଟାଇବା ଆଦି ଅନେକ ସାମାଜିକ ଓ ଜୀବନଧର୍ମୀ ବାର୍ତ୍ତା ରହିଛି ଏହି କବିତାଗୁଡ଼ିକରେ । ଏହି ପୁସ୍ତକରେ ‘ମନ ବଗିଚାର ହସଫୁଲଟି’, ‘ଫୁଲଟିଏ ମୁଁ ଫୁଲଟିଏ’, ‘ଦେଖ ଫୁଲଟେ ଫୁଟିଛି ମୁହିଁ’, ‘ଜୀବନର ମୂଳ ଥାଏ’, ‘ଫୁଲଟେ ଫୁଟିଲେ’, ‘ଆକାଶରୁ ଜହ୍ନ ମୋତେ’, ‘ଜହ୍ନମାମୁଁ ମୁହିଁ’, ‘ମୁଁ ଦିନ ଆକାଶର ତାରା’, ‘ଉଠ ଯିବ ପାଠ ପଢ଼ି’, ‘ବରଷା ମୁଁ ଯାଏ ଝରି’, ‘ମୁଁ ଯେ କାଗଜ ଡଙ୍ଗା’,‘ପ୍ରକୃତିମାତାର ହାତର ସୃଜନ’, ‘ଜୀବନ ଗୋଟିଏ ଫୁଲ’, ‘ଜୀବନ ଗୋଟିଏ ଗୀତ’ ଆଦି ଗୀତି କବିତା ହୃଦୟସ୍ପର୍ଶୀ ହୋଇଛି । ପ୍ରତିଟି କବିତାର ଭାବ, ଭାଷା ବେଶ୍ ବୋଧଗମ୍ୟ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବାପା ଓ ସୋଫା

ପ୍ରଦ୍ୟୁମ୍ନ ପଟ୍ଟନାୟକ



କାବ୍ୟଲୋକ
୨୯୭୪, ଗ୍ୟାରେଜ ଛକ
ଲୁଇସ୍ ରୋଡ୍, ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୬୦ ଟଙ୍କା

ଜୀବନର ଅନେକ ଘଟଣା ଅନୁଭୂତି, ଅନୁଭବ ମନ ଭିତରେ ଗଭୀର ଛାପ ପକାଏ । ସେଇସବୁ ଘଟଣା ସ୍ମୃତି ହୋଇରହିଯାଏ ହୃଦୟରେ । ଘଟଣା ବହୁଳ ଜୀବନର ସେଭଳି କିଛି ସ୍ମୃତି ଓ ଅନୁଭୂତି କାହାଣୀର ରୂପ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ‘ବାପା ଓ ସୋଫା’ ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ମୋଟ ୨୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପର ଭାବ, ଆବେଦନ ଓ କାହାଣୀ ସ୍ୱତନ୍ତ୍ର । ‘ବାପା ଓ ସୋଫା’, ‘ନିରିମାଖି’, ‘ଅଦୃଶ୍ୟ ଲାଠି’, ‘ନିରଞ୍ଜନ’, ‘ରାସ୍ତା’, ‘ଅମୂଲ୍ୟ ମୋତି’, ‘ସ୍ୱପ୍ନ’, ‘ଶେଷ ଦର୍ଶନ’, ‘ଶେଷଲଗ୍ନ’, ‘ପ୍ରତୀକ୍ଷମାଣା’, ‘ମାତୃ ଦିବସ’, ‘ସାଇତା ସ୍ମୃତି’, ‘ଧୂମ କୁଣ୍ଡଳୀ’, ‘ମିଛଗପ’ ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ ଗପରେ ମାନବୀୟ ସଂପର୍କ, ସାମାଜିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ,ସଂଘାତ, ଜୀବନର ନାନା ଘଟଣା ସାବଲୀଳ ଓ ସରଳ ଭାଷାରେ ପ୍ରକାଶ ପାଇଛି । ସମାଜରେ ନିତି ଘଟୁଥିବା ଅତି ସାଧାରଣ ଘଟଣାକୁ ଗାଳ୍ପିକ ନିଜ କଳାଚାତୁରୀ ମାଧ୍ୟମରେ ରମଣୀୟ ଭାବେ ବର୍ଣ୍ଣନା କରିଛନ୍ତି । ‘ବାପା ଓ ସୋଫା’ ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ସତ୍ୟମେବ ଜୟତେ

ସଂପାଦକ: ମାନସ ରଞ୍ଜନ ଦାଶ



ସତ୍ୟମେବ ଜୟତେ ପରିବାର
ସପନପୁର, ସାଲେପୁର
କଟକ
ମୂଲ୍ୟ: ୮୦ ଟଙ୍କା

ମାନସ ରଞ୍ଜନ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଛି ‘ସତ୍ୟମେବ ଜୟତେ’ ପତ୍ରିକା । ଏହି ପତ୍ରିକାରେ ଡକ୍ଟର ଗୌତମ ମହାରଣାଙ୍କ ‘ସନାତନ ଧର୍ମର ସ୍ୱରୂପ’, ଡ. ସନ୍ତୋଷ କୁମାର ପଣ୍ଡାଙ୍କ ‘ସଂକ୍ରାନ୍ତି, ଏକ କ୍ରିୟା’, ସୁଧୀର ଷଡ଼ଙ୍ଗୀଙ୍କ ‘ଶକ୍ତି ପୀଠ: ମାଆ ଉପାଡ଼ି ସ୍ଥଳ’, ଜୟଦେବ ଲେଙ୍କାଙ୍କ ‘ସ୍ୱରର ରାଣୀ ଆକାଶବାଣୀ’, ଆରିଫ୍ କଟକୀଙ୍କ ‘ସ୍ୱାଭିମାନୀ ସମାଜ ଗଠନରେ ସୁନାଗରିକର ଭୂମିକା’ ଆଦି ପ୍ରବନ୍ଧ ତଥ୍ୟଭିତ୍ତିକ ଓ ଭାବଗର୍ଭକ ହୋଇଛି । ସେହିପରି ଡକ୍ଟର କୃତ୍ତିବାସ ନାୟକଙ୍କ ‘ସାନଭାଇ’, ଗଗନ ଚନ୍ଦ୍ର ଦାଶଙ୍କ ‘ସେଇ ଝିଅଟି’, ପ୍ରଜ୍ଞାଲୀନ ସାହୁଙ୍କ ‘ସମ୍ମାନ’, କୁଞ୍ଜ ବିହାରୀ ସାହୁଙ୍କ ‘ସୁନୟନାର ହସ’ ଆଦି ଗପ ମନଛୁଆଁ ହୋଇଛି । ସେଭଳି କବିତା ବିଭାଗରେ ‘ଶେଷଶିଖାର ଜ୍ୱଳନ ପୂର୍ବରୁ’, ସୁନନ୍ଦା ମହାନ୍ତିଙ୍କ ‘ଶବ୍ଦ ଶର’, ଭକ୍ତ ଚରଣ ସାହୁଙ୍କ ‘ସ୍ମୃତି ତୁମେ କେବେ...’, ରାହୁଲ ତାଣ୍ଡିଙ୍କ ‘ଶପଥ’, ଗୀତା ଷଡ଼ଙ୍ଗୀଙ୍କ ‘ସେଇ ଲୋକଟି’, ସୁଧୀର କୁମାର ଦାସଙ୍କ ‘ସ୍ମୃତିରେ ଗାଁ ଘର’, ଅଧ୍ୟାପିକା ମନ୍ଦାକିନୀ ପାଢ଼ୀଙ୍କ ‘ସ୍ୱପ୍ନ ତୁମେ’ ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପତ୍ରିକାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ସାମାଜିକ ପରିବର୍ତ୍ତନର ସ୍ୱର



ବୈଷ୍ଣବ ମେହେର

ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ସୁରେନ୍ଦ୍ର ମହାନ୍ତି। ସାହିତ୍ୟର କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ନୁହେଁ, ବରଂ କବିତା ବ୍ୟତୀତ ଗଳ୍ପ, ଉପନ୍ୟାସ, ସ୍ତମ୍ଭରଚନା, ସମାଲୋଚନା, ନାଟକ, ଆତ୍ମଜୀବନୀ, ଭ୍ରମଣ କାହାଣୀ ଭଳି ପ୍ରକାଣ୍ଡ ସାହିତ୍ୟ ବୃକ୍ଷର ପ୍ରାୟ ଶାଖାରେ ନିଜ ଛାପକୁ ଯଶସ୍ୱୀ କରାଇ ପାରିଛନ୍ତି । କିନ୍ତୁ ମର୍ମସ୍ପର୍ଶୀ ଶତାଧିକ କ୍ଷୁଦ୍ରଗଳ୍ପ ରଚନା କରିଥିବା ସୁରେନ୍ଦ୍ରଙ୍କ ଅନାବିଳ ଦୁର୍ବଳତା ଯେ ଗଳ୍ପ ସାହିତ୍ୟରେ ରହିଥିଲା, ଏହା ତାଙ୍କ ଗଳ୍ପ ଭିତରକୁ ପ୍ରବେଶ ପରେ ସ୍ୱତଃ ଅନୁମାନ କରିହୁଏ । ବୋଧେ ସେଥିପାଇଁ ହିଁ ଥରେ ଏକ ସାକ୍ଷାତକାରରେ ସେ କହିଥିଲେ - “ଗଳ୍ପ-ଗଳ୍ପ-ଗଳ୍ପ ହେଉଛି ମୋର First Love ।”

ଜଣେ ସଫଳ ରାଜନୈତିଜ୍ଞ, ସାମ୍ବାଦିକ ଭାବରେ ଓଡ଼ିଶାର ପୁରପଲ୍ଲୀ ବୁଲି ବିଭିନ୍ନ ବର୍ଗର ଲୋକଙ୍କ ସଂସ୍ପର୍ଶରେ ସେ ଆସିବା ସୁଯୋଗ ଲାଭ କରିଥିଲେ । ତେଣୁ ସାଧାରଣ ଲୋକଙ୍କ ଜୀବନକୁ ଅତି ନିକଟରୁ ଅନୁଭବ କରିବାର ଅପୂର୍ବ ସୁଯୋଗ ସୁରେନ୍ଦ୍ରଙ୍କ ପ୍ରାୟ ଗଳ୍ପରେ ଗ୍ରାମୀଣ ଜୀବନର ନିଛକତା ଖୁବ୍ ଜୀବନ୍ତ ଭାବରେ ପ୍ରତିଫଳିତ ହୋଇଛି। ପାରମ୍ପରିକ ସ୍ଥିତାବସ୍ଥାକୁ ମୃତାବସ୍ଥା ପ୍ରାୟେ ମଣି ଯେଉଁ ପରିବର୍ତ୍ତନରେ ସାମୂହିକ କଲ୍ୟାଣ ସାଧିତ ହେବାକୁ ସେ ଅନୁଭବ କରୁଥିଲେ, ସକଳ ସମସ୍ୟା ସତ୍ତ୍ୱେ ତାକୁ ଗ୍ରହଣ କରିବାରେ ସେ ତିଳେମାତ୍ର ପଶ୍ଚାତଧାବନ ହୋଇ ନାହାନ୍ତି। ସୁରେନ୍ଦ୍ରଙ୍କୁ ଯେତେବେଳେ ମାତ୍ର ଷୋହଳ ବର୍ଷ ବୟସ, ସେତେବେଳେ ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ ‘ବନ୍ଦୀ’ ପ୍ରକାଶ ପାଏ ୧୯୩୮ ମସିହାରେ ତତ୍କାଳୀନ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟ ପତ୍ରିକା ‘ଉତ୍କଳ ସାହିତ୍ୟ’ରେ । ଜଣେ ତରୁଣ ଗାଳ୍ପିକର ହୃଦୟର ଭାବାବେଗ ସ୍ୱରୂପ ଅସହ୍ୟ ଅତ୍ୟାଚାରକୁ ସହ୍ୟ କରି ନପାରି ଖଟିଖିଆ ଦରିଦ୍ର ମଣିଷଟି କିପରି ଅତ୍ୟାଚାରୀ ମହାଜନ ଉପରେ ପ୍ରତିଶୋଧ ପରାୟଣ ହୋଇଯାଏ, ତାହା ଏହି ଗଳ୍ପରେ ଗାଳ୍ପିକ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ।

ସୁରେନ୍ଦ୍ର ମହାନ୍ତି ଜଣେ ଜୀବନବାଦୀ ଲେଖକ। ତା’ର ପରିଚୟ ତାଙ୍କ ଅନେକ ଗଳ୍ପରେ ମିଳିପାରେ। କର୍ମମୟ ଜୀବନର ଘାତପ୍ରତିଘାତ ଯୁଗେଯୁଗେ ମଣିଷକୁ ବୀତସ୍ପୃହ କରି ପକାଏ । ସୁରେନ୍ଦ୍ରଙ୍କ ‘ରୁଟି ଓ ଚନ୍ଦ୍ର’ ଗଳ୍ପରେ ସକଳ ବେଦନା ଭିତରେ ଅନୁସନ୍ଧିତ୍ସୁ ମଣିଷ ଜୀବନରେ ପ୍ରକୃତ ଅମୃତର ସନ୍ଧାନ ପାଇପାରେ। ସେଥିପାଇଁ ସେ ଏକ ସାର୍ଥକ ଜୀବନ ବଞ୍ଚିବାରେ ସଫଳ ହୁଏ ବୋଲି ଦର୍ଶାଇ ଦିଆଯାଇଛି । ପ୍ରାଣର ପ୍ରାଚୁର୍ଯ୍ୟରେ ଜଣେ ଯଦି ପରିପୂର୍ଣ୍ଣ, ତେବେ ଗୋଟିଏ କି ଦୁଇ ରାତିର ଉପବାସ ତା’ ପାଇଁ ସେତେଟା ବେଦନାସିକ୍ତ ହୋଇ ନପାରେ । ପୂରା ମଜୁରି ଆଉ ପୂରା ପେଟ, ଜୀବନର ପ୍ରୟୋଜନୀୟତା ହୋଇପାରେ, କିନ୍ତୁ ଜୀବନର ଲକ୍ଷ୍ୟ ତ ଆତ୍ମତୃପ୍ତି । ମନମୁଗ୍ଧକର ଝରଝର ଝରଣା, ସଫେଦ ଜ୍ୟୋତ୍ସ୍ନାର ଆବିଳତା, ସବୁଜ ସୁନ୍ଦର ପରିପୂର୍ଣ୍ଣ ପ୍ରକୃତିର ଆକର୍ଷଣ ଯେ ଚିରାଚରିତ ଜୀବନଠାରୁ ଖୁବ୍ ସ୍ୱତନ୍ତ୍ର । ଏହା ହିଁ ‘ରୁଟି ଓ ଚନ୍ଦ୍ର’ ଗଳ୍ପରେ ଗାଳ୍ପିକଙ୍କ ଆଭିମୁଖ୍ୟ, ଯାହା ତାଙ୍କ ଗଳ୍ପ ସଂକଳନର ନାମ ବହନ କରି ତାଙ୍କ ବାସ୍ତବ ଜୀବନ ଚରିତ୍ରର ମହନୀୟ ଦିଗକୁ ଯଥାର୍ଥ ଢଙ୍ଗରେ ଉପସ୍ଥାପିତ କରିଛି। ଏହି ପରିପ୍ରେକ୍ଷୀରେ କଥାକାରଙ୍କ ‘କୃଷ୍ଣଚୂଡ଼ା’ ଗଳ୍ପ ମଧ ସେହି ସମାନ ଆବେଦନରେ ପରିପୁଷ୍ଟ ହୋଇଛି। ଗଳ୍ପ ନାୟକ ‘ସଦାନନ୍ଦ’ ନିତିଦିନିଆ ସମ୍ବାଦ ଲେଖା ଛାଡ଼ି କମନୀୟ କୃଷ୍ଣଚୂଡ଼ାର ଆକର୍ଷଣକୁ ଏଡ଼ାଇ ନ ପାରି ତାକୁ ତୋଳିବାରେ ନିଜକୁ ନିୟନ୍ତ୍ରଣ କରି ନପାରିବା ମନ ଓ ହୃଦୟର ଆହ୍ୱାନ ହିଁ ଅସଲ ଜୀବନର ପରିଭାଷା ବୋଲି ବୁଝିବାକୁ ପଡ଼େ ।

ପରିସ୍ଥିତି ଯେତେ ନିଷ୍ଠୁର ହେଉନା କାହିଁକି ଆପଣାର ଲୋକଟିଏ ପାଖରେ ଥିଲେ ସବୁ ଦୁଃଖ ଆପେଆପେ ଅପସରି ଯାଏ । ସେହି ଲୋକଟି ଯେତେ ବେଳେ ଦୂରେଇ ଯାଏ, ସେତିକି ବେଳେ ମଣିଷର ଅନ୍ତଃବେଦନା ଦ୍ୱିଗୁଣିତ ହୋଇଯାଏ। ଏକଥା ସୁରେନ୍ଦ୍ରଙ୍କ ‘ନୟନପୁର ଏକ୍ସପ୍ରେସ୍’ ଗଳ୍ପରେ ପରିଦୃଷ୍ଟ ହୁଏ। ସେହିଭଳି ତାଙ୍କର ଅନ୍ୟତମ ସଫଳ ଗଳ୍ପ ହେଉଛି ‘ମହାନଗରୀର ରାତ୍ରି’ । ଯେଉଁଠି ଜଣେ ଦୁଃସ୍ଥ ନାରୀର କରୁଣ ଜୀବନ କାହାଣୀର ନିଖୁଣ ଉପସ୍ଥାପନା ପାଠକଙ୍କୁ ଅଭିଭୂତ କରିଦିଏ । ପୁନଶ୍ଚ ‘ଖାଦାନୀ’ ଗଳ୍ପରେ ମାଟି ଓ ପ୍ରକୃତିର ସରଳ ମଣିଷ କିପରି ଆଧୁନିକତାର ମୋହରେ ପଡ଼ି ନିଜ ଜୀବନକୁ ବିପର୍ଯ୍ୟସ୍ତ କରି ଦେଉଛି । ସେହିପରି ‘ଘନିଆର ଗଣେଶ ଚତୁର୍ଥୀ’ ଗଳ୍ପରେ ଭଗବାନଙ୍କ ପୂଜାର୍ଚ୍ଚନା ହେଉ କି ବିଦ୍ୟାଳୟରେ ଶିକ୍ଷାଅର୍ଜନ ହେଉ ଏଥିରେ ସମସ୍ତଙ୍କ ସମାନ ଅଧିକାର ରହିବା ପ୍ରସଙ୍ଗ ଚିତ୍ରଣ କରାଯାଇଛି । ‘ମେଣ୍ଢାଖାଇ’ ଗଳ୍ପରେ ଏକ ସରଳ, ନିଷ୍ପାପ ଗ୍ରାମ୍ୟ ଜୀବନର ବାର୍ତ୍ତାକୁ ଗାଳ୍ପିକ ଜୀବନ୍ତ ଢଙ୍ଗରେ ସଜାଇ ଦେଇଛନ୍ତି । ସେହିପରି ‘ଅପରିଚିତର ପରିଚୟ’ ଗଳ୍ପ ତ ପ୍ରତିଟି ମଣିଷକୁ ମଣିଷତ୍ୱର ପରିଚୟ କରାଇବାର ଭାର ବହନ କରିଛି । ନିଜେ ଭୋକ ଉପାସରେ ଥାଇ ସୁଦ୍ଧା ଅନ୍ୟ ଜଣେ ଅସହାୟା ପାଇଁ ରିଲିଫ୍ ନେବାକୁ ଆସି ଜଣେ ମାନବଧର୍ମୀକୁ କିପରି ଲହୁଲୁହାଣ ହେବାକୁ ପଡ଼େ ତାହା ଏଠାରେ ଚିତ୍ରିତ ହୋଇଛି । ବାସ୍ତବରେ ଏହି ଗଳ୍ପ ମାନବିକତାର ବାସନାକୁ ବିଚ୍ଛୁରିତ କରେ । ଅପରପକ୍ଷେ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ୟ ଦୁଇଟି ଗଳ୍ପ ‘ଓଃ ! କାଲକାଟା’ ଓ ‘ରାଜଧାନୀ’ରେ ସାଧାରଣ ମଣିଷଙ୍କ ଅସହାୟତା, ଦରିଦ୍ରତାର ନିଦାନ ପାଇଁ କର୍ତ୍ତୃପକ୍ଷଙ୍କ ସ୍ୱାର୍ଥଲିପ୍ସୁ ଅନ୍ତଃସାରଶୂନ୍ୟ ଯୋଜନାକୁ ଯେଉଁଭଳି ଇଙ୍ଗିତ କରାଯାଇଛି, ସେଭଳି ସେତେବେଳର କିଛି ଲୋକଙ୍କ ରୁଗ୍‌ଣ ମାନସିକତାର ମଧ ଏଠାରେ ପରିପ୍ରକାଶ କରାଯିବା ଏକ ସ୍ୱଚ୍ଛ ସାମାଜିକ ପରିବର୍ତ୍ତନକୁ ଖୋରାକ ଦେଇ ଆସୁଛି । ସୁରେନ୍ଦ୍ର ମହାନ୍ତିଙ୍କ ମତରେ ‘ଦାରିଦ୍ର କ୍ଷମତାଲିପ୍ସୁ ରାଜନୈତିକ ନେତାମାନଙ୍କର ଏକ ନ୍ୟସ୍ତସ୍ୱାର୍ଥ । ଦାରିଦ୍ର୍ୟ ଲୋପ ପାଇଗଲେ, ସେମାନଙ୍କର ସହଜ ନେତୃତ୍ୱ ଆଉ ଚଳିବ ନାହିଁ । ଯେତେଦିନ ଯାଏ ଦାରିଦ୍ର ରହିଥିବ, ସେତେଦିନ ପର୍ଯ୍ୟନ୍ତ ସେମାନେ ସୁପ୍ରତିଷ୍ଠିତ ଥିବେ ।” ନିଜେ ରାଜନୀତିରେ ଥାଇ ରାଜନୈତିଜ୍ଞଙ୍କ ପ୍ରତି ଲେଖକଙ୍କ ଏଭଳି ଦୃଷ୍ଟିଭଙ୍ଗୀ କେବଳ ତାଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱର ପରିଚୟ ଦେଉ ନାହିଁ, ଏହାସହ ସାମାଜିକ ପରିବର୍ତ୍ତନର ବହ୍ନିଟିଏ ସେ ନିଜ ଗଳ୍ପ ମାଧ୍ୟମରେ ସମାଜରେ ଜଳାଇ ରଖିବାର ପ୍ରୟାସକୁ ସ୍ପଷ୍ଟ କରୁଛି । ସେହିପରି ମଣିଷ ଆତ୍ମପ୍ରଚାର ନିମିତ୍ତ କ’ଣ କରିପାରେ ତାହା ଗଳ୍ପ ‘ଜୀଅନ୍ତା ଭୂତ’ରେ ପର୍ଯ୍ୟବସିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ରଚନାର ପୃଷ୍ଠଭୂମି ନିଶ୍ଚିତ ଭାବେ ବିବିଧ । ପୁରାଣ ଓ ଇତିହାସ ପ୍ରସଙ୍ଗକୁ ସେ ଅନେକ ଗଳ୍ପରେ ସ୍ଥାନ ଦେଇଥିଲେ ମଧ ସାମାଜିକ, ରାଜନୈତିକ ଓ ଲୋକଙ୍କ ମାନସିକ ସମସ୍ୟା ପର୍ଯ୍ୟବସିତ ତାଙ୍କ ଅନେକ ଗଳ୍ପରେ ତତ୍କାଳୀନ ଚିରାଚରିତ ପ୍ରଥା, ପରମ୍ପରା ପ୍ରତି ଲେଖକଙ୍କ ଅନ୍ତରର ବିଦ୍ରୋହକୁ ଯେତିକି ଅବଲୋକନ କରିହୁଏ, ସେତିକି ତାଙ୍କ ହୃଦୟ କୋଣରେ ଜାଗ୍ରତ ହୋଇଥିବା ଭିନ୍ନ ଏକ ସମାଜ ଗଠନର ଆକାଂକ୍ଷାକୁ ମଧ ହୃଦୟଙ୍ଗମ କରିହୁଏ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ନବୋଦୟ ବିଦ୍ୟାଳୟରେ ନବମ ଛାତ୍ରଙ୍କୁ ମାରପିଟ୍

# ୭ ଛାତ୍ର ସାତ ଦିନ ପାଇଁ ନିଲମ୍ବିତ

କୋରୁକୋଣ୍ଡା,୨୦।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ସହରରେ ଥିବା ନବୋଦୟ ବିଦ୍ୟାଳୟ-୨ରେ ଜୁନିୟର୍ ଛାତ୍ରଙ୍କୁ ମାଡ଼ ଘଟଣାରେ ଏକାଦଶ ଶ୍ରେଣୀର ୭ଜଣ ଛାତ୍ରଙ୍କୁ ଏକ ସପ୍ତାହ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ନିଲମ୍ବିତ କରିଛନ୍ତି। ଏହାସହ ହଷ୍ଟେଲ କେୟାର୍-ଟେକର୍ ବିଶ୍ୱଜିତ ସରକାରଙ୍କୁ ବହିଷ୍କୃତ କରାଯାଇଛି।

ସୂଚନାନୁଯାୟୀ, ଛାତ୍ରଛାତ୍ରୀମାନେ ଘରଠାରୁ ଦୂରରେ ହଷ୍ଟେଲରେ ରହୁଛନ୍ତି। ସେଥିପାଇଁ ଅବିଭାବକମାନେ ପିଲାମାନଙ୍କୁ କିଛି ଶୁଖିଲା ଖାଦ୍ୟ ନିଜ ପାଖରେ ରଖିବା ପାଇଁ ଦେଇଥା'ନ୍ତି। ୪ ଦିନ ତଳେ ନବମ ଶ୍ରେଣୀର ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରଙ୍କ କିଛି ଖାଦ୍ୟ ଖାଇ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏ ସଂପର୍କରେ ଏକାଦଶ ଶ୍ରେଣୀର ଛାତ୍ରଙ୍କ କ୍ୟାପଟେନ୍ ଏବଂ କେୟାରଟେକର୍ ଜାଣିବା ପରେ ନବମ ଶ୍ରେଣୀର କେତେକ ଛାତ୍ରଙ୍କୁ ଏକାଦଶ ଶ୍ରେଣୀର ଛାତ୍ରାବାସକୁ ଡାକି ପଚରାଉଚରା କରିବା ସହ ନିର୍ଦ୍ଧୁମ ମାଡ଼ ମାରିଥିଲେ। କେୟାର୍-ଟେକର୍ ବିଶ୍ୱଜିତ ସରକାର ମଧ୍ୟ ନବମ ଶ୍ରେଣୀ ଛାତ୍ରମାନଙ୍କୁ ବାରମ୍ବାର ପାଣି ପିଆଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।



## ■ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିକୁ ବିରୋଧ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୨୦।୧୨ (ସମିସ): ବିଧାୟକଙ୍କ ଦରମା ଓ ଭତ୍ତା ଅହେତୁକ ବୃଦ୍ଧି କରାଯିବା ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆଇନଜୀବୀ କବିତା ପାତ୍ର ଏହି ମାମଲା ଦାୟର କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି, କିଛି ରାଜନୈତିକ ଦଳ ଓ ବୁଦ୍ଧିଜୀବୀ ମଧ୍ୟ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଏଣୁ ଏହି ଜନବିରୋଧୀ ନିଷ୍ପତ୍ତି ପ୍ରତ୍ୟାହାର ହେବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତି ମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ। କେତେକ ବିଧାୟକ ମଧ୍ୟ ବର୍ଦ୍ଧିତ ଦରମା ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଥିବା ବେଳେ କେଉଁ କାରଣରୁ ବିଧାୟକଙ୍କ ଦରମା ଏତେ ପରିମାଣରେ ବୃଦ୍ଧି କରାଯାଇଛି ବୋଲି ସରକାର ସ୍ପଷ୍ଟ କରିବା ଦରକାର ବୋଲି ଆବେଦନକାରୀ କହିଛନ୍ତି। ଶେଷଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ଲକ୍ଷ ଟଙ୍କା ପାଇବେ ବୋଲି ଜଣାପଡ଼ିଛି।

## ଅବଶିଷ୍ଟାଂଶ

### ରାଜଧାନୀ ଏକ୍ସପ୍ରେସ୍...

ଡିଭିଜନର ଯମୁନାମୁଖ-କାନପୁର ସେକ୍ସନରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସ୍ଥଳଟି ଏକ ହାତୀସୂଚୀତ କରିଡର ନଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ ଏହି ହାତୀ ପଲ ହଠାତ ଟ୍ରେନ୍ ସାମ୍ନାରେ ଦେଖାଦେଇଥିଲା। ଲୋକୋ ପାଇଲଟ ଜରୁରୀକାଳୀନ ବ୍ରେକ ଲଗାଇଥିଲେ ମଧ୍ୟ ହତୀ ପଲ ସହ ଟ୍ରେନ୍‌ର ଧକ୍କାକୁ ରୋକାଯାଇ ପାରି ନଥିଲା। ଉଲ୍ଲେଖଯୋଗ୍ୟ ଯେ, ସାଇରଙ୍ଗ- ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ମିଜୋରାମର ସାଇରଙ୍ଗ ଓ ଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଛି। ଏହି ଦୁର୍ଘଟଣା ଫଳରେ ଏନ୍‌ଏଫ ରେଳବାଇର ଜମୁନାମୁଖ-କାମପୁର ସେକ୍ସନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି।

### ଆଣ୍ଠେଇଛି ପିଏମ୍...

ଯୁକ୍ତି ଅନୁଯାୟୀ ରୁଫଟପ୍ ସୋଲାରର ଭବିଷ୍ୟତର ଆବଶ୍ୟକତା, ଏଥିରୁ ଉଭୟ ଉପଭୋକ୍ତା ଏବଂ ପରିବେଶକୁ ମିଳୁଥିବା ଫାଇଦା, କମ୍ ଖର୍ଚ୍ଚରେ ଅଧିକ ବିଜୁଳି ଉତ୍ପାଦନ ସର୍ବୋପରି କେନ୍ଦ୍ର ଏବଂ ରାଜ୍ୟ ସରକାର ପ୍ରଦାନ କରୁଥିବା ସବ୍‌ସିଡି ଅର୍ଥ ବାବଦରେ ଉପଭୋକ୍ତାଙ୍କୁ ସେପରି ସଚେତନ କରାଯାଉ ନାହିଁ। ଯାହାଫଳରେ ରାଜ୍ୟର ଉପଭୋକ୍ତା ଏହି ମହତ୍ୱାକାଂକ୍ଷୀ ଯୋଜନାଠାରୁ ମୁହଁ ମୋଡୁଛନ୍ତି ବୋଲି ଶକ୍ତି ସମୀକ୍ଷକ ଯୁକ୍ତି ବାଢ଼ୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରୁଫଟପ୍ ସୋଲାର ପ୍ୟାନେଲଜରେ ୧ କିଲୋୱାଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୫ ହଜାର ଟଙ୍କାର ସବ୍‌ସିଡି ପ୍ରଦାନ କରୁଛନ୍ତି। ସେହିପରି ୨ କିଲୋୱାଟ ପାଇଁ ୧.୧୦ ଲକ୍ଷ ଏବଂ ୩ କିଲୋୱାଟ ପାଇଁ ୧.୩୮ ଲକ୍ଷ ଟଙ୍କା ସବ୍‌ସିଡି ପ୍ରଦାନ କରୁଛନ୍ତି। ମାତ୍ର ଏହାର ସୁଫଳ ଉପଭୋକ୍ତା ଯେତିକି ଉଠାଇବା କଥା, ତାହାଠାରୁ ଢେର୍ ପଛରେ ରହିଥିବା ଜଣାପଡ଼ିଛି। ଅପରପକ୍ଷେ ପିଏମ୍ ସୂର୍ଯ୍ୟଘର ଯୋଜନାର ୟୁଏଲଏ(ୟୁଟିଲିଟି ଏଗ୍ରିଗେସନ ମଡେଲ) ଅଧୀନରେ ଘରୋଇ ଉପଭୋକ୍ତାଙ୍କ ପାଇଁ ସବସିଡି ଅର୍ଥ ରାଶିକୁ ଆହୁରି ବୃଦ୍ଧି କରାଯାଇଛି। ଏଥିରେ ପୂର୍ବରୁ ୧ କିଲୋୱାଟ ସୋଲାର ପ୍ୟାନେଲ ପାଇଁ ଉପଭୋକ୍ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ପଡୁଥିବା ବେଳେ ଏଣିକି ମାତ୍ର ୧୮ ୭୫ ଟଙ୍କା ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି।

### ଘର ସହ ନାବାଳିକାଙ୍କୁ...

ପଛରେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇର ଢାକା ସେଲ୍ ଥିବା ସୂଚନା ମିଳିଛି। ଏପରି ଏକ ସେଲ୍ ହିଁ ଶ୍ରୀଲଙ୍କାରେ ଅସ୍ଥିରତା ସୃଷ୍ଟି କରିଥିଲା। ଏବେ ସେହି ପୁରୁଣା କୌଶଳକୁ ବାଂଲାଦେଶରେ ଆପଣା ଯାଇଛି। ଏହାକୁ ସରକାର ଏବଂ ଆମେରିକା ମଧ୍ୟ ସମର୍ଥନ ଦେଉଛି।

ବାଂଲାଦେଶ ନିର୍ବାଚନ ପୂର୍ବରୁ ଜାଣିଶୁଣି ଏହି ହିଂସା ଆରମ୍ଭ କରାଯାଇଥିବା କୁହାଯାଉଛି। ନିର୍ବାଚନକୁ ଘୁଞ୍ଚାଇବା ପାଇଁ ପାକିସ୍ତାନ ସହ ମିଶି କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଏହି ଷଡ଼ଯନ୍ତ୍ର କରିଛନ୍ତି। ଆଉ ଏହାକୁ ଆମେରିକା ସମର୍ଥନ ମଧ୍ୟ ମିଳିଥିବା କୁହାଯାଉଛି। ସଂଖ୍ୟାଲଘୁ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳିଦେବା ପରେ ଚରମପନ୍ଥୀ ଏବେ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନପି)ର ନେତାଙ୍କୁ ନିଶାଣ କରିଛନ୍ତି। ନିର୍ବାଚନୀ ସର୍ଭେରେ ଏହି ପାର୍ଟି ବିଜୟୀ ହେଉଥିବା ଜଣାପଡ଼ିବା ପରେ ବିରୋଧୀ ରକ୍ତଚାଉଳ ଚୋବାଉଛନ୍ତି। ତେଣୁ ଜାଣିଶୁଣି ନିର୍ବାଚନ ଭଣ୍ଡୁର କରିବାକୁ ପ୍ରୟାସ କରୁଛନ୍ତି। ଏହି କ୍ରମରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ବିକ୍ଷୋଭକାରୀ ଲକ୍ଷ୍ମୀପୁର ସଦର ସ୍ଥିତି ବିଏନପି ନେତା ବିଲାଲ ହୁସେନଙ୍କ ଘରେ ଆକ୍ରମଣ କରିଛନ୍ତି। ବାହାର ପଟୁ ତାଲା ଲଗାଇ ଘର ଜାଳି ଦେଇଛନ୍ତି। ଏହି ହିଂସାର ନିଆଁରେ ବିଲାଲଙ୍କ ସାନ ଝିଅ ଆୟଶା ଅଖତର (୭) ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ହୁସେନଙ୍କ ସମେତ ତାଙ୍କର ଆଉ ଦୁଇ ଝିଅ ସଲମା ଅଖତାର (୧୬) ଏବଂ ସାମିଆ ଅଖତାର (୧୪) ଜଳି ଯାଇଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଦୁଇ ଝିଅଙ୍କୁ ଢାକା ହସ୍ପିଟାଲକୁ ପଠାଇ ଦିଆଯାଇଛି।

ଭାରତ ବିରୋଧୀ ନେତା ଭାବେ ପରିଚିତ ଉସମାନ ହାଦିଙ୍କୁ ଆଜି ରାଷ୍ଟ୍ରୀୟ କବିଙ୍କ ପାର୍ଶ୍ୱରେ କବର ଦିଆଯାଇଛି। ଏହା ପୂର୍ବରୁ ଦ୍ୱିପହର ୨ଟା୩୦ରେ ସଂସଦ ଭବନର ଦକ୍ଷିଣ ପ୍ଲାଜାରେ ହାଦିଙ୍କ ପାଇଁ ନମାଜ କରାଯାଇଥିଲା। ଏଠାରେ ଇନ୍‌କିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର ତାଙ୍କ ସମର୍ଥକଙ୍କୁ ବିକ୍ଷୋଭରେ ସାମିଲ ହେବା ପାଇଁ ଶାହବାଗ ଯିବାକୁ କହିଥିଲେ। ସେ କହିଥିଲେ ଯେ ଆମେ ଶୋକ ମନାଇବାକୁ ଆସିନାହୁଁ। ଆମ ଭାଇ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କୁ ଗୁଳି ମାଡ଼ ଘଟଣାକୁ ସପ୍ତାହେ ବିତି ଯାଇଥିଲେ କାହାକୁ ଗିରଫ କରାଯାଇ ନାହିଁ। ସେ ସରକାରଙ୍କୁ ଏ ନେଇ ୨୪ ଘଣ୍ଟା ଭିତରେ ଜବାବ ମାଗିଛନ୍ତି। ଏହା ମଧ୍ୟରେ ହାଦିଙ୍କୁ ନେଇ ଚାଞ୍ଚଲ୍ୟକର ସୂଚନା ଆସିଛି। ହାଦି ନିର୍ବାଚନରେ କାହାକୁ ସମର୍ଥନ ଦେଉ ନ ଥିଲେ। ସେ ବିଏନପି, ମହମ୍ମଦ ୟୁନୁସ୍ ଏବଂ ଜମାତ-ଇ-ଇସଲାମି ସରକାର ଗଠନ କରୁ ବୋଲି ଚାହୁଁ ନ ଥିଲେ। ଏହି ତିନି ଦଳ ଦୁର୍ନୀତିରେ ଲିପ୍ତ ଥିବା ସେ କହୁଥିଲେ। ତେଣୁ ସେ ନୂଆ ବାଂଲା ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ମାତ୍ର ଏହି ଆଭିମୁଖ୍ୟ ତାଙ୍କ ପାଇଁ କାଳ ପାଲଟି ଯାଇଥିଲା। କାରଣ ଆଇଏସଆଇର ଢାକା ସେଲ୍ ଇନକିଲାବ ମଞ୍ଚ ଏବଂ ବିଏନପି ସରକାର ଗଠନ ନ କରୁ ବୋଲି ଚାହୁଁଥିଲା। ପାକିସ୍ତାନ ମହମ୍ମଦ ୟୁନୁସ ଏବଂ ଜମାତକୁ ସମର୍ଥନ ଦେଉଥିଲା। ହାଦିର ଲୋକପ୍ରିୟତା ଏବଂ ନିର୍ବାଚନ ସର୍ଭେରେ ବିଏନପି ସଂଖ୍ୟାଗରିଷ୍ଠତା ପାଉଥିବା ଜଣା ପଡ଼ିବା ପରେ ଆଇଏସଆଇ ହାଦିଙ୍କ ହତ୍ୟା ଷଡ଼ଯନ୍ତ୍ର କରିଥିଲା। ଏହା ପଛରେ ନିର୍ବାଚନ ଘୁଞ୍ଚାଇ ନିଜ ସ୍ଥିତି ମଜବୁତ ଏବଂ ଭାରତକୁ ବଦନାମ କରିବା ଉଦ୍ଦେଶ୍ୟ ଥିଲା।

ଅନ୍ୟପକ୍ଷରେ ଇନକିଲାବ ମଞ୍ଚ ଏବଂ ଜମାତର ଚରମପନ୍ଥୀ ଶୁକ୍ରବାର ବେନାପୋଲର ଭାରତ ସୀମା ପର୍ଯ୍ୟନ୍ତ ମାର୍ଚ୍ଚ କରିଥିଲେ। ସେମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ଫେରାଇବାକୁ ଦାବି କରିଥିଲେ। ଚଟଗାଁଓର ଚନ୍ଦ୍ରନାଥ ମନ୍ଦିର ବାହାରେ ମଧ୍ୟ ଚରମପନ୍ଥୀ ଧାର୍ମିକ ସ୍ଲୋଗାନ ଦେଇଥିଲେ। ସ୍ଥିତିକୁ ଦେଖି ଭାରତୀୟ ସେନା ସକ୍ରିୟ ହୋଇଯାଇଛି। ବାଂଲାଦେଶ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ଇଷ୍ଟର୍ଣ୍ଣ କମାଣ୍ଡ ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ଆରସି ତିୱାରୀ ମଧ୍ୟ ବାଂଲାଦେଶ ସୀମା ଗସ୍ତରେ ଯାଇଥିଲେ। ଏହା ମଧ୍ୟରେ ଭାରତୀୟ ସ୍ଥଳ ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଜି ଢାକା ସେନାମୁଖ୍ୟଙ୍କ ସହ କଥା ହୋଇଛନ୍ତି। ସେ ଭାରତୀୟ ଦୂତାବାସ ଏବଂ ଅନ୍ୟ ସମ୍ପତ୍ତିର ସୁରକ୍ଷା ନେଇ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ମଧ୍ୟରେ ବାଂଲାଦେଶ ସରକାର ହାଦିଙ୍କ ହତ୍ୟାରେ ସାମିଲ ୭ ଜଣଙ୍କୁ ଗିରଫ କରିଛନ୍ତି। ତେବେ ହିଂସା ଆରମ୍ଭ ସମୟରେ ସରକାର ଏହାକୁ ଅଟକାଇବା ପାଇଁ କୌଣସି ପଦକ୍ଷେପ ନେଇ ନଥିଲେ। ସେନା ଏବଂ ପୁଲିସକୁ ଘଟଣାସ୍ଥଳକୁ ପଠାଇ ନ ଥିଲେ ବୋଲି ଜଣାପଡିଛି। କାରଣ ସେ ଫେବୃଆରୀ ୧୨ରେ ହେବାକୁ ଥିବା ନିର୍ବାଚନ ଘୁଞ୍ଚାଇବାକୁ ଚାହୁଁଛନ୍ତି। ଆୱାମୀ ଲିଗକୁ ନିଷିଦ୍ଧ କରାଯାଇଥିବାବେଳେ ବିଏନପିକୁ ସେ ସମର୍ଥନ ଦେଉନାହାନ୍ତି। ୟୁନୁସ ଆମେରିକା ଏବଂ ପାକିସ୍ତାନ ସମର୍ଥନରେ ଚିର ଦିନ ପାଇଁ ରାଜ କରିବାକୁ ଚାହୁଁଛନ୍ତି। ତେଣୁ ସେ ଅରାଜକତାକୁ ପ୍ରୋତ୍ସାହନ ଦେଇଥିଲେ।

### ୫ ବର୍ଷରେ କଟିଛି...

ଏହି ଦୁଇଟି ରାଜ୍ୟକୁ ବାଦ୍ ଦେଲେ ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ମଧ୍ୟ ସର୍ବାଧିକ ଜବ କାର୍ଡ ହଟାଯାଇଛି। ଓଡ଼ିଶାରେ ୪୧ ଲକ୍ଷ୬୦ ହଜାର ଜବକାର୍ଡ କଟାଯାଇଥିବା ବେଳେ ମଧ୍ୟପ୍ରଦେଶରେ ୩୨ ଲକ୍ଷ ୭୦ ହଜାର, ପଶ୍ଚିମବଙ୍ଗରେ ୨୪ ଲକ୍ଷ ୨୦ ହଜାର ଓ ରାଜସ୍ଥାନରେ ୧୦.୫ ଲକ୍ଷ ଜବ କାର୍ଡ କଟାଯାଇଛି। କଟାଯିବାର ଏହି ପ୍ରକ୍ରିୟା ନିୟମିତ ଭାବେ କରାଯାଇଥାଏ।

### 'ପ୍ରତୀକ୍ଷା କେନ୍ଦ୍ର'ରେ ତାଲା...

କାକରରେ ଛିଡ଼ା ହେବାକୁ ବାଧ ହେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ଏମସ୍ ନିକଟ ଡୁମୁଡୁମା ରାସ୍ତା କଡ଼ରେ।

ସୂଚନା ଅନୁସାରେ, ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱରର ୨ଟି ସ୍ଥାନ ଯଥା ଡୁମୁଡୁମା ଓ କଳ୍ପନାରେ ନିର୍ମାଣ କରାଯାଇଛି 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'। ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବିଏମସିକୁ ହସ୍ତାନ୍ତରିତ କରାଯାଇଛି। ଏହି ଦୁଇଟି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଶ୍ରମିକ ଦିବସରେ ଉଦ୍‌ଘାଟନ କରିଥିଲେ। ଶ୍ରମଜୀବୀମାନଙ୍କ ଗାରିମା ବୃଦ୍ଧିରେ ସହାୟକ ହେବା ଉଦ୍ଦେଶ୍ୟରେ ନିର୍ମିତ ଡୁମଡୁମାସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରାଯିବାର ପ୍ରାୟ ୭ମାସ ବିତିଯାଇଥିଲେ ମଧ୍ୟ ଏଯାଏ ତାହା ଶ୍ରମିକଙ୍କ କାମରେ ଲାଗିପାରିଲା ନାହିଁ। କାରଣ ଉଦ୍‌ଘାଟନ ଦିନରୁ ଏଠାରେ ତାଲା ଝୁଲୁଛି। ପୂର୍ବଭଳି ସକାଳୁ ସକାଳୁ ରାସ୍ତାରେ ଭିଡ଼ ଜମୁଛି। ତେବେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ସୁବିଧା ରହିଛି। ଯେଉଁଠି ଉଭୟ ମହିଳା ଓ ପୁରୁଷ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଶ୍ରମଜୀବୀମାନେ ଆଶ୍ରୟ ନେଇପାରିବେ। ସେହିପରି କେନ୍ଦ୍ର ପରିସରରେ ଏକ ଦୋକାନ ଘର ରହିଛି, ଯେଉଁଠାରେ ଚା, ପାନ, ଜଳଖିଆ ଆଦି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ସମେତ ପାନୀୟ ଜଳ,ଶୌଚାଳୟ ଏବଂ ପାର୍କର ମଧ୍ୟ ସୁବିଧା ରହିଛି। ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଉନଥିବାରୁ ସ୍ଥାନୀୟ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ କହିଛନ୍ତି, ଏହି କେନ୍ଦ୍ରରେ ରହିଥିବା ଶୌଚାଳୟର ସଫାସୁତୁରା ଓ ପରିଚାଳନା ଠିକ୍ ଭାବେ କରାଯିବା ଜରୁରୀ ହୋଇଥିବା ବେଳେ ଏଥିପାଇଁ କାହାରିକୁ ନିଯୁକ୍ତି କରାଯାଇନାହିଁ। ସେହିପରି ପାର୍କର ଦାୟିତ୍ୱ ଏବଂ କେନ୍ଦ୍ର ସୁରକ୍ଷା ନିମନ୍ତେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି କରାଯିବା ପରେ ଏହାକ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଏକ ଘରୋଇ ସଂସ୍ଥାକୁ କାର୍ଯ୍ୟ ହସ୍ତାନ୍ତର କରାଯାଇଛି। ଖୁବଶିଘ୍ର ଉକ୍ତ ସଂସ୍ଥା ନିଯୁକ୍ତି କରିବାକୁ ଆଲୋଚନା ହୋଇଛି। ଏହାପରେ ସପ୍ତାହେ କି ୨ସପ୍ତାହ ମଧ୍ୟରେ ଏହି କେନ୍ଦ୍ର ଖୋଲାଯାଇ ବ୍ୟବହାର କରାଯିବ। ପ୍ରତିଦିନ ସକାଳ ୬ଟାରୁ ସନ୍ଧ୍ୟା ୫ଟା ଯାଏ ଏହି କେନ୍ଦ୍ର ଖୋଲା ରହିବ ବୋଲି ସୂଚନା ରହିଛି।

ସେହିପରି କଳ୍ପନାରେ ନିର୍ମିତ ଏହି ପ୍ରତୀକ୍ଷା କେନ୍ଦ୍ର ଯଦିଓ ଖୋଲା ରହିଛି କିନ୍ତୁ ଏହାକୁ ସଠିକ୍ ଭାବେ ପରିଚାଳନା କରାଯାଉନଥିବା ଅଭିଯୋଗ ହୋଇଛି। ଏଠାରେ କେହି ସୁରକ୍ଷାକର୍ମୀ ନଥିବାରୁ ସନ୍ଧ୍ୟା ହେଲେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ପାଲଟୁଛି ନିଶାଡିଙ୍କ ଆଡ୍ଡାସ୍ଥଳୀ। ତେଣୁ ଯଥାଶିଘ୍ର ବିଏମସି ଏହାର ପରିଚାଳନା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସ୍ଥାନୀୟ ଶ୍ରମିକମାନେ ନିବେଦନ କରିଛନ୍ତି।

### ଦାଦନଗଡ଼ରେ ଶ୍ରମିକଙ୍କ...

କେରଳରେ ୨ଜଣ, ତାମିଲନାଡୁରେ ୬ ଓ ଆନ୍ଧ୍ର ପ୍ରଦେଶରେ ୭ଜଣ ଶ୍ରମିକ ନିଜ ଜୀବନ ହାରିଥିବା ଅତିରିକ୍ତ ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲ୍ଲାରୁ ଦେଶର ବିଭିନ୍ନ ରାଜ୍ୟକୁ ପ୍ରତିଦିନ ଶହ ଶହ ଶ୍ରମିକ ଚାଲାଣ ହେଉଛନ୍ତି। ଶେରଗଡ଼, ହିଞ୍ଜିଳି, ଭଞ୍ଜନଗର ଓ ଆସିକା ସମେତ ଅନ୍ୟାନ୍ୟ ବ୍ଲକ୍‌ରୁ ଦଲାଲ୍ ମାନେ ବେଧଡ଼କ ଭାବେ ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ତାମିଲନାଡୁ ଭଳି ବିଭିନ୍ନ ରାଜ୍ୟକୁ ଯୁବକଯୁବତୀଙ୍କୁ କାମ ଲାଳସା ଦେଖାଇ ନେଉଛନ୍ତି। ଦୁଃଖର ବିଷୟ ହେଉଛି କର୍ମ ସଂସ୍ଥାରେ ନିୟୋଜିତ ପରେ ଶ୍ରମିକଙ୍କୁ କାର୍ଯ୍ୟ କ୍ଷେତ୍ରରେ ଆବଶ୍ୟକ ମୁତାବକ ପ୍ରତିକାରକ ମୂଳକ ପଦକ୍ଷେପ କିମ୍ବା ସ୍ୱାସ୍ଥ୍ୟ ସେବା ଜନିତ ମିଳୁନଥିବାରୁ ଅକାରଣରେ ପ୍ରାଣ ହରାଉଛନ୍ତି। ଫଳରେ କର୍ମ ସନ୍ଧାନରେ ଯାଇ ମର ଶରୀର ଭିଟାମାଟିକୁ ଫେରୁଛି। ଦୁର୍ଭାଗ୍ୟର ବିଷୟ ମୃତ୍ୟୁବରଣ କରିଥିବା ୨୪ଜଣଙ୍କ ମୃତ୍ୟୁ ଶ୍ରମଙ୍କ ମଧ୍ୟରୁ ମାତ୍ର ଜଣେ ଶ୍ରମିକଙ୍କ ଶ୍ରବ କାଡର୍ ରହିଛି। ବିଭିନ୍ନ ସମୟରେ ତୃଣମୂଳ ସ୍ତରରେ ବିଭାଗର ସଚେତନତା ଅଭାବ କାରଣରୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହେଉନଥିବା ସହ ଏହାର ଲାଭ ପାଉପାରୁ ନାହାନ୍ତି। ଅନ୍ୟପକ୍ଷେ ଜିଲ୍ଲାରେ ସଚେତନତା ଅଭାବରୁ ଶ୍ରମିକ ମାନେ ପଞ୍ଜୀକରଣ କରୁନଥିବାରୁ ମୃତ୍ୟୁକାଳୀନ ସହାୟତା ରାଶି ମଧ୍ୟ ମିଳିପାରୁନାହିଁ। ଶ୍ରମିକ ମାନଙ୍କୁ ଚାଲାଣ କରୁଥିବା ପଞ୍ଜୀକୃତ ଦଲାଲଙ୍କ ସୂଚୀ ବିଭାଗ ପାଖରେ ଉପଲବ୍ଧ ନାହିଁ। ଯଦ୍ୱାରା ଜିଲ୍ଲର କେଉଁ ପଞ୍ଚାୟତରୁ କେତେ ଲୋକ ଦାନ ଖଟିବାକୁ କେଉଁ କେଉଁ ରାଜ୍ୟକୁ ଯାଉଛନ୍ତି ତାହାର ହିସାବ ରହୁନି। ଏହା ଦ୍ୱାରା ଦିନକୁ ଦିନ ଗଞ୍ଜାମ ଜିଲ୍ଲାରେ ଦାଦନ ଦୁଖଃ କମୁନଥିବା ବେଳେ ଶ୍ରମିକଙ୍କ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ଶ୍ରବ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଧ୍ୟାନ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅପରପକ୍ଷେ ପଞ୍ଜିକୃତରୁ ବାଦ ପଡ଼ିଥିବା ଶ୍ରମିକଙ୍କ ମୃତ୍ୟୁ ହିସାବ ବିଭାଗ ପାଖରେ ରହୁନି। ବର୍ଷକୁ ଶତାଧିକ ଦାଦନଙ୍କ ମୃତ୍ୟୁ ହେଉଥିବା ବେଳେ ସରକାରୀ ସ୍ତରରେ ଏହାର ତଥ୍ୟ ରହୁନଥିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି।


**OFFICE OF THE DIVISIONAL FOREST OFFICER, ATHMALLIK FOREST DIVISION.**
**AT/PO: ATHMALLIK, DIST-ANGUL-759125.** MM-404
E-mail: dfoathmallikt@gmail.com Mob: +91 9437004236.
Letter No. 5966/1F Section/ (55/2025-26) / Dt. 17. Dec., 2025

**INVITATION FOR BIDS (IFB)**
**E- Procurement Bid Identification No. DFO(ALK)-FE & CC-02/2025-26**

1. The Divisional Forest Officer, Athmallik, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work **Construction of staff barrack at Ghodagadi under Madhapur Range.**
2. Nature of Work : Building Works
3. Class of Contractor : C&D Class
4. Estimated Cost : **1504726.00**
5. Completion Period : 2.5 Calendar Months
6. Availability of Bid Documents : 22.12.2025 (11.00 AM) to 04.01.2026(05.00 PM)
7. Last Date for Receipt of Bids : 04.01.2026 up to 05.00 PM
8. Opening of Bids : 05.01.2026 at 11:30 AM

Furter details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/-
Divisional Forest Officer
Athmallik Forest Division

OIPR-08125/11/0025/2526

**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT**
**(GOVT. OF ODISHA)**
**TENDER CALL NOTICE** CAD-2784
**Bid Identification No: PA (ITDA) -KPT- 06/25-26**
**Letter No: 4173 /Dated: 19/12/2025**

| SI. No. | Particulars | Date | Time |
|---|---|---|---|
| 01 | Dale of Publication | 19.12.2025 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 03.01.2026 | 5.30 PM |
| 03 | Date of Opening of Bid & Finalization / Selection of Bidder | 06.01.2026 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 06.01.2026 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

**Project Administrator**
**I.T.D.A., Koraput**

OIPR-19271/11/0006/2526

**THE ORISSA MINERALS DEVELOPMENT COMPANY LTD.**
**(A Government of India Enterprise)**
**CIN: L51430OR1918GOI034390**
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE HALF YEAR ENDED 30th SEP'2025 - IND-AS COMPLIANT**
(Rs.in Lakhs)

| SL. NO. | PARTICULARS | Half Year Ended | | Year Ended |
|---|---|---|---|---|
| | | 30.09.2025 | 30.09.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation / Other Income | 4,744.05 | 3,858.04 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 47.96 | (88.63) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 47.96 | (88.63) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 47.96 | (88.63) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 35.49 | (128.68) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,182.31) | (1,262.60) | (5,217.81) |
| 8 | Net Worth | (5,122.31) | (1,202.60) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 0.59 | (2.14) | (67.04) |
| | 2. Diluted | 0.59 | (2.14) | (67.04) |

1. The above results of the Company were approved by the Board of Directors at their respective meetings held on 19th December'2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com).

Place: Bhubaneswar
Date: 19th December'2025

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.20.12.2025, I, SUCHITRA MAHAKUD, At- Sindurpuri, P.O. Khakata, P.S. Manamunda, Dist. Boudh hereby declare that my correct name is SUCHITRA MAHAKUD. but in my Voter Card It is mentioned as LIPSARANI MAHAKUD. That both the name s are refer to same and one person i.e. myself. Henceforth I shall be known as **SUCHITRA MAHAKUD** for all purposes.
**Sd/- SUCHITRA MAHAKUD**

**AFFIDAVIT**
I, Dasarath Aditya Murmu, aged about 37 years, S/o- Surai Majhi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- dhenkanal, Odisha, Pin- 759001, declare by this affidavit No. 2571, dtd- 20/12/2025, that now onwards I shall be known as **ADITYA MAJHI** for all future purposes.

**AFFIDAVIT**
By virtue of an Affidavit sworn before the Executive Magistrate, Bhubaneswar dated 15/12/2025, I, Sasmi Rekha Mohapatra, W/O. Sunil Kumar Panda, R/o. Plot No.249/2439, Barabari, Jagamara, Ps- Khandagiri, BBSR-751030, Dist- Khordna, Odisha, declare by this affidavit. that, now onwards I shall be known as **'Sashmirekha Mohapatra'** for all future purposes

**AFFIDAVIT**
I, Surai Murmu, aged about 74 years, S/o- Dasa Mathi, resident of Balaram Bihar, Jubuli Town, Dhenkanal Sadar, Po- Dhenkanal, Ps- Dhenkanal, Dist- Dhenkanal, Odisha, Pin- 759001, declare by this affidavit No. 2572, dtd- 20/12/2025, that now onwards I shall be known as **SURAI MAJHI** for all future purposes.

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.19.12.2025, I, JANGYASINI BAGH, At- Bankbija, P.O. S. Kalapathar, P.S. Sonepur, Dist. Subarnapur hereby declare that my correct name is JANGYASINI BAGH and DOB is 17.06.1989. It is clarified that the name JAINASENI BAGH and date of birth 01.01.1988 appearing in my Aadhaar Card pertain to myself only due to clerical error. Henceforth, **JANGYASINI BAGH (DOB: 17.06.1989)** shall be treated as correct for all purposes.

**AFFIDAVIT**
By virtue of an affidavit No.2533 before the Executive Magistrate, Sukinda, Jajpur, dtd. 11.09.2025. I, CHANCHALA MOHANTA, W/o- Budhiram Mohanta, of Vill- Sansailo Tata Colony, P.O. Sansailo, P.S. Sukinda, Dist.- Jajpur declare that my correct name is CHANCHALA MOHANTA & DOB is 01.04.1964 but in my Aadhar card bearing no. 578276803340 it is mentioned as CHANCHAKLA MOHANTA and DOB 01.01.1943. Henceforth, **CHANCHALA MOHANTA, DOB: 01.04.1964** shall be treated as correct for all purposes.

**AFFIDAVIT**
By virtue of an affidavit (CF No. 01, dtd- 20/12/2025) sworn before the Executive Magistrate, Padampur. I, **Abhikesh Chhatar,** S/o- Phulkumar Chhatar, permanent & current resident of AT- Angul, PO- Dava, Dist- Bargarh, PIN- 768042, Odisha declare that I have changed my name from **Abhisek Chhatar to Abhikesh Chhatar.** Henceforth, I shall be known as **Abhikesh Chhatar** (new name) for all purposes.
**Abhikesh Chhatar**

**AFFIDAVIT**
By virtue of an affidavit sworn before the Notary Public, Sonepur, dtd.15.12.2025, I, Dwitikrushna Badamali, At- Kadodar, P.O. Kadodar, P.S. Birmaharajpur, Dist. Subarnapur hereby declare that I have changed my name from Ditikrushna Badamali to Dwitikrushna Badamali. Henceforth I shall be known as **Dwitikrushna Badamali** for all purposes.
**Sd/- Dwitikrushna Badamali**

**LOST**
I, **Saroj Kumar Sahu,** S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd- 31.07.2014 & the original patta of M.S.R.O.R Khata No. 152/339 (Issue dtd. 23.09.2021) Mouza- Purena, PS- Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.
**Saroj Kumar Sahu**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 1266, dated 19.12.2025 I, BALMATI MUDULI, W/o - Binod Muduli , Residences of Village - Charamula, Po- Charamula, Ps- Tentulikhunti, Dist - Nabarangpur, Odisha, Pin - 764070, declare that I have changed the name of my Daughter from RASAMATI MUDULI to ANJANA MUDULI. Henceforth, she shall be known as **ANJANA MUDULI** for all purposes.
**Sd/- Balmati Muduli**

**AFFIDAVIT**
By virtue of an affidavit (CF No. 41) sworn before The Notary Public, Jharsuguda dated- 03/12/2025. I, **Sudish Sah,** S/o- Mahesh Sah, resident of Near Durga Mandir, Beheramal, P.O. Industrial Estate, Jharsuguda, Odisha, do hereby declare that my name has been wrongly mentioned as **Sudishta Sah** in the Aadhaar Card and PAN Card of my son, **Chunnu Kumar.** I clarify that **Sudish Sah, Sudisti Sah** and **Sudishta Sah** all refer to one and the same.

**AFFIDAVIT**
By virtue of an Affidavit before the Court of the Executive Magistrate, Angul, **I, Reeta Behera,** W/o.: Ghadisen Behera, resident of At/PO.: Natada, PS: Angul Sadar, Dist.: Angul, Odisha-759123, declare by this Affidavit No.: 6239, Dated: 20.12.2025 that I have changed my name from **Rupa Behera** to **Reeta Behera.** Henceforth I shall be known as **Reeta Behera** for all future purposes.

**LOST**
By virtue of an affidavit sworn before the Notary, Angul, dtd- 19.12.2025, I, **Koushal Kishorre Agrawalla,** 55 years, S/o- Late Bipin Kumar Agrawalla, resident of Vill- Shanti Bazar, Angul Town, Po/Ps/Dist- Angul, PIN-759122, Odisha declare that vide Khata No. 151, Plot No.1383, Area AC.0.26 dec, Kissam Sarad-I of Mouza Hulurisingha. The registered Sale Deed bearing No. 10011502681 has been lost. I shall not be held responsible for any misuse of the same.
**Koushal Kishorre Agrawalla**

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
**Campus:** 262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**ହଜିଛି**
ମୁଁ, **ବିଭୁତି ଭୂଷଣ ସାହୁ,** ପିତା: ୰ ଗୌରାଙ୍ଗ ସାହୁ, ବାସସ୍ଥାନ: ସତଲମା, ଥାନା: ବରପାଲି, ଜିଲ୍ଲା: ବରଗଡ, ବୟସ: ୬୩ ବର୍ଷ, ଏତଦ୍ୱାରା ଶପଥପାଠ ମାଧ୍ୟମରେ ଘୋଷଣା କରୁଅଛି କି, ମୋ ପରିବାରର ମୂଳ "ପଟ୍ଟା" ଦର୍ଶିତ ମୌଜା: ସତଲମା, ତହସିଲ: ବରପାଲି, ଖାତା ନଂ.: ୧୨୫, କ୍ଷେତ୍ର: ଏକର ୫.୭୫ ଡିସିମିଲି, ବରପାଲି ଠାରେ ତା.୧୬.୧୨.୨୦୨୫ରିଖରେ କେଉଁଠାରେ ହଜି ଯାଇଛି। କଥିତ ଦଲିଲ୍‌କୁ ମୁଁ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରି ନାହିଁ। ଯଦି ଭବିଷ୍ୟତରେ ମୁଁ ଏହାକୁ ପାଏ, ତାହାକୁ ବ୍ୟାଙ୍କ ଅଫ୍ ବରୋଦା ବରପାଲିରେ ଜମା ଦେବି। ଯଦି କୌଣସି ବ୍ୟକ୍ତି ଏହି ଦଲିଲ୍ ପାଆନ୍ତି ତେବେ ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ। (୧) **ବିଭୁତି ଭୂଷଣ ସାହୁ:** ୯୮୬୧୪୨୭୯୧୦, (୨) **ସୁଧିର କୁମାର ସାହୁ:** ୯୯୩୮୭୨୯୪୬୫, (୩) **ବିବେକାନନ୍ଦ ସାହୁ:** ୯୯୩୭୪୩୭୩୨୨

ମୁରିବାହାଲ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସ

# ଦେବକୀର ଷଡ଼ପୁତ୍ର ନାଶ ଓ କଂସର ସ୍ୱର୍ଗପୁର ଆକ୍ରମଣ

ମୁରିବାହାଲ, ୨୦ ।୧୨(ସମିସ)



ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ସପ୍ତମ ବର୍ଷ ବିରାଟ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିବସରେ 'ବନ୍ଦୀ ଗୃହେ ଦେବକୀର ଷଡପୁତ୍ର ବିନାଶ ଓ ମହାରାଜ କଂସଙ୍କ ସ୍ୱର୍ଗପୁର ଆକ୍ରମଣ ନାଟକ ମଞ୍ଚସ୍ଥ ହୋଇଥିଲା । ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତରୁଣ ପୋଡ଼ଙ୍କ ସଭାପତିତ୍ୱରେ ଓ ବରିଷ୍ଠ ସଦସ୍ୟ ସୁରେଶ ଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ସରୋଜ ମେହେର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀ, ବଡ଼ସାଇମରା ସରପଞ୍ଚ ଶୁକମଣି ପୁଟେଲ, ବାନ୍ଦୁପଲା ସରପଞ୍ଚ ପ୍ରିୟବ୍ରତ ପ୍ରଧାନୀ, ଡଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁର, ଲଖନା ସରପଞ୍ଚ ସଦାନନ୍ଦ ଦୀପ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ତ୍ରିବିକ୍ରମ ସାହୁ, ଗୁଡିଘାଟ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭଗତ ନାଗ, ପଙ୍ଗନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତରୁଣ ସିଂହ ଦୀପ, ସମାଜସେବୀ ଦିଲୀପ ଦାସ, ଟିଟିଲାଗଡ଼ର ହାସ୍ୟକବି ଏଡି ବାବା, ଓଡ଼ିଶା ଡ୍ରାଇଭର ମହାସଂଘ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି, ରାଜ୍ୟ ଅଡିଟର ଘନଶ୍ୟାମ ବେହେରା, ଜିଲ୍ଲା ସଭାପତି ଇସାକ ସାଗର, ଜିଲ୍ଲା ସମ୍ପାଦକ ଅର୍ଜୁନ ତାଣ୍ଡି, ଜିଲ୍ଲା ସହସମ୍ପାଦକ ସୁମନ୍ତ ପୁଟେଲ, ବ୍ୟଙ୍ଗକବି ସୁଶିଲ ଦାସ ପ୍ରମୁଖ କଂସ ଦରବାରରେ ରାଜ ଅତିଥି ଭାବେ ଯୋଗଦେଇଥିଲେ । ଓଏଭି ବିଦ୍ୟାଳୟର ଛାତ୍ରୀମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କମିଟିର ଉପସଭାପତି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ । ସେହିପରି ଗୋପପୁର ପାଲଟିଥିବା ବନବାହାଲ ଗ୍ରାମରେ ପ୍ରତ୍ୟହ ହରିବଂଶ ପୂରାଣ ପାଠ ଓ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଛି । ଏଥିରେ ପୂଜାକର୍ତ୍ତା ଭାବେ ଭୈରବ ମାଝୀ ଓ ତାଙ୍କ ଧର୍ମପତ୍ନୀ ପ୍ରେମ ମାଝୀ ଗୋପନଗରୀରେ ନନ୍ଦ, ଯଶୋଦା ଭୂମିକା ପ୍ରତିପାଦନ କରୁଛନ୍ତି । ପ୍ରତିଦିନ ସନ୍ଧ୍ୟା ସମୟରେ ସମ୍ପ୍ରଦା ଗୁରୁ କୈଳାସ ଦଣ୍ଡସେନା ଏବଂ ତାଙ୍କ ସାଥିମାନଙ୍କ ଦ୍ୱାରା ସମ୍ପ୍ରଦା କାର୍ଯ୍ୟକ୍ରମ ସହିତ ଝିଅମାନଙ୍କୁ ନେଇ ସଙ୍ଗୀତ ପ୍ରତିଯୋଗିତା ଚାଲୁଛି । ପ୍ରତିଯୋଗିତାକୁ ହରିଶଙ୍କର ବେହେରା, ସୁଦର୍ଶନ ଦୀପ ଓ ସୁଦାମ ଚରଣ ବଘାର ବିଚାରପତି ଭାବେ ପରିଚାଳନା କରୁଛନ୍ତି ।ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରାଯାତ୍ରା ଦରବାର ଦେଖିବାକୁ ପ୍ରବଳ ଜନସମାଗମ ଦେଖିବାକୁ ମିଳୁଛି ।

ନାଳିଫିତା ତଳେ ଇସ୍ପାତ ଟ୍ରେନ ସମ୍ପ୍ରସାରଣ

# ଘୋଷଣା କରି ରେଳ ବିଭାଗ ନିରବ

**କେସିଙ୍ଗା, ୨୦ ।୧୨(ସମିସ):** ଦୀର୍ଘଦିନ ପରେ ଦୀର୍ଘଦିନର ବିଭିନ୍ନ ସଂଗଠନର ଦାବି ପରେ ରେଳ ବିଭାଗ କେସିଙ୍ଗାକୁ ଇସ୍ପାତ ଟ୍ରେନକୁ କେସିଙ୍ଗା ପର୍ଯ୍ୟନ୍ତ ନୁହେଁ ବରଂ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ରାଜି ହୋଇଥିବା ଏକ ଆଦେଶପତ୍ରରୁ ଜଣାପଡ଼ିଲା । ଆଦେଶ ପତ୍ର ସଂଖ୍ୟା ୨୭୧/୨୦୨୫ ଯାହା ୩୧/୧୦/୨୦୨୫ରେ ଡିଆର୍‌ଏମ ସମ୍ବଲପୁର ଅଫିସରୁ ବାହାରି ମୋବାଇଲରୁ ମୋବାଇଲ ଘୁରି ବୁଲିଲା ।କେସିଙ୍ଗାର ଗଣମାଧ୍ୟମରେ ମଧ୍ୟ ନଭେମ୍ବର ୧୩ ତାରିଖରେ ସମସ୍ତ ଖବର କାଗଜରେ ଖବର ପ୍ରସାରଣ କରି ରେଳ ଯାତ୍ରୀଙ୍କୁ ଜଣାଇ ଦିଆଗଲା । ଲୋକେ ଖୁସି ମଧ୍ୟ ପ୍ରକଟ କଲେ ।ହେଲେ ଆଜି ପର୍ଯ୍ୟନ୍ତ ଇସ୍ପାତ ଟ୍ରେନ ଚାଲି ନାହିଁ । କେବଳ ଆଦେଶ ବାହାର କରି ରେଳ ବିଭାଗ ଟ୍ରେନ ଚଳାଇବା ପାଇଁ ଭୁଲି ଗଲାକି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି । ଆଦେଶ ବାହାରିବାର ୨ ମାସ ବିତିଯାଇଥିଲେ ମଧ୍ୟ କାହିଁକି ଟ୍ରେନ ଆରମ୍ଭ ହୋଇ ନାହିଁ ଜଣା ପଡୁନାହିଁ । ଅନ୍ୟପଟେ ଉକ୍ତ ବିଷୟ ଉପରେ ରେଳ ବିଭାଗର ସ୍ଥାନୀୟ ଅଧିକାରୀମାନେ ମୁହଁ ଖୋଲୁ ନ ଥିବା ବେଳେ ସମ୍ବଲପୁର ଡିଆର୍‌ଏମ ଅଫିସ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ । ଯଥା ଶୀଘ୍ର ଇସ୍ପାତ ଟ୍ରେନ ଚଳାଚଳ କରିବା ପାଇଁ ସାଧାରଣ ରେ ଦାବୀ ହେଉଛି ।



# ବିକ୍ରମ ମେମୋରିଆଲ କ୍ରିକେଟ ମ୍ୟାଚ୍



**ଭବାନୀପାଟଣା, ୨୦ ।୧୨ (ସମିସ):** ଭବାନୀପାଟଣାସଦର ବ୍ଲକ ଗୁଡିଆଲିପଦର ପଞ୍ଚାୟତ ଭେଜିପଦର ଗ୍ରାମରେ ଥିବା ଭେଜିପଦର ଖେଳପଡ଼ିଆରେ ଗୁଡିଆଲିପଦର ପଞ୍ଚାୟତ କ୍ରିକେଟ କ୍ଲବ୍ ସଦସ୍ୟଙ୍କ ଦ୍ୱାରା ଉକ୍ତ ଗ୍ରାମର ଯୁବ କ୍ରିକେଟ ଖେଳାଳି ସ୍ୱର୍ଗତ ବିକ୍ରମ କରୁଆଁଙ୍କ ସ୍ମୃତିରେ 'ପ୍ରଥମ ବିକ୍ରମ ମେମୋରିଆଲ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଆୟୋଜନ କରାଯାଇଅଛି । ଶନିବାର ଆରଆର ୱାରିଅର, ନର୍ଲା ଏବଂ ଆୟୋଜକ ଦଳ ସୁପରକିଙ୍ଗ, ଭେଜିପଦର ଭବାନୀପାଟଣା ମଧ୍ୟରେ ଚାଲିଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ଜିଲ୍ଲା ସଭାପତି ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ । ଦୁଇ ଦଳର ସମସ୍ତ ଖେଳାଳି, ଅମ୍ପାୟାର ଏବଂ ଆୟୋଜକ କମିଟିର ସଭାପତି ବସନ୍ତ କୁମାର ନାଏକ, ସମ୍ପାଦକ ଯଶୋବନ୍ତ କରୁଆଁ, ଉପସଭାପତି ଦୀନେଶ ଦୁର୍ଗା ତଥା ଅନ୍ୟାନ୍ୟ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବରେ ବ୍ୟାଡ଼ମିଣ୍ଟନ ଖେଳର ଜାତୀୟ ଅମ୍ପାୟାର ତଥା କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ ଦୀପକ ସାଗର କୁମାର ଏବଂ ଯୁବ ଉଦ୍ୟୋଗୀ ତଥା ସ୍ଥାନୀୟ ସ୍ୱରାଜ ଟ୍ରାକ୍ଟରର ମାଲିକ ପ୍ରମିତ କୁମାର ତୋମାର ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରୁ ଆୟୋଜକ କମିଟିର ଅରକିତ ସୁନାନୀ, ସୁରଜିତ ପ୍ରଧାନ, କିଷାନ ଦୁର୍ଗା, ଅମିତ ଭୋଇ, ତିରୁପତି ସୁନା, ଅମ୍ପାୟାର ବିପ୍ଳବ ସିଂ, ସୁମିତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ପ୍ରଦୀପ ପ୍ରଧାନ ମେଣ୍ଟର ଭାବରେ ସମସ୍ତଙ୍କୁ ମାର୍ଗଦର୍ଶନ ଦେଇଥିଲେ । ପ୍ରଥମ ଦିନର ମ୍ୟାଚ୍‌ରେ ଆୟୋଜକ ଦଳ ୧୫ ଓଭର ରେ ୧୬୭ରନ ସଂଗ୍ରହ କରିଥିଲେ । ଜବାବରେ ଆରଆର ୱାରିୟାର ନର୍ଲା ୧୪ ଓଭରରେ ୧୬୮ ରନ କରି ବିଜୟ ହୋଇଥିଲେ ।

# ପୋଲତଳକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ଦେଓଗାଁ, ୨୦ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ସିକୁଆଁ ଗାଁ ନିକଟ ସୋନଗଡ଼ ନଦୀ ବ୍ରିଜ୍‌ତଳକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଶନିବାର ସକାଳୁ ଖବରପାଇ ଦେଓଗାଁ ପୁଲିସ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଥିବା ପୁଲିସ ସୂଚନା ଦେଇଛି । ସୂଚନାନୁସାରେ ସିକୁଆଁ ଗାଁର ଆନନ୍ଦ କୁମୁରିଆ (୨୯) ଘରେ ଝାମେଲା କରି ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ଘରୁ ଚାଲିଆସି ଆଉ ଘରକୁ ଫେରିନଥିଲେ । ସକାଳ ତାଙ୍କ ମୃତଦେହ ବ୍ରିଜତଳେ ପଡ଼ିଥିବା ଦେଖିବାକୁ ମିଳିଥିଲା ।

ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

# ତୃତୀୟ ସନ୍ଧ୍ୟାରେ ପ୍ରତିଭାର ନୃତ୍ୟ ସଙ୍ଗମ କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୦ ।୧୨ (ସମିସ):** ଅଗ୍ରଣୀ ସାଂସ୍କୃତିକ ସଂଗଠନ ପ୍ରତିଭା ଅନୁଷ୍ଠାନ ଦ୍ୱାରା ଆୟୋଜିତ ନୃତ୍ୟ ସଙ୍ଗମ କାର୍ଯ୍ୟକ୍ରମର ରୌପ୍ୟ ଜୟନ୍ତୀ ବର୍ଷର ତୃତୀୟ ସନ୍ଧ୍ୟାରେ ଆଜି ଦେଶ ବିଦେଶରୁ ଆସିଥିବା କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ଯାଏଁ କଳା ଓ ସଂସ୍କୃତିପ୍ରେମୀ ଦର୍ଶକ ଉପଭୋଗ କରିଥିଲେ । ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ.ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଡ.ଉମେଶ ଚନ୍ଦ୍ର ଶତପଥି, ପ୍ରଗତି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅଜୟ କୁମାର ପଣ୍ଡା, ବିଶିଷ୍ଟ ଲୋକବାଦ୍ୟ ସଂରକ୍ଷକ ଓ ଗବେଷକ ରବିରତନ ସାହୁ ଯୋଗ ଦେଇଥିଲେ । ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟାର ସଭା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଚିଣ୍ଟୁ ପ୍ରସାଦ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ ।ଅଞ୍ଜନ ପ୍ରଧାନ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରତିଭା ଶିଶୁ ପ୍ରତିଭା ସମ୍ମାନରେ ସୁଶ୍ରୀ ଅଭୀପ୍ସା ଅନନ୍ୟା ସାହୁ, ସୁଶ୍ରୀ ସଞ୍ଚିତା ଶୁଭଦର୍ଶିନୀଙ୍କୁ ସମ୍ମାନିତ କରାଯାଇଥିବାବେଳେ ସାମନ୍ତ ଖମାରୀଙ୍କୁ ପ୍ରତିଭା ସେବାରତ୍ନ ସମ୍ମାନ, ଗୌରଚନ୍ଦ୍ର ମହାରଣାଙ୍କୁ ପ୍ରତିଭା ଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ଅଜିତ କୁମାର ସାହୁ ଓ ଜିତୁ ପ୍ରସାଦ ନାଏକଙ୍କୁ ସହଯୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ସମ୍ପାଦକ ଶ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ପରେ ଦେଶ ତଥା ବିଦେଶରୁ ଆସିଥିବା କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବିଶିଷ୍ଟ ଉଦଘୋଷକ ସୁଧୀର ନାଏକ ଓ ଅଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ସେହିପରି କଳାହାଣ୍ଡି ଆର୍ଟ ଏଣ୍ଡ କଲଚର ଏକାଡେମୀ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀରେ ଦିନତମାମ ଦର୍ଶକ ଓ ଚିତ୍ରକଳା ପ୍ରେମୀଙ୍କ ଭିଡ଼ ଜମିଥିଲା । ଏପରିକି ବିଶିଷ୍ଟ ଲୋକବାଦ୍ୟ ଓ ଲୋକ ସଂସ୍କୃତି ସଂରକ୍ଷକ ରବିରତନ ସାହୁଙ୍କ ଦ୍ୱାରା ପ୍ରସ୍ତୁତ 'ମ୍ୟୁଜିକ ଟ୍ରି'କଳା ସଂସ୍କୃତି ପ୍ରେମୀଙ୍କୁ ବେଶ ଆକୃଷ୍ଟ କରିଥିଲା ।



## ନୃତ୍ୟ ରସିକ ଡ୍ୟାନ୍ସ ଏକାଡେମୀର ନୃତ୍ୟ ପ୍ରଦର୍ଶନ

ପରିବର୍ତ୍ତିତ ଯୁଗ କାଳରେ ଆଧୁନିକତାର ସ୍ପର୍ଶ ଅନେକ କିଛି ବଦଳାଇଛି କିନ୍ତୁ ଲୋକ ନୃତ୍ୟ ଏବେ ବି ମୌଳିକତାକୁ ବଜାୟ ରଖିଛି । ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନୃତ୍ୟ ସଙ୍ଗମ ମଞ୍ଚରେ ନୃତ୍ୟ ରସିକ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଲୋକ ନୃତ୍ୟ ପ୍ରଦର୍ଶନ କରି ଧମାଲ ମଚେଇ ଦେଇଥିଲେ । ଏକାଡେମୀର କରିଯୋଗ୍ରାଫି ଶ୍ୱେତାରାଣୀ ପାତ୍ରଙ୍କ ଦୁର୍ବାର ନୃତ୍ୟ ଆଗ୍ରହ କାରଣରୁ ଅନୁଷ୍ଠାନରେ ୪୦ଜଣ ନୃତ୍ୟ ଶିକ୍ଷାର୍ଥୀ ବିଭିନ୍ନ ସମୟରେ ନୃତ୍ୟ ପରିବେଷଣ କରି ଅନେକ ପ୍ରଶଂଶା ସାଉଁଟି ଚାଲିଛନ୍ତି ।

# ନବରତ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ଖପ୍ରାଖୋଲ, ୨୦ ।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଧୀନ ତେଲେନପାଲି ନବରତ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା, ମୁଖ୍ୟ ଅତିଥି ବିପ୍ରବିଶି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମନଭୋଇ, ମହାଦେବ ମାଝୀ, ସମାଜସେବୀ ଅନ୍ତର୍ଯ୍ୟାମୀ ମାଝୀ ଓ ମୁଖ୍ୟ ବକ୍ତା ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ବ୍ଲକ ଉପାଧକ୍ଷ ସୁଖୀ ରାମ ସାଣ ଯୋଗଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବାଳକ ବିଭାଗରେ ଦଶମ ଶ୍ରେଣୀର ମିଳନ ବାଗ ଓ ବାଳିକା ବିଭାଗରୁ ଅର୍ଚ୍ଚିତା ଛତ୍ରିଆ ଚାମ୍ପିଅନ ହୋଇଥିଲେ । ଏହି କ୍ରୀଡ଼ା ଉତ୍ସବରେ ଶାରୀରିକ ଶିକ୍ଷକ ପ୍ରମୋଦ କୁମାର ବାଗଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ରାଜେନ୍ଦ୍ର ବେହେରା, ଶଶିକାନ୍ତ ବାଗ, କୁମୁଦ ଚନ୍ଦ୍ର ଠାକୁର, ପରମାନନ୍ଦ ମେହେର, ଦେବାର୍ଚ୍ଚନ ମାଝୀ, ଜୁଗୁନୁ ମାଝୀ ଖେଳ ପରିଚାଳନାରେ ସହାୟତା କରିଥିଲେ । ଶିକ୍ଷକ ଚୁଡ଼ାମଣି ପୁଟେଲ ପରିଚାଳନା କରିଥିବାବେଳେ ପ୍ରମୋଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଗଡ଼ାରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା



**କର୍ଲାମୁଣ୍ଡା, ୨୦ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡ଼ା ପଞ୍ଚାୟତସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ଠାରେ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ପ୍ରକଳ୍ପ ପକ୍ଷରୁ ଶନିବାର ଦୁଇ ଦିନିଆ କ୍ଷୁଦ୍ର ସଶ୍ୟ ଖାଦ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ପ୍ରଥମ ଦିବସରେ ରେଗଡ଼ା ରଜାପଡ଼ା ଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳାଙ୍କୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ ମିଲେଟ୍ ମଦର ନିଳେନ୍ଦ୍ରୀ ସାହୁ, ଚନ୍ଦ୍ରକାନ୍ତି ମିର୍ଦ୍ଧା ଯୋଗ ଦେଇ କ୍ଷୁଦ୍ର ସଶ୍ୟରେ କିଭଳି ପିଠା ପଣା ପ୍ରସ୍ତୁତ କରାଯାଏ ତାଲିମ ପ୍ରଦାନ କରିଥିଲେ । ଶନିବାର ଉଦ୍‌ଯାପିତ ଦିବସରେ ଅତିଥି ଭାବେ କର୍ଲାମୁଣ୍ଡା । ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ରେଗଡ଼ା ସରପଞ୍ଚ ଦିପ୍ତୀ ରାଣୀ ସାହୁ, ନାଏବସରପଞ୍ଚ ସନ୍ଧ୍ୟା ବାଗ, ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର କୁମାର ନାଏକ, କୃଷି ବିଜ୍ଞାନ ଛାତ୍ର ବ୍ରଜେସ ସାହୁ, ଓଡ଼ିଶା ଜୀବନ ଜୀବିକା ମିଶନ କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ସରୋଜିନୀ ପ୍ରଧାନ, ଏବିପିସି ପ୍ରଦୀପ କୁମାର ସାହୁ, ଜୟ ଥୁଆମୁଲ ରାମପୁର ଅର୍ଗାନିକ ଫାର୍ମର ପ୍ରଡୁସର କମ୍ପାନୀ ଲିମିଟେଡ଼ର ସିଇଓ ଟଙ୍କଧର ନାଏକ ପ୍ରମୁଖ ପକ୍ଷରୁ ଯୋଗଦେଇ ସରକାରଙ୍କ ଶ୍ରୀଅନ୍ନ ଅଭିଯାନ ତଥା କ୍ଷୁଦ୍ର ସଶ୍ୟକୁ ଦୈନନ୍ଦିନ ଜୀବନରେ ଖାଦ୍ୟ ରୂପେ ଗ୍ରହଣ କରିବାର ଆବଶ୍ୟକ ତା ଉପରେ ଆଲୋଚନା କରିବା ସହ ଷ୍ଟଲ ଗୁଡିକରେ ମାଣ୍ଡିଆର ପିଠାପଣା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କ୍ଷୁଦ୍ର ସଶ୍ୟ ସମ୍ପର୍କୀତ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ସିଆରପି ଜୀବର୍ଦ୍ଧନ ସାହୁ, କମଳ ସୁନା, ବାଲ୍ମୀକି ଛାତ୍ରିଆ, ପ୍ରଫୁଲ୍ଲ ସାହୁଙ୍କ ସମେତ, ରେଗଡ଼ା ପଞ୍ଚାୟତ ବିଭିନ୍ନ ଗାଁରେ କାର୍ଯ୍ୟରତ ଆଇସିଡିଏସ କର୍ମିମାନେ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହାୟତା କରିଥିବା ବେଳେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲା ।

**ପିଠା ପଣାରେ ମହକିଲା ମଞ୍ଚ**

# ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଲାଞ୍ଜିଗଡ଼, ୨୦ ।୧୨(ସମିସ):** ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି । ପ୍ରଥମ ଦିନରେ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଭୈରବ ପୀଠରେ ପୂଜାର୍ଚ୍ଚନା ପୂର୍ବକ ମଶାଲ ଆଣିଥିଲେ । ସ୍କୁଲର ପ୍ରଧାନଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବର ପ୍ରଥମ ଦିନ ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସ୍ୱରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଯୁବ ସମାଜସେବୀ ଚନ୍ଦ୍ରଚୂଡ଼ ମହାଖୁଡ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ସଟ୍‌ଫୁଟ, ଡିସ୍‌କସ, ସ୍ଲୋ ସାଇକେଲିଙ୍ଗ, ସ୍କିପିଙ୍ଗ ଆଦି ପ୍ରତିଯୋଗିତା ହୋଇଥିଲା । ଅନୁଷ୍ଠିତ କ୍ରୀଡାର ଦ୍ୱିତୀୟ ଦିନ ଉଦ୍‌ଯାପିତ ସମାରୋହରେ ଲାଞ୍ଜିଗଡ଼ ସରପଞ୍ଚ ଶ୍ରୀମତୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ଆଇନଜୀବୀ ରଘୁନାଥ ମହାଖୁଡ, ଲାଞ୍ଜିଗଡ଼ ପୂର୍ବ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ପୂର୍ବ ସରପଞ୍ଚ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ ମଣି ମାଝୀ, ଲାଞ୍ଜିଗଡ଼ ଆରଆଇ ତାପସ ମିଶ୍ର, ଲଙ୍ଗଲବେଡା ଆରଆଇ ଚନ୍ଦ୍ର କୁମାର ନାଏକ ସାମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଯୁବ ସମାଜସେବୀ ଚନ୍ଦ୍ରଚୁଡ ମହାଖୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବିଦ୍ୟାଳୟର ଦୁଇ ଶିକ୍ଷକ ବିନୋଦ ବାତ୍ରା ଏବଂ ନାଗେଶ୍ୱର ସାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କ୍ରୀଡ଼ା ପ୍ରତିଯୋଗିତାକୁ ସ୍କୁଲର ଖେଳ ଶିକ୍ଷୟିତ୍ରୀ ବନିତା ଧଙ୍ଗଡ଼ାମାଝୀ ଦୁଇ ଦିନ ଛାତ୍ରଛାତ୍ରୀଙ୍କୁ ନେଇ ଖେଳ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଅମିତା ସ୍ୱାଇଁ, ଶିକ୍ଷକ ବିନୋଦ ବାତ୍ରା, ନାଗେଶ୍ୱର ସା, କାହ୍ନୁ ଚରଣଡାକୁଆ, ସିରିପୁରମ ମୋହନ ରାଓ, ଶୁନିଲକୁମାର ପାଠକ, ଶିକ୍ଷୟିତ୍ରୀ ରୋଜାଳିନୀ ପାଢ଼ୀ, ବିଷ୍ଣୁ ପ୍ରସାଦ ରାଉତ, ପ୍ରତାପ କୁମାର ବାରିକ, ସୁରେଶ ଚନ୍ଦ୍ର ପଟେଲ ଓ ଶୁଭଲକ୍ଷ୍ମୀ ହୋତା ପ୍ରମୁଖ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ସାଇନିଙ୍ଗ କିଡ୍ସ ୱାର୍ଲଡ଼ ସ୍କୁଲର ବାର୍ଷିକ ଉତ୍ସବ



**ଜୁନାଗଡ଼, ୨୦ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସ୍ଥିତ ସାଇନିଙ୍ଗ କିଡ୍ସ ୱାର୍ଲଡ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଜୁନାଗଡ଼ସ୍ଥିତ ସାସ୍କୃତିକ ଭବନରେ ବାର୍ଷିକ ଉତ୍ସବ (ସାସ୍କୃତିକ ସଙ୍ଗମ) ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷକତାରେ ଜାତୀୟ ପୁରସ୍କାରପ୍ରାପ୍ତ ସନ୍ତୋଷ କୁମାର କର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡଃ ଶିବରାମ ନାଏକ, ମୁଖ୍ୟବକ୍ତା ଭାବେ ଅଙ୍କିତ ଜୟସ୍ୱାଲ, ବିଦ୍ୟାଳୟ ପରିଚାଳକ ଡଃ ପ୍ରବୀର ଗୋୟଲ, ସ୍କୁଲଅଧକ୍ଷ ସୁଶାନ୍ତ ଦଣ୍ଡସେନା, ବିଦ୍ୟାଳୟ ପରିଚାଳକ ସରିତା ଗୋୟଲ ପ୍ରମୁଖ ମଞ୍ଚାସୀନ ରହିଥିଲେ । ସ୍କୁଲରେ କିପରି ଶିକ୍ଷାଦାନ ଆହୁରି ମଜଭୂତ ହୋଇ ପାରିବ ଅତିଥିଗଣ ପରି ପ୍ରକାଶ କରିଥିଲେ । ବିଦ୍ୟାଳୟର ପରିଚାଳକ ଡଃ ଗୋଏଲ ଆଗାମୀ ଦିନରେ ଆହୁରି ଶିକ୍ଷାର ପ୍ରଗତି ଡିଜିଟାଲାଇଜେସନ, ଖେଳ ଓ ବିଭିନ୍ନ ଆକ୍ଟିଭିଟି ମଧ୍ୟରେ ଶିକ୍ଷା ଦାନ ଦିଆଯାଇ ପାରିବ ଆହ୍ୱାନ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷକ ରାଜେଶ କୁମାର ଭୈରମଲ, ଭେଙ୍କଟ ରମଣ ମାଝୀ, ବିନାୟକ ମେହେର ଶିକ୍ଷୟିତ୍ରୀ ନିକିତା ଦାସ, ପୂଜା ନାଏକ, ଦୀପିକା ଅଗ୍ରୱାଲ୍ସ, ସଂଯୋଜିତା ପାଢି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ବିପ୍ଳବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ 'ସୁରଭି'

# ଛାତ୍ରଙ୍କ ଭିତରେ ବୈଜ୍ଞାନିକ ଗୁଣତତ୍ତ୍ୱ ଭରି ରହିଛି

ନୂଆପଡ଼ା, ୨୦ ।୧୨(ସମିସ)




ସ୍ଥାନୀୟ ପିଏମଶ୍ରୀ ନେସନାଲ ସରକାରୀ ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ 'ସୁରଭି' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଜିଲ୍ଲାପାଳ ନୂଆପଡ଼ା ମଧୁସୁଦନ ଦାଶ ମୁଖ୍ୟ ଅତିଥି, ଯୁଗ୍ମ ନିର୍ଦ୍ଦେଶକ ଓସେପା ପ୍ରଣୟ କୁମାର ନାୟକ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର, ଡ.ରେଶମ ଲାଲ ନାଏକ ସମ୍ମାନିତ ଅତିଥି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ଗୋଷ୍ଠୀ ଶିକ୍ଷାଧିକାରୀ ନୂଆପଡ଼ା ଗୀତାରାଣୀ ଯୋଷୀ, କୋମନା ଗୋଷ୍ଠୀ ଶିକ୍ଷାଧିକାରୀ ଅନିତା ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ ସିନାପାଲି ଜିତେନ୍ଦ୍ର ସେଠ୍, ଗୋଷ୍ଠୀ ଶିକ୍ଷାଧିକାରୀ ବୋଡ଼େନ ରୁଦ୍ରେଶ୍ୱର ମେହେର, ପ୍ରଧାନଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ପ୍ରଥମେ ଜିଲ୍ଲପାଳଙ୍କ ଦ୍ୱାରା ଉଦ୍‌ଘାଟିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୩୩ ଜଣ ରକ୍ତଦାତା ଉତ୍ସାହର ସହିତ ରକ୍ତଦାନ କରିଥିଲେ । ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ମୋଟ ୩୫ଟି ଓ ଶକ୍ତି କ୍ଲବ୍ ପ୍ରଦର୍ଶନୀରେ ୫୦ଟି ପ୍ରକଳ୍ପ ଶିଶୁ ବୈଜ୍ଞାନିକଙ୍କ ଦ୍ୱାରା ପ୍ରଦର୍ଶୀତ ହୋଇଥିଲା । ଜିଲ୍ଲାପାଳ ପ୍ରକଳ୍ପ ପ୍ରଦର୍ଶନୀ, ସୁରଭି ଷ୍ଟଲ୍ ଉଦ୍‌ଘାଟନ କରିବା ସହ ଶିଶୁ ବୈଜ୍ଞାନିକଙ୍କ ପ୍ରକଳ୍ପ ଗୁଡିକ ଦେଖିବା ସହ ବୈଜ୍ଞାନିକ ଚିନ୍ତାଧାରାର ଆଦାନ ପ୍ରଦାନ କରିଥିଲେ । ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ବିଧାୟକ ଖଡ଼ିଆଳ ଅଧିରାଜ ମୋହନ ପାଣିଗ୍ରାହୀ ମୂଖ୍ୟ ଅତିଥି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଆରକ୍ଷୀ ଅଧିକ୍ଷକ ନୂଆପଡ଼ା ଅମ୍ରିତପାଲ ସିଂହ, ଶିକ୍ଷାବିତ ଶିବ ପ୍ରସାଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି, ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଚନ୍ଦ୍ର ଶେଖର ଚନ୍ଦ୍ରକାର ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ପ୍ରମୁଖ ମଞ୍ଚାସୀନ ଥିଲେ । ବିଜ୍ଞାନ ଓ କଳାର ମିଳିତ ମଞ୍ଚରେ ଛାତ୍ରଛାତ୍ରୀ ବୈଜ୍ଞାନିକ ତତ୍ତ୍ୱ ଏବଂ କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀଙ୍କ ଭିତରେ ବୈଜ୍ଞାନିକ ତତ୍ତ୍ୱ ଭରି ରହିଛି ବୋଲି ବକ୍ତାମାନେ କହିଥିଲେ । ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଭାଲେଶ୍ୱର ଉଚ୍ଚ ବିଦ୍ୟାଳୟର ନେହେରୁ ପଟେଲ, ଖୁଟବନଭେରା ଉଚ୍ଚ ବିଦ୍ୟାଳୟର ଖିଲେଶ୍ୱର ସାହୁ, ତୁକଲା ଉଚ୍ଚ ବିଦ୍ୟାଳୟର ପ୍ରମୋଦ କୁମାର ବାଗ, ବୁଦ୍ଧିକୋମନା ଉଚ୍ଚ ବିଦ୍ୟାଳୟର ସ୍ୱରାଜ ପଣ୍ଡା, ନିଲଜୀ ଉଚ୍ଚ ବିଦ୍ୟାଳୟର ନମିତା ଟୋଲଟିଆ, ଲୋହରାପାଲି ଉଚ୍ଚ ବିଦ୍ୟାଳୟର ରାଜଲକ୍ଷ୍ମୀ ପଣ୍ଡା ଓ ଦର୍ଲିମୁଣ୍ଡା ଉଚ୍ଚ ବିଦ୍ୟାଳୟର କ୍ରିଷ୍ଣପ୍ରିୟା ପ୍ରଧାନ ଚୟନିତ ଆସନ୍ତା ୨୬ ଡ଼ିସେମ୍ବରରେ କେଉଁଝର ଜିଲ୍ଲାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବେ । ଶକ୍ତି କ୍ଲବ ପ୍ରଦର୍ଶନୀରେ ପିଏମଶ୍ରୀ ନେସନାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଖିଲେଶ୍ୱର ଖରସେଲ, ସିନାପାଲି ଉଚ୍ଚ ବିଦ୍ୟାଳୟର ବିନାୟକ ପାଣିଗ୍ରାହୀ ଓ ଗୋଡାଲ ଉଚ୍ଚ ବିଦ୍ୟାଳୟର ଭାରତୀ ପଟେଲ ରାଜ୍ୟସ୍ତରୀୟ ପ୍ରତିଯୋଗୀତା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସୁରଭି କାର୍ଯ୍ୟକ୍ରମରେ ଆୟୋଜିତ ୨୯ଟି ବିଭାଗର ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ଶଙ୍କର୍ଷଣ ପୁରୋହିତ ଓ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଜ୍ଞାପନ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଝାରସୁଗୁଡ଼ା, ୨୦।୧୨(ସମିସ):** ପୂର୍ବତନ ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଶନିବାର ପୂର୍ବାହ୍ନରେ ପୂର୍ବତନ ମନ୍ତ୍ରୀ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ସହର ପଞ୍ଚପଡ଼ା ବିଦ୍ୟାନଗର ଠାରେ ଉନ୍ନୟନ ମୂଳକ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ୫ ଶହ ୫୨ କୋଟି ଟଙ୍କାର ପ୍ରକଳ୍ପ ପୂର୍ବ ବିଭାଗ ପକ୍ଷରୁ ମଞ୍ଜୁରୀ ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ଆଜି ୩୯ ପ୍ରକଳ୍ପକୁ ନେଇ ୩ ଶହ ୪୩ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି। ଏସବୁ ମଧ୍ୟରେ ବିଭିନ୍ନ ଛୋଟବଡ ରାସ୍ତା, ବ୍ରିଜ ଏବଂ ଡ୍ରେନ ନିର୍ମାଣ ପ୍ରକଳ୍ପ ରହିଛି। ଝାରସୁଗୁଡ଼ା ଗ୍ରାମୀଣ ଅଞ୍ଚଳର ୬ ଟି ପ୍ରକଳ୍ପ ପାଇଁ ୪୬ କୋଟି, ଝାରସୁଗୁଡ଼ା ପୌରାଞ୍ଚଳର ୩ଟି ପ୍ରକଳ୍ପ ପାଇଁ ୧୯ କୋଟି, କିର୍ମିରା ବ୍ଲକର ୧୦ଟି ପ୍ରକଳ୍ପ ପାଇଁ ୮୬ କୋଟି, ଲଇକେରା ବ୍ଲକର ୧୬ଟି ପ୍ରକଳ୍ପ ପାଇଁ ସର୍ବାଧିକ ୧୫୦ କୋଟି ଟଙ୍କା ଏବଂ କୋଲାବିରା ବ୍ଲକର ୪ଟି ପ୍ରକଳ୍ପ ପାଇଁ ୪୧ କୋଟି ଟଙ୍କାର ଶିଳାନ୍ୟାସ କରାଯାଇଛି। ଏହା ସହିତ ପଞ୍ଚପଡ଼ା ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ମନ୍ତ୍ରୀ ଏବଂ ବିଧାୟକ ଫଳ ଓ କମ୍ବଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ, ବିଧାୟକ ଶ୍ରୀ ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ପିଡବ୍ଲ୍ୟୁଡିର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ ପ୍ରମୁଖଙ୍କ ସହିତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଜାରି ରହିବ ଅର୍ବାନ ପିଏଚ୍‌ସି

**ଦେବଗଡ଼, ୨୦।୧୨(ସମିସ)**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗରେ ଡାକ୍ତର ନିଯୁକ୍ତି ନେଇ ଜିଲ୍ଲା ବିଜେପି ସଭାପତି ଓ ଜିଲ୍ଲା ପ୍ରଶାସନର ଦ୍ୱନ୍ଦ୍ୱାତ୍ମକ ପ୍ରେସ ବାର୍ତ୍ତା ନେଇ

## ସୋମବାର ଠାରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା

'ସକାଳ'ରେ ଆଜି ଖବର ପ୍ରକାଶିତ ହୋଇଛି। ଏହାପରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଧନୁର୍ଜୟ ମହନ୍ତ ଏକ ସାମ୍ବାଦିକ ସମ୍ମିଳନୀ କରି ଦ୍ୱନ୍ଦ୍ୱ ଦୂର କରିଛନ୍ତି। ଆଜି ସନ୍ଧ୍ୟାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ମହନ୍ତ ଗଣମାଧ୍ୟମ ସମ୍ମୁଖରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନୂତନ ଭାବେ ଅସ୍ଥିଶଲ୍ୟ, ଚର୍ମରୋଗ ଓ ଯକ୍ଷ୍ମାରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ମିଳିଥିବା କହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ଚାଲୁଥିବା ଅର୍ବାନ ପିଏଚସିରେ




ଆସନ୍ତା ସୋମବାର ଠାରୁ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ନିଷ୍ପତ୍ତି କରାଯାଇଛି। ଫଳରେ ଅର୍ବାନ ପିଏଚସିରେ ନିଯୁକ୍ତ ଜଣେ ଡାକ୍ତରଙ୍କ ସହ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆଉ ୨ ଜଣ ଏମବିବିଏସ ଡାକ୍ତରଙ୍କୁ ସେଠାରେ ନିୟୋଜିତ କରାଯାଇଛି। ସେହିପରି ଆବଶ୍ୟକ ପାରାମେଡିକ୍ସ ଆଉଟସୋର୍ସିଙ୍ଗ ମାଧ୍ୟମରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଅର୍ବାନ ପିଏଚସିକୁ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଅର୍ବାନ ପିଏଚସିରେ ସକାଳ ୮ ରୁ ୧୨ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୪ରୁ ୬ ପର୍ଯ୍ୟନ୍ତ ନିରାମୟ କାଉଣ୍ଟର ଖୋଲା ରହିବ। ଅନ୍ୟ ସମୟରେ ଜରୁରୀକାଳୀନ ରୋଗୀଙ୍କୁ ଔଷଧ ଦିଆଯିବ। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଛତି ଓ ଯକ୍ଷ୍ମା, ଚର୍ମ ଏବଂ ଅସ୍ଥିଶଲ୍ୟ ବିଭାଗରେ ୩ଜଣ ବିଶେଷଜ୍ଞ ଯୋଗଦାନ କରିଥିବାରୁ ଜିଲ୍ଲାରେ ଏହି ସବୁରୋଗର ଚିକିତ୍ସା ଉପଲବ୍ଧ ହୋଇପାରିବ। ଏଥି ସହିତ ପ୍ରତ୍ୟକ ସୋମବାର, ବୁଧବାର ଏବଂ ଶୁକ୍ରବାର ସ୍ତ୍ରୀ ଓ ପ୍ରସୂତି ମା ମାନଙ୍କର ଅଲଟ୍ରାସାଉଣ୍ଡ, ସହ ଉନ୍ନତ ମାନର ବାୟୋ କେମେଷ୍ଟ୍ରି ମେସିନ ମାଧ୍ୟମରେ ସମସ୍ତ ପ୍ରକାର ରକ୍ତ ପରୀକ୍ଷା ମଧ୍ୟ କରାଯାଉଥିବା ପ୍ରକାଶ କରିଥିଲେ। ସେହିପରି ନୂତନ ବସ ଷ୍ଟାଣ୍ଡ ଠାରୁ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ ସହ ନୂତନ ବସଷ୍ଟାଣ୍ଡ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ରୋଗୀଙ୍କୁ ନେବାପାଇଁ ବ୍ୟାଟେରୀ ଚାଳିତ ଯାନର ବ୍ୟବସ୍ଥା କରାଯାଇଥିବା ସୂଚନା ପ୍ରଦାନ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲାବାସୀଙ୍କୁ ଏସବୁର ସୁଯୋଗ ନେବାକୁ ଅନୁରୋଧ କରିଥିଲେ।

### ରିଆମାଳ ଉପ୍ରା ବିଦ୍ୟାଳୟ

# ପ୍ରଧାନଶିକ୍ଷୟିତ୍ରୀ ବଦଳି ସହ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦାବି

**ରିଆମାଳ, ୨୦।୧୨(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାରେ ଘୋର ସମସ୍ୟା ଦେଖାଦେଇଛି। ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ହେଉଥିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏହାସହ ବିଦ୍ୟାଳୟ ଫାଟକରେ ତାଲା ପକାଇବାକୁ ଚେତାବନୀ ଦିଆଯାଇଛି। ବିଦ୍ୟାଳୟଟି ୧୯୫୯ରେ ସ୍ଥାପିତ ହେବା ପରେ ଅଞ୍ଚଳରେ ଏକ ଆଦର୍ଶ ବିଦ୍ୟାଳୟ ଭାବେ ପରିଚୟ ସୃଷ୍ଟି କରିଛି। ହେଲେ ଗତ ନଭେମ୍ବର ୨୪ ତାରିଖ ବିଦ୍ୟାଳୟର ଇଲେଶ୍ୱରୀ ପ୍ରଧାନ ଓ ଉଷାରାଣୀ ସାହୁଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ୨ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବଦଳରେ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରାଯାଇଛି। କିନ୍ତୁ ବିଦ୍ୟାଳୟରେ ଆହୁରି ୨ ଜଣ ବିଏବିଏଡ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ରହିଛି। ଏହି ବିଦ୍ୟାଳୟ ସହ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଜଡିତ ଅଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ପାଠ୍ୟକ୍ରମ ଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ୭ ଜଣ ଅଛନ୍ତି। ତେଣୁ ଆଉ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷୟିତ୍ରୀଙ୍କ ନାମରେ ବହୁ ଦୁର୍ନୀତି ଅଭିଯୋଗ ଯୋଗୁଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଉକ୍ତ ଆଦେଶକୁ ସ୍ଥଗିତ କରାଯିବା ଦ୍ୱାରା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ନ ହେବାକୁ ଯଥାଶୀଘ୍ର ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ସହ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ କରିବାକୁ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଯୋଗେଶ୍ୱର ବିଶ୍ୱାଳ, ମୋ ସ୍କୁଲ ଅଭିଯାନ ସଭାପତି ରମାକାନ୍ତ ପ୍ରଧାନ, ତ୍ରିନାଥ ବିଶ୍ୱାଳ, ଟଙ୍କଧର ପ୍ରଧାନ, ହରିଶ୍ଚନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ନାୟକ, ଅଚ୍ୟୁତ ସାହୁ, ଟିକେଶ୍ୱର ନନ୍ଦ, ଶ୍ରୀପତି ବିଶି, ପ୍ରତାପ ବିଶ୍ୱାଳ, ଗୋଲବଦନ ଜେନା, ବୃଷଭାନୁ ପ୍ରଧାନ, ପ୍ରଫୁଲ୍ଲ ବିଶ୍ୱାଳ ସମେତ ବହୁ ଅଭିଭାବକ, ଗ୍ରାମବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ନୂଆବର୍ଷ ଜାନୁଆରୀ ୨ ତାରିଖ ତାଲା ପକାଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଦାବିପତ୍ରର ନକଲ ଗଣଶିକ୍ଷା ମନ୍ତ୍ରୀ, ଓପେପା ନିର୍ଦ୍ଦେଶକ, ଦେବଗଡ଼ ଜିଲ୍ଲାପାଳ, ସମ୍ବଲପୁର ସାଂସଦ ପ୍ରତିନିଧିତ୍ୱ ଓ ବିଜେପି ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଯାଇଛି।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ପକ୍ସୋ ଆଇନ୍ କର୍ମଶାଳା

**ଝାରସୁଗୁଡ଼ା, ୨୦।୧୨ (ସମିସ):** ଝାରସୁଗୁଡ଼ା ସହରସ୍ଥ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପକ୍ସୋ ଆଇନର ଆବଶ୍ୟକତା ଉପରେ କର୍ମଶାଳା ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କଲେଜର ଯୌନ ନିର୍ଯାତନା ପ୍ରତିରୋଧ ବିଭାଗ, ଜାତୀୟ ସେବା ସଂସ୍ଥା, ରେଡକ୍ରସ, ନାରୀ ସଶକ୍ତିକରଣ ବିଭାଗ ପକ୍ଷରୁ ଅୟୋଜିତ ହୋଇଥିଲା। କର୍ମଶାଳାରେ ଜିଲ୍ଲା ଆଇନ ପ୍ରାଧିକରଣ ସେବା ପକ୍ଷରୁ ଆଲୋକମୟୀ ପ୍ରଧାନ, ଜିଲ୍ଲା ଲୋକ ଅଦାଲତର ସ୍ଥାୟୀ ବିଚାରପତି ଅଶ୍ୱିନୀ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ପୁଲିସ ଡିଏସପି ମମତା ହାସଦା ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାପିକା ସଂଯୋଜନା କରିଥିବା ବେଳେ ପ୍ରାଧାପକ ବ୍ରଜେଶ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବିପିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ଝାରସୁଗୁଡ଼ା, ୨୦।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଭଇଁରଖୋଲ ସ୍ଥିତ ଭଗବାନ ପ୍ରଧାନ ମେମୋରିଏଲ (ବିପିଏମ) ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ




ଧୁମଧାମରେ ଅନୁଷ୍ଠିତ ହୋଇଛି। ଶନିବାର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ହଲଧର ନାଗ, ସମ୍ମାନିତ ଅତିଥି ଭାବେ ଲଖନପୁର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ। ସେହିପରି ବିଦ୍ୟାଳୟ ପ୍ରତିଷ୍ଠା ପର ଠାରୁ ଶିକ୍ଷାଦାନ ଆରମ୍ଭ କରିଥିବା ଗୁରୁ ଭାବଗ୍ରାହୀ ସାହୁ, ସୁରେନ୍ଦ୍ର ପ୍ରଧାନ, ଶଙ୍କର ପ୍ରଧାନ, ଯତୀନ ପ୍ରଧାନ, ମାୟାଧର ଦାସ, ଦୁର୍ଯୋଧନ ବିଶ୍ୱାଳ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ ଶିକ୍ଷା ସହିତ ଜୀବନ ଜିଇଁବାର ବିଦ୍ୟା ଉପରେ ଗୁରତ୍ୱାରୋପ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଶିକ୍ଷାଦାନ କରିଥିବା ଗୁରୁ ଭାବଗ୍ରାହୀ ସାହୁ ଭଗବାନ ପ୍ରଧାନ ମେମୋରିଆଲ ସରକାରୀ ଉଚ୍ଚ ବିଦ୍ୟାଳୟର ଇତିହାସ ଓ ବର୍ତ୍ତମାନ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତି ଡିଗି ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ନୃତ୍ୟଗୀତ ପରିବେଷଣ କରିଥିଲେ। ଆସନ୍ତା ୨୧ ତାରିଖ ସ୍ୱର୍ଗତ ଭଗବାନ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ମରଣିକା ଉନ୍ମୋଚନ, ସଭାକାର୍ଯ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# 'ସମ୍ପଦ ଏବଂ କର୍ମଚାରୀ ସୁରକ୍ଷା: ଇଣ୍ଡକ୍ସନ୍ ଫର୍ଣ୍ଣେସ୍‌ରେ ସୁରକ୍ଷିତ କାର୍ଯ୍ୟ' କର୍ମଶାଳା

**ରାଉରକେଲା, ୨୦।୧୨ (ସମିସ):** ରାଉରକେଲା ଇସ୍ପାତ କାରଖାନାର ସିପିଟିଆଇ ଠାରେ ଓଡ଼ିଶା ସରକାରଙ୍କ ଫେକ୍ଟୋରିଜ ଏବଂ ବଏଲର୍ସ ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ ଆନୁକୂଲ୍ୟରେ ସେଲ୍‌ଫ ଆରଏସପି ଓ ରୁଙ୍ଗଟା କାମଣ୍ଡା ଇସ୍ପାତ କାରଖାନା ସହିତ ମିଳିତ ସହଭାଗିତାରେ 'ସମ୍ପଦ ଏବଂ କର୍ମଚାରୀ ସୁରକ୍ଷା: ଇଣ୍ଡକ୍ସନ୍ ଫର୍ଣ୍ଣେସ୍‌ରେ ସୁରକ୍ଷିତ କାର୍ଯ୍ୟ' ଶୀର୍ଷକ ଏକ ଦିନକିଆ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଅଧିବେଶନରେ ଆରଏସପିର ଖଣି ଉନ୍ନୟନ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିପିନ କୁମାର ଗିରି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଫେକ୍ଟୋରିଜ ଏବଂ ବଏଲର୍ସ ବିଭାଗର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ସହକାରୀ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ, ସ୍ୱରାଜ ତ୍ରିପାଠି, ଆର୍‌ଏସ୍‌ପି ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ମଞ୍ଚାସୀନ ଥିଲେ। ଉପସ୍ଥିତ ଅନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ଓ ଜାତୀୟ ସୁରକ୍ଷା ପରିଷଦ ଓଡ଼ିଶା ଅଧ୍ୟାୟ ସମ୍ପାଦକ ଏମ୍ ମୋହିନୀ ସାମିଲ ଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଶିଳ୍ପ ଉଦ୍ୟୋଗରୁ ପ୍ରାୟ ୮୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ନିଜର ଉଦଘାଟନୀ ଅଭିଭାଷଣରେ, ଶ୍ରୀ ଗିରି ଇଣ୍ଡକ୍ସନ ଫର୍ଣ୍ଣେସ ଭଳି ଉଚ୍ଚ ବିପଦଯୁକ୍ତ କାର୍ଯ୍ୟରେ ସୁରକ୍ଷା ବୃଦ୍ଧି କରିବା ପାଇଁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟର ପ୍ରୟାସକୁ ପ୍ରଶଂସା କରିଥିଲେ। ଶ୍ରୀ ବିଭୁ ପ୍ରସାଦ ଓଡ଼ିଶାର ଶିଳ୍ପ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସକ୍ରିୟ ପଦକ୍ଷେପ ଏବଂ କର୍ମଚାରୀମାନଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିବା ସହିତ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଶୁଭେନ୍ଦୁ ଶେଖର ରାଉତ ବିଭିନ୍ନ ଶିଳ୍ପ ସୁରକ୍ଷା ନିୟମାବଳୀ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ସ୍ୱରାଜ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ। ଆର୍‌ଏସ୍‌ପି, ଓରିଟେକ୍ ସଲ୍ୟୁସନ୍ସ, ମହାବୀର ଫେରୋ ଆଲୟ, ରୁଙ୍ଗଟା କାମଣ୍ଡା ଷ୍ଟିଲ୍ ପ୍ଲାଣ୍ଟର ଶିଳ୍ପ ବିଶେଷଜ୍ଞମାନଙ୍କ ଦ୍ୱାରା ବୈଷୟିକ ଅଧିବେଶନ ସମ୍ପନ୍ନ କରାଯାଇଥିଲା। ଯେଉଁଥିରେ ବିପଦ ଚିହ୍ନଟ, ବିପଦ ନିୟନ୍ତ୍ରଣ ପଦକ୍ଷେପ ଏବଂ ଇଣ୍ଡକ୍ସନ ଫର୍ଣ୍ଣେସ ୟୁନିଟରେ ସୁରକ୍ଷିତ କାର୍ଯ୍ୟ ପାଇଁ ସର୍ବୋତ୍ତମ ଅଭ୍ୟାସ ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ସହକାରୀ ପ୍ରବନ୍ଧକ ସୁଶ୍ରୀ ପ୍ରଜ୍ଞା ନାଥ ସଂଯୋଜନା କରିଥିଲେ।

# ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ଉତ୍ସବ

**କୁତ୍ରା, ୨୦।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାକୁତ୍ରା ବ୍ଲକ ଅଧୀନ ଗୋମାରଡିହି ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ୪୨ତମ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୁତ୍ରା ବ୍ଲକ ଜିଲ୍ଲାପରିଷଦ 'ଖ' ଗଙ୍ଗାରାମ ମିଞ୍ଜ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି



ଭାବେ ଝାରବେଡା ସରପଞ୍ଚ ଭିକ୍ଟୋରିଆ ଜୋଜୋ, କୁତ୍ରା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ ଓ ବ୍ଲକ ଓଷ୍ଟା ସଭାପତି ଲୋକନାଥ ପ୍ରଧାନ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜିକା ସମ୍ପାଦିକା ସବିତା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଓଷ୍ଟାର ଉପସଭାପତି ରବୀନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଷ୍ଟାର ସମ୍ପାଦକ ମହେନ୍ଦ୍ର ସିଂ ଓଷ୍ଟା ବିବରଣୀ ପାଠ ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫ଟି ବିଦ୍ୟାଳୟରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ୧୦ଟି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆସନ୍ତା ୨୨ ତାରିଖ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ମହାରଣା, ସହସମ୍ପାଦିକା ସବିତା ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟାନନ୍ଦ ବେହେରା, ପ୍ରଧାନଶିକ୍ଷକ ବ୍ରିଧିଚନ୍ଦ୍ର ବିଲୁଙ୍ଗ ଓ ରାଜ୍ୟପରିଷଦ ଟେକଚାନ୍ଦ ସିଂ ଯୋଗ ଦେଇଥିଲେ। ଓଷ୍ଟାର ଉପସଭାପତି ରବୀନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଲୋକନାଥ ପ୍ରଧାନ ଅଭିଭାଷଣ ପ୍ରଦାନ କରିଥିଲେ। ଓଷ୍ଟାର ସମ୍ପାଦକ ମହେନ୍ଦ୍ର ସିଂ ମଞ୍ଚ ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଶିଲ ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସରୋଜ ମହାରଣା, ଆଲମା ଆଇନ୍ଦ, ଜୟନ୍ତୀ ଟେଟେ, ରେଣୁକା କେରକେଟା, ଜାକରିଆସ କେରକେଟା, ଆଶୀର୍ବାଦ ମିଶ୍ର, ଦିଲୀପ ସାହୁ, ରୋହିତ ବରୁଆ, ମନିଷା ପାଣ୍ଡେ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଆୟୋଜିକା ସମ୍ପାଦିକା ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମଶ୍ରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟା

## ବିକଶିତ ଭାରତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଉନ୍ନତି ଜରୁରୀ

**ଝାରସୁଗୁଡ଼ା, ୨୦।୧୨(ସମିସ):** ବିକଶିତ ଭାରତ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଉନ୍ନତି ଜରୁରୀ ଓ ଏହା ପାଇଁ ଛାତ୍ରଛାତ୍ରୀଙ୍କ ମାନସିକତାରେ ପରିବର୍ତ୍ତନ ନିହାତି ଅପରିହାର୍ଯ୍ୟ। ଏହା କେବଳ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ କରିପାରିବେ ବୋଲି ଶନିବାର ଅପରାହ୍ଣରେ ପିଏମଶ୍ରୀ ହାଇସ୍କୁଲ, ପୁରୁଣାବସ୍ତିର ସୁବର୍ଣ୍ଣ ଜୟନ୍ତୀ ପାଳନର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ପୂର୍ବତନ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଣାବସ୍ତି ହାଇସ୍କୁଲର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂର୍ବତନ ମନ୍ତ୍ରୀ ଓ ବିଧାୟକ ତ୍ରିପାଠୀ ସ୍କୁଲର ନୂତନ କୋଠରୀର ଶୁଭ ଉଦ୍‌ଘାଟନ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବ୍ରଜରାଜନଗର କଲେଜର ପୂର୍ବତନ ଅଧାପକ ବିଶ୍ୱଜିତ ଖମାରି, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଅଶୋକ ମହାପାତ୍ର, ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ, ପ୍ରମୁଖ ମଞ୍ଚାସୀନ ଥିଲେ। ସଭା ଶେଷରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହାସହ କେଦାର ପଟେଲଙ୍କ ଦ୍ୱାରା ସମ୍ବଲପୁରୀ କମେଡି ସୋ, ହିଟ ବୋୟସ ସଂସ୍ଥା ପକ୍ଷରୁ ନୃତ୍ୟ, ଆତ୍ମସୁରକ୍ଷା ଉପରେ ଡେମୋ ଏବଂ ଜାଦୁଗର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଡିଏଭିର ପ୍ରଥମ ପର୍ଯ୍ୟାୟ ବାର୍ଷିକ କ୍ରୀଡ଼ା

**ଝାରସୁଗୁଡ଼ା, ୨୦।୧୨(ସମିସ):** ଝାରସୁଗୁଡ଼ା ଡିଏଭିର ପ୍ରଥମ ପର୍ଯ୍ୟାୟ ବାର୍ଷିକ କ୍ରୀଡା ୧୯ ଓ ୨୦ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ପର୍ଯ୍ୟାୟର କ୍ରୀଡା ଉଦ୍‌ଘାଟନୀ ଦିବସରେ ଭାରତୀୟ ବାୟୁ ସେନାରେ ଫ୍ଲାଇଟ୍ ଲେଫ୍ଟେନାଣ୍ଟଭାବେ କାର୍ଯ୍ୟରତ ଅଧିକାରୀ ତଥା ବିଦ୍ୟାଳୟର ପୂର୍ବତନ ଛାତ୍ର କପିଳ କିଶନ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ତଥା ଉଦ୍ୟାପନୀ ଦିବସରେ ଜିଲ୍ଲା କ୍ରୀଡା ପରିଷଦର ସାଧାରଣ ସମ୍ପାଦକ ବିଜୟ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୯ରେ ନର୍ସରୀରୁ ୨ୟ ଶ୍ରେଣୀ ଏବଂ ୨୦ରେ ୩ୟ ଓ ୪ର୍ଥ ଶ୍ରେଣୀର ପ୍ରତିଯୋଗୀ ଭାଗ ନେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପଦକ ସହ ପୁରସ୍କୃତ କରଯାଇଥିଲା।




# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଦେବଗଡ଼, ୨୦।୧୨(ସମିସ)**



ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ବିଜ୍ଞାନ ମେଳା, କୁଇଜ ପ୍ରତିଯୋଗିତା ଓ ଜିଲ୍ଲାସ୍ତରୀୟ ପିଏମ ଶ୍ରୀ ବିଦ୍ୟାଳୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳି ଲାକ୍ରା ଧନ୍ୟବାଦ ଦେଇଥିଲେ। ଏଥିରେ ତିନୋଟି ବ୍ଲକର ଚୟନ ହୋଇଥିବା ୩୯ ଟି ପ୍ରକଳ୍ପ, ସେଣ୍ଟର ଫୋର ଏନଭୋରମେଣ୍ଟାଲ ଷ୍ଟଡିଜ ପକ୍ଷରୁ ୧୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ କୁଇଜ ପ୍ରତିଯୋଗିତାରେ ୧୮ ଜଣ ଓ ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ବିଦ୍ୟାଳୟ ୧୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ଆଦର୍ଶ ମହାବିଦ୍ୟାଳୟ ପ୍ରଧାପକ ଡ଼ ସୁମିତ ଜୈଶ୍ୱାଳ, ଡ଼. ପିକେ ମିଶ୍ର, ରତିକାନ୍ତ ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ ରାମଚନ୍ଦ୍ର ମହାପାତ୍ର, ଉଦୟ ପ୍ରଧାନ, ଭାନୁ ଶଙ୍କର ନନ୍ଦ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସାହୁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ ଉଭୟ ବର୍ଗରୁ ୧୩ ଟି ପ୍ରକଳ୍ପ, କୁଇଜରେ ଉଭୟ ବର୍ଗରେ ୧୨ ଜଣକୁ ଚୟନ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି. ପ୍ରାଣବନ୍ଧୁ ଘଡେଇ ସଂଯୋଜନା କରିଥିଲେ। ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତର ପାଇଁ ମନୋନୀତ ହୋଇଥିବା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ରଙ୍କ ସହ ନିର୍ଦ୍ଦେଶକ ଗୌର ଚରଣ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଜିଲ୍ଲାସ୍ତରରୁ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୭ ଟି ପ୍ରକଳ୍ପ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ୬ ଟି ପ୍ରକଳ୍ପ ରାଜ୍ୟସ୍ତରରେ ଭାଗ ନେବେ। କାର୍ଯ୍ୟକ୍ରମ ଆୟୋଜନରେ ଯୋଜନା ତଥା ଶୈକ୍ଷିକ ତତ୍ତ୍ୱ, ସଂଯୋଜକ ତପନ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ, ଦମୟନ୍ତୀ ବେହେରା, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବ୍ରହ୍ମା, ରାଜେନ୍ଦ୍ର କୁମାର ସାହୁ, ରଞ୍ଜନ କୁମାର ବ୍ରହ୍ମା, ସହକାରୀ ଶିକ୍ଷକ ସରୋଜ ରଞ୍ଜନ ବ୍ରହ୍ମା, ସଦାନନ୍ଦ ମହନ୍ତ, ହିମାଂଶୁ କୁମାର ଦେହୁରୀ, ମାନସ ରଞ୍ଜନ ମହନ୍ତ, ଡିଲେଶ୍ୱର ପ୍ରଧାନ, ଭବାନୀକାନ୍ତ ପ୍ରଧାନ, ଫକୀର ମୋହନ ପ୍ରଧାନ, ଚୁଡାମଣି ସାହୁ, ବୀରବର ପ୍ରଧାନ, ସୁବ୍ରତ କୁମାର ଦେହୁରୀ, ମହେଶ୍ୱର ପ୍ରଧାନ, ଭେନସ କୁମାର ପ୍ରଧାନ, କାଦମ୍ବିନୀ ମିଶ୍ର, ଡିଲେଶକରୀ ନାଏକ, ସନ୍ଧ୍ୟାରାଣୀ ସାହୁ, ଲୀନା ମିଶ୍ର, ସୌମିତ୍ରୀ ମହାପାତ୍ର, କୁନିତା ସାହୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ତିଳେଇବଣି ଗୋଷ୍ଠୀ କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଝସକେତନ ସାହୁ, ଗୌରହରି ସାହୁ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରର ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହ

**ଝାରସୁଗୁଡ଼ା, ୨୦।୧୨(ସମିସ):** ବ୍ରଜରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳ ସ୍ତରୀୟ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ କ୍ରିଷ୍ଣ ଗୋପାଳ ଶିତାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଗୋବିନ୍ଦ୍ ସିଂହ, ଉପ ସଭାପତି ରାଧେଶ୍ୟାମ ଶର୍ମା, ସମ୍ପାଦକ ସୁଧିର ନାଏକ, ଯୁଗ୍ମ ସମ୍ପାଦକ ବିଜୟ ସାହୁ, କୋଷାଧ୍ୟକ୍ଷ ଭବାନୀ କୁଅଁର, ମାତୃ ଭାରତୀ ପ୍ରମୁଖ ମଶାଲ ପ୍ରଜ୍ୱଳନ କରି ବାର୍ଷିକ କ୍ରୀଡା ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଲଜକୁରା ପକଳ୍ପ ଅଧିକାରୀ ପ୍ରସାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ରୀଡା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ମୋମେଣ୍ଟୋ ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ ସୁଧାକର ବେହେରା, ରାକେଶ ପଣ୍ଡା, କ୍ଷିରୋଦ ଜେନା, ଦିନେସ ଯାଦବ ଖେଳକୁଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୀଣାପାଣି ପଣ୍ଡା, ପୁଷ୍ପା ଜସ୍ୱାଲ୍, କିଆ ଚାଟାର୍ଜୀ, ମଞ୍ଚ ଓ ବୋଦିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ବ୍ରଜରାଜନଗର ସଙ୍କୁଳର ୯ ଟି ବିଦ୍ୟାଳୟର ୨୩୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।








## ଅଭିନେତା ଶ୍ରୀନିବାସନଙ୍କ ପରଲୋକ



କୋଚି, ୨୦।୧୨(ଏଜେନ୍ସି): ଲୋକପ୍ରିୟ ମାଲାୟଲମ ଅଭିନେତା ଶ୍ରୀନିବାସନଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ଜଣେ ଅଭିନେତା ହେବା ସହ ନିର୍ଦ୍ଦେଶକ, ସ୍କ୍ରିନରାଇଟର, ପ୍ରଯୋଜକ ମଧ୍ୟ ଥିଲେ। ସେ ଆଜି ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ସମସ୍ୟା ଓ ହୃଦଘାତରେ ପୀଡିତ ଥିଲେ। ସେ କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ଉଦୟାମପୁରସ୍ଥିତ ନିଜ ଘରେ ହିଁ ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ଡାଏଲିସିସ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ କୋଚିର ତ୍ରିପୁନିଥୁରାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ସେଠାରେ ହିଁ ସେ ପରଲୋକ ଗମନ କରିଥିଲେ। ୧୯୫୬ ଏପ୍ରିଲ ୬ରେ ସେ କେରଳର ଥାଲାସେରି ନିକଟସ୍ଥ ପଟ୍ଟାୟମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜଣେ ସ୍କୁଲ ଶିକ୍ଷକ ଓ ମାତା ଜଣେ ଗୃହିଣୀ ଥିଲେ। ପାଠ ପଢ଼ା ସାରିବା ପରେ ସେ ଚେନ୍ନଇର ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟରୁ ସିନେମା ସମ୍ପର୍କରେ ଅଧ୍ୟୟନ କରିଥିଲେ। ନିଜର ସଫଳ କ୍ୟାରିଅରରେ ସେ ୨୨୫ଠାରୁ ଅଧିକ ସିନେମାରେ କାର୍ଯ୍ୟ କରିଛନ୍ତି।

## ଟ୍ରେନ୍‌ରେ କଟି ୩ ମୃତ

କୋଲକାତା, ୨୦।୧୨(ଏଜେନ୍ସି): ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଶନିବାର ସକାଳେ ଟ୍ରେନ୍‌ରେ କଟି ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଘନ କୁହୁଡି କାରଣରୁ ଏହି ଦୁର୍ଘଟଣା ଘଟିଥିଲା ବୋଲି କୁହାଯାଇଛି। ଏଥିରେ ୨ ଜଣ ଲୋକ ଆହତ ମଧ୍ୟ ହୋଇଛନ୍ତି। ଏମାନେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତହେରପୁର ରାଲିରେ ଯୋଗ ଦେବାକୁ ବାହରି ଥିଲେ। ଏହି ଦୁର୍ଘଟଣା ତହେରପୁର ଓ ବଡ଼କୁଲ୍ଲା ଷ୍ଟେସନ ମଝିରେ ହିଁ ଘଟିଥିଲା। ଏଥିରେ ପ୍ରଧାନମନ୍ତ୍ରୀ ଦୁଃଖ ପ୍ରକାଶ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ୪୦ ଜଣ ବିଜେପି ସମର୍ଥକ ଏକ ବସ ଯୋଗୁଁ ମୁର୍ସିଦାବାଦରୁ ତହେରପୁର ଆସୁଥିଲେ। କିନ୍ତୁ ବସରୁ ୫ଜଣ ଓହ୍ଲାଇ ରେଳ ଲାଇନ ପାର କରି ଯିବାକୁ ପ୍ରୟାସ କରୁଥିଲେ। ହଠାତ ଟ୍ରେନ୍ ଆସିଥିଲା ଓ ଘନ କୁହୁଡି ଯୋଗୁଁ ସେମାନେ ନିଜକୁ ବଞ୍ଚାଇ ପାରିନଥିଲେ। ମୃତକଙ୍କୁ କ୍ରିଷ୍ଣାନଗର ଥାନାକୁ ନିଆଯାଇଛି ଓ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପାଇଁ ତୃଣମୂଳ କଂଗ୍ରେସ ବିଜେପି ନେତୃତ୍ୱକୁ ସମାଲୋଚନା କରିଛି।

## ତୋଶାଖାନା ଦୁର୍ନୀତି ମାମଲା | ଇମ୍ରାନ, ପତ୍ନୀ ବୁଶ୍‌ରାଙ୍କୁ ୧୭ ବର୍ଷ ଜେଲ୍, ୧୬ କୋଟି ଜରିମାନା

ଇସଲାମାବାଦ୍, ୨୦।୧୨(ଏଜେନ୍ସି): ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପାକିସ୍ତାନ ତେହେରିକ-ଇ ଇନ୍‌ସାଫ ପାର୍ଟିର ପ୍ରତିଷ୍ଠାତା ତଥା ସୁପ୍ରିମୋ ଇମ୍ରାନ ଓ ତାଙ୍କ ପତ୍ନୀ ବୁଶରା ବିବିଙ୍କୁ ସରକାରୀ ଉପହାର ଦୁର୍ନୀତି-୨ ମାମଲାରେ ୧୭ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ହୋଇଛି। ଫେଡେରାଲ ଇନଭେଷ୍ଟିଗେସନ ଏଜେନ୍ସି (ଏଫ୍‌ଆଇଏ)ର ଏକ ସ୍ୱତନ୍ତ୍ର କୋର୍ଟ ଶନିବାର ଏହି ରାୟ ଶୁଣାଇଛନ୍ତି। ଦୁହିଁଙ୍କ ଉପରେ ୧୬.୪ କୋଟି ଟଙ୍କାର ଜରିମାନା ମଧ୍ୟ କରାଯାଇଛି।

ଏହି ମାମଲା ଏକ ଦାମୀ ବୁଲଗାରୀ ଘଡ଼ି ସେଟ୍ ସହିତ ଜଡିତ। ଏହି ଘଡ଼ି ସେଟ୍ ୨୦୧୮ ରେ ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ ଇମ୍ରାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ଓ ଏହାର ମୂଲ୍ୟ ୨ କୋଟି ଟଙ୍କା ଥିଲା। ତେବେ ଏହି ଉପହାରର ପ୍ରକୃତ ମୂଲ୍ୟ ବିଷୟରେ ଇମ୍ରାନ ପାକିସ୍ତାନ ଅଭିଲେଖାଗାରକୁ ଜଣାଇ ନଥିଲେ। ସେ କହିଥିଲେ ଏହି ଘଡିର ମୂଲ୍ୟ ମାତ୍ର ୫ ଲକ୍ଷ ଟଙ୍କା।



ଫଳରେ ଏହି ଘଡି ପାକିସ୍ତାନ ସରକାରୀ ରାଜକୋଷକୁ ଯାଇପାରି ନଥିଲା। ଇମ୍ରାନ ଏହାକୁ ବ୍ୟକ୍ତିଗତ ଭାବେ ବିକ୍ରି କରିବାକୁ ଚାହୁଁଥିଲେ। ରାୱଲପିଣ୍ଡିର ଆଦିଆଲା ଜେଲରେ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ସ୍ୱତନ୍ତ୍ର ଜଜ୍ ଶାହରୁଖ ଅଞ୍ଜୁମନ୍ ଏହି ରାୟ ଶୁଣାଇଛନ୍ତି।

ଅନ୍ୟଏକ ଦୁର୍ନୀତି ମାମଲାରେ ଇମ୍ରାନ ୨୦୨୩ରୁ ଆଦିଆଲା ଜେଲରେ ରହିଛନ୍ତି। ଇମ୍ରାନ ୭୩ ବର୍ଷୀୟ ହୋଇଥିବାରୁ ଓ ବୁଶରା ଜଣେ ମହିଳା ହୋଇଥିବାରୁ ଦଣ୍ଡ କମ୍ କରାଯାଇଛି ବୋଲି କୁହାଯାଇଛି। ବୁଶରାଙ୍କ କାରଣରୁ ଇମ୍ରାନ ଏହି ଦୁର୍ନୀତି ମାମଲାରେ ଫସି ଯାଇଥିଲେ। ଉପହାର ସ୍ୱରୂପ ମିଳିଥିବା ଘଡ଼ିକୁ ଇମ୍ରାନ ପତ୍ନୀ ବୁଶରାଙ୍କୁ ଦେଇଥିଲେ। ବୁଶରା କିନ୍ତୁ ଏହି ଘଡ଼ିକୁ ନିଜର ଜଣେ ମନ୍ତ୍ରୀଙ୍କ ଦ୍ୱାରା ବିକ୍ରି କରିବାକୁ ଚେଷ୍ଟା କରିଥିଲେ। ନିୟମ ଅନୁସାରେ ଯଦି କୌଣସି ଉପହାରର ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ଏହାକୁ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି କିଣିପାରିବେ। ଯଦି କେହି ନ କିଣନ୍ତି, ତେବେ ଏହାର ନିଲାମୀ ହୋଇଥାଏ। କିନ୍ତୁ ଇମ୍ରାନ ୨ କୋଟି ଟଙ୍କାର ଘଡିର ମୂଲ୍ୟକୁ କେତେବେଳେ ୫ ଓ କେତେବେଳେ ୭ ଲକ୍ଷ ଟଙ୍କା ବୋଲି କହିଥିଲେ। ସେ ଏହି ମୂଲ୍ୟରେ କ୍ରୟ କରି ତାକୁ ପ୍ରକୃତ ମୂଲ୍ୟ ଅର୍ଥାତ୍ ଦୁଇ କୋଟି ଟଙ୍କାରେ ବିକ୍ରି କରିଥିଲେ ଓ ଏହି ମାମଲାରେ ଫସିଯାଇଥିଲେ। ଉଲ୍ଲେଖଥାଉ କି, ଇମ୍ରାନଙ୍କ ବିରୋଧରେ ୧୦୦ରୁ ଉର୍ଦ୍ଧ୍ୱ ମାମଲା ଚାଲୁଛି। ସେ ୨୦୨୩ ଅଗଷ୍ଟରୁ ଜେଲରେ ରହିଛନ୍ତି। ଦୁର୍ନୀତି ମାମଲାରେ ତାଙ୍କୁ ୧୪ ବର୍ଷ ଜେଲ ହୋଇସାରିଛି। ଏଥିରେ ସରକାରୀ ଉପହାର (ତୋଶାଖାନା ମାମଲା) ବିକ୍ରୟ ଓ ସରକାରୀ ଗୁପ୍ତତଥ୍ୟ ଲିକ୍ ମାମଲା ସାମିଲ ରହିଛି।

# ହାଦିଙ୍କର ଅନ୍ତିମ ସଂସ୍କାରରେ ଭାରତବିରୋଧୀ ସ୍ଲୋଗାନ

ଢ଼ାକା, ୨୦।୧୨(ଏଜେନ୍ସି): ବାଂଲାଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧୀ ଭାବେ ପରିଚିତ ଥିବା ଛାତ୍ରନେତାଉସ୍ମାନହାଦିଙ୍କରଆଜିଅନ୍ତିମସଂସ୍କାରକରାଯାଇଛି। ଢାକା ବିଶ୍ୱବିଦ୍ୟାଳୟ।ରେ ଜାତୀୟ କବି କାଜି ନାଜରୁଲ ଇସଲାମଙ୍କ କବର ନିକଟରେ ତାଙ୍କୁ ସାମାଧି ଦିଆଯାଇଛି। ଏହାପୂର୍ବରୁ ଅପରାହ୍ଣ ୨.୩୦ରେ ସଂସଦ ଭବନର ସାଉଥ ପ୍ଲାଜାରେ ତାଙ୍କ ପାଇଁ ଜନାନା ନମାଜ ପାଠ କରାଯାଇଥିଲା। ତେବେ ଏହି ଅନ୍ତିମ ସଂସ୍କାର ବେଳେ ତାଙ୍କର ସମର୍ଥକମାନେ ଭାରତ-ବିରୋଧୀ ସ୍ଲୋଗାନ ଦେଉଥିବାର ଦେଖାଯାଇଥିଲା। ହାଦିଙ୍କ ହତ୍ୟାକାଣ୍ଡ ପଛରେ ଭାରତର ହାତ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି କାରଣରୁ ହାଦିଙ୍କ ସମର୍ଥକମାନେ ବାଂଲାଦଦେଶର ବିଭିନ୍ନ ସ୍ଥାନରେ ଭାରତୀୟ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି।

ଇତିମଧ୍ୟରେ ଇନ୍‌କିଲାବ ମଞ୍ଚର ନେତା ଅବଦୁଲ୍ଲା ଅଲ ଜାବେର ନାମଜ ପାଠ ପରେ ସମର୍ଥକଙ୍କୁ ଶାହାବାଗ ଯିବାକୁ ଆହ୍ୱାନ୍ନ ଦେଇଥିଲେ। ଆମେ ଶୋକ କିମ୍ବା ଦୁଃଖ ପ୍ରକାଶ କରିବାକୁ ଆସିନାହୁଁ। ଆମେ ନ୍ୟାୟ ମାଗିବାକୁ ଆସିଛୁ। ହାଦିଙ୍କ ହତ୍ୟା ଘଟଣାର ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ କାହାକୁ ଏପର୍ଯ୍ୟନ୍ତ ଗିରଫ କରାଯାଇନାହିଁ ବୋଲି ସେ କହିଥିଲେ। ଏହି ମାମଲାରେ ସରକାର ଗତ ୨୪ ଘଣ୍ଟା ମଧ୍ୟରେ କି ପଦକ୍ଷେପ ନେଇଛନ୍ତି ସେ ନେଇ ସ୍ୱଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ସେହିପରି ନମାଜ ପରେ ଅନ୍ତରୀଣ ସରକାରଙ୍କ ଉପଦେଷ୍ଟା ମହମ୍ମଦ ୟୁନୁସ ମଧ୍ୟ କହିଥିଲେ ଯେ ଯେପର୍ଯ୍ୟନ୍ତ ବାଂଲାଦେଶର ଅସ୍ତିତ୍ୱ ରହିଛି, ସେ ପର୍ଯ୍ୟନ୍ତ ହାଦି ଆମ ହୃଦୟରେ ରହିଥିବେ। ସେ ଜଣେ ଉଦୀୟମାନ ଯୁବ ନେତା ଥିଲେ। ଏହାସହିତ ସେ ପ୍ରତିଶ୍ରୁତି ଦେଇଥିଲେ ଯେ ହାଦିଙ୍କ ହତ୍ୟାକାରୀଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଆସନ୍ତା ଫେବୃଆରୀରେ ହେବାକୁ ଯାଉଥିବା ସଂସଦ ନିର୍ବାଚନରେ ହାଦୀ ସ୍ୱାଧୀନ ପ୍ରାର୍ଥୀ ଭାବେ

- **କାଜି ନଜରୁଲ ଇସ୍‌ଲାମଙ୍କ କବର ନିକଟରେ ସମାଧି**
- **ହିନ୍ଦୁ ଯୁବକଙ୍କ ଭିଡ଼ ହତ୍ୟା ମାମଲାରେ ୭ ଗିରଫ**

ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଥିଲେ। ୟୁନୁସ, ଖାଲେଦା ଜିଆଙ୍କ ବିଏନପି ଏବଂ କଠୋରପନ୍ଥୀ ଜମାତ ଇସଲାମୀ ସହ ତାଙ୍କର ମତାନ୍ତ ଥିଲା। ସେ ପାକିସ୍ତାନ ବା ଅନ୍ୟ କୌଣସି ରାଷ୍ଟ୍ରର ହସ୍ତକ୍ଷେପକୁ ପସନ୍ଦ କରୁନଥିଲେ। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

ଇତିମଧ୍ୟରେ ବାଂଲାଦେଶରେ ଗତକାଲି ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ମାମଲାରେ ରାପିଡ ଆକ୍ସନ ବାଟାଲିଅନ (ଆରଏବି) ୭ ଜଣ ଲୋକଙ୍କୁ ଗିରଫ କରିଛି। ଆରଏବି-୧୪ ବିଭିନ୍ନ ସ୍ଥାନରେ ଚଢାଉ କରି ଏମାନଙ୍କୁ



ଗିରଫ କରିଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଦୀପୁ ଏକ କାରଖାନା।ରେ କାମ କରୁଥିଲେ। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାର କରୁଥିବା ବ୍ୟକ୍ତି ଥିଲେ। ତାଙ୍କ ଉପରେ ତାଙ୍କ ଦିବ୍ୟାଙ୍ଗ ପିତା, ମାତା, ପତ୍ନୀ ଓ ପିଲା ନିର୍ଭର କରୁଥିଲେ। ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, କଂଗ୍ରେସ ବରିଷ୍ଠ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଏକ୍ସରେ ପୋଷ୍ଟ କରି ଏହି ଘଟଣାକୁ ନିନ୍ଦା କରିଛନ୍ତି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ବାଂଲାଦେଶର ଅନ୍ତରୀଣ ସରକାର ମଧ୍ୟ ଏହି ଘଟଣାକୁ ନନ୍ଦା କରିଛି। ଉଲ୍ଲେଖଥାଉ କି, ଆୱାମୀ ଲିଗ୍ ସୁପ୍ରିମୋ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ପରେ ଭାରତ- ବିରୋଧୀ ହିଂସା କମିବାର ନା ନେଉନାହିଁ। ହସିନା ଭାରତରେ ଆଶ୍ରୟ ନେଇଥିବାରୁ ତାଙ୍କର ବିରୋଧୀମାନେ ଭାରତ ବିରୋଧରେ ବିଷ ଉଗାରୁଛନ୍ତି। ନିହତ ଯୁବ ନେତା ହାଦି ମଧ୍ୟ ଭାରତ ବିରୋଧରେ ବିସ୍ଫୋରକ ବୟାନ ଦେଉଥିଲେ।

## ବିପଦରେ ଜମ୍ମୁ-କଶ୍ମୀରର ରାଟଲ୍ ଜଳବିଦ୍ୟୁତ୍ ପ୍ରକଳ୍ପ

ଶ୍ରୀନଗର, ୨୦।୧୨(ଏଜେନ୍ସି): ଜମ୍ମୁ-କଶ୍ମୀରର କିସ୍ତୱାରରେ ଚେନାବ ନଦୀ ଉପରେ ନିର୍ମିତ ରାଟଲେ ଜଳବିଦ୍ୟୁତ ପ୍ରକଳ୍ପକୁ ନେଇ ଏବେ ବିପଦ ସୃଷ୍ଟି ହୋଇଛି। ଜମ୍ମୁ-କଶ୍ମୀର ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରକଳ୍ପରେ କାର୍ଯ୍ୟରତ ୨୯ଜଣ ଶ୍ରମିକ ଆତଙ୍କବାଦୀଙ୍କ ସମ୍ପର୍କରେ ରହିଛନ୍ତି। ଏହି ଶ୍ରମିକମାନେ ଦେଶ ବିରୋଧୀ ଓ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଅଛନ୍ତି। ଏହି ଶ୍ରମିକମାନଙ୍କୁ ନିଯୁକ୍ତ ଦେବାର ନିଷ୍ପତ୍ତିକୁ ପୁନର୍ବିଚାର କରିବାକୁ ପୁଲିସ କମ୍ପାନୀକୁ କହିଛି। ଏହି ଶ୍ରମିକମାନେ ଏବେ ପ୍ରକଳ୍ପର ସୁରକ୍ଷା ନେଇ ଗମ୍ଭୀର ବିପଦ ସୃଷ୍ଟି କରିଛନ୍ତି। ଏଭଳି ଶ୍ରମିକଙ୍କ କାର୍ଯ୍ୟକଳାପ ଓ ଗତିବିଧି ଉପରେ କମ୍ପାନୀ ନଜର ରଖିବା ଉଚିତ ବୋଲି କୁହାଯାଇଛି। ଏହି ୮୫୦ ମେଗାୱାଟ୍‌ର ପ୍ରକଳ୍ପ ନ୍ୟାସନାଲ ହାଇଡ୍ରୋ ପାୱାର କର୍ପୋରେସନ ଲିମିଟେଡ (ଏନ୍‌ଏଚ୍‌ପିସିଏଲ୍) ଓ ଜମ୍ମୁ-କଶ୍ମୀର ସରକାରଙ୍କ ମିଳିତ ଉଦ୍ୟମରେ ନିର୍ମାଣ କରାଯାଉଛି। ୩, ୭୦୦ କୋଟି ଟଙ୍କା ବିନିମୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଚାଲିଛି। ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଲିମିଟେଡ (ଏମ୍‌ଇଆଇଏଲ)କୁ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୨୯ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଜଣ ସକ୍ରିୟ ଥିବା କିମ୍ବା ଆତ୍ମସମର୍ପଣ କରିଥିବା ଆତଙ୍କବାଦୀଙ୍କ ସମ୍ପର୍କୀୟ ବୋଲି ପୁଲିସ ଭେରିଫିକେଶନରେ ଜାଣିବାକୁ ପାଇଥିଲା। ଜଣେ କର୍ମଚାରୀଙ୍କ ଦାଦା ହିଜବୁଲ ମୁଝାହିଦ୍ଦିନର ଆତଙ୍କବାଦୀ ମହମ୍ମଦ ଅମିନ ବୋଲି ଜଣାପଡ଼ିଛି। ଏମ୍‌ଇଆଇଏଲ କମ୍ପାନୀ ମଧ୍ୟ ଏ ନେଇ ନିଜର ସ୍ୱଷ୍ଟୀକରଣ ଦେଇଛି। ଶ୍ରମିକମାନେ ନିଜେ ଆତଙ୍କବାଦୀ ହୋଇ ନଥିବାରୁ ସେମାନଙ୍କୁ ହଟାଇବା କଷ୍ଟକର। ଏମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ଆପରାଧିକ ମାମଲା ନାହିଁ। ତେବେ ଏମାନଙ୍କ ଉପରେ କଡ଼ା ନଜର ରଖାଯିବ ବୋଲି ଏମ୍‌ଇଆଇଏଲ ପୁଲିସକୁ ଆଶ୍ୱାସନା ଦେଇଛି।

## ଯାତ୍ରୀଙ୍କୁ ମାଡ଼ମାରି ପାଇଲଟ ନିଲମ୍ବିତ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଦିଲ୍ଲୀ ବିମାନ ବନ୍ଦରର ଟର୍ମିନାଲ-୧ରେ ଦାୟିତ୍ୱରେ ନଥିବା ଜଣେ ପାଇଲଟ ଶୁକ୍ରବାର ଅଙ୍କିତ ଦିୱାନ ନାମକ ଜଣେ ଯାତ୍ରୀଙ୍କ ସହ ମାଡ଼ପିଟ୍ କରି ତାଙ୍କୁ ଲହୁଲୁହାଣ କରିଥିଲେ। ଏହାପରେ ଅଙ୍କିତ ସାମାଜିକ ଗଣମାଧ୍ୟମରେ ନିଜ ସହିତ ହୋଇଥିବା ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ସେ ନିଜର ଆହତ ହୋଇଥିବା ରକ୍ତାକ୍ତ ଚେହେରା ଓ ପାଇଲଟଙ୍କ ପୋଷାକ ମଧ୍ୟ ପୋଷ୍ଟ କରିଥିଲେ। ଘଟଣା ସାମ୍ନାକୁ ଆସିବା ମାତ୍ରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ (ଡିଜିସିଏ) ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଏୟାର ଇଣ୍ଡିଆର ସମ୍ପୃକ୍ତ ପାଇଲଟ ବୀରେନ୍ଦ୍ର ସେଜୱାଲଙ୍କୁ ନିଲମ୍ବିତ କରାଯାଇଛି।



ପାଇଲଟ ଡ୍ୟୁଟିରେ ନଥିଲେ ବୋଲି ଏୟାର ଲାଇନ୍ସ ତରଫରୁ କୁହାଯାଇଛି। ସେ ଅନ୍ୟଏକ ବିମାନର ଯାତ୍ରୀ ଥିଲେ। ଆମେ ତାଙ୍କୁ ଦାୟିତ୍ୱରୁ ହଟାଇଛୁ ଓ ତଦନ୍ତ ଶେଷ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଘଟଣା ପରେ ଅଙ୍କିତ ଦିୱାନ ଏହି ଘଟଣା ପରେ ଏକ ପୋଷ୍ଟ ଲେଖିଛନ୍ତି। ଏହି ମାମଲାକୁ ରଫାଦଫା କରିବା ପାଇଁ ମୋ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ଜବରଦସ୍ତି ମୋ ଦ୍ୱାରା ଏକ ଚିଠି ଲେଖାଯାଇଥିଲା। ଯଦି ମୁଁ ଏପରି ନ କରିଥାନ୍ତି ତେବେ, ମୋତେ ବିମାନ ଯାତ୍ରାରୁ ବଞ୍ଚିତ ହେବାକୁ ପଡ଼ିଥାନ୍ତା ବୋଲି ସେ କହିଛନ୍ତି।

## ୨୪ରେ ଇସ୍ରୋ ସବୁଠୁ ଶକ୍ତିଶାଳୀ ରକେଟ୍ ଉତ୍‌କ୍ଷେପଣ କରିବ

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଖ୍ରୀଷ୍ଟମାସ ପୂର୍ବରୁ ଆସନ୍ତା ୨୪ ତାରିଖରେ ତା'ର ସବୁଠାରୁ ଶକ୍ତିଶାଳୀ ରକେଟ ମହାକାଶକୁ ଛାଡିବ ବୋଲି ଘୋଷଣା କରିଛି। ଏହାକୁ ଇସ୍ରୋର ବାହୁବଳୀ ରକେଟ ବା ଏଲ୍‌ଭିଏମ୍‌୩ (ଲଞ୍ଚ ଭେଇକଲ ମାର୍କ-୩) ବୋଲି କୁହାଯାଉଛି। ଏହି ରକେଟ ମାଧ୍ୟମରେ ଆମେରିକର ବ୍ଲୁବାର୍ଡ ବ୍ଲକ-୨ ନାମକ ଏକ ବିଶାଳ ବାଣିଜ୍ୟିକ ଉପଗ୍ରହକୁ ମହାକାଶକୁ ପଠାଯିବ। ଏହି ରକେଟର ଉଚ୍ଚତା ୪୩ ମିଟର ଓ ଓଜନ ୬୪୦ ଟନ ବୋଲି କୁହାଯାଇଛି। ଏହି ରକେଟ ୮, ୦୦୦ କେଜି ଓଜନର ଜିନିଷକୁ ଲୋ ଆର୍ଥ ଅର୍ବିଟକୁ ନେଇ ପାରିବ। ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହର ଓଜନ ପାଖାପାଖି ୬.୫ ଟନ ବୋଲି କୁହାଯାଇଛି। ୨୪ ତାରିଖ ୮.୫୪ ମିନିଟ୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚ୍ ପ୍ୟାଡରୁ ଏହାକୁ ଛଡ଼ାଯିବ। ଦେଶବ୍ୟାପୀ ଥିବା ମହାକାଶପ୍ରେମୀ ଏହି ଉଦ୍‌କ୍ଷେପଣ ପ୍ରକ୍ରିୟାର ସିଧାପ୍ରସାରଣ ଦେଖିପାରିବେ। ଏହି ମିଶନ ଏଲଭିଏମ୍-୩ ରକେଟର ଷଷ୍ଠ ଉଡାଣ କାର୍ଯ୍ୟକ୍ରମ ହେବ। ଇସ୍ରୋ ଏବେ ଏହାଠାରୁ ଅଧିକ ଶକ୍ତିଶାଳୀ ରକେଟ 'ସୂର୍ଯ୍ୟ (ଏନ୍‌ଜିଏଲ୍‌ଭି)' ଉପରେ କାର୍ଯ୍ୟ କରୁଛି। ଏହାର ଉଚ୍ଚତା ୯୨ ମିଟର ହେବ ଓ ଭବିଷ୍ୟତରେ ଏହା ଚନ୍ଦ୍ର ଅଭିଯାନରେ ସହାୟକ ହେବ। ଏହି ଐତିହାସିକ ମୁହୂର୍ତ୍ତକୁ ଶ୍ରୀହରିକୋଟାରେ ଥିବା ଲଞ୍ଚ୍ ଭେଇକଲ ଗ୍ୟାଲେରୀରରେ ସିଧାସଳଖ ଦେଖିହେବ। ଏହାକୁ ୟୁଟ୍ୟୁବ ସମେତ ଅନ୍ୟ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିହେବ।

## ଆମେରିକା ଆକ୍ରମଣରେ ୭୦ ଆଇଏସ୍ ଆଡ୍ଡା ଧ୍ୱଂସ

ଡମାସ୍କସ, ୨୦।୧୨(ଏଜେନ୍ସି): ଆମେରିକା ଶୁକ୍ରବାର ପଶ୍ଚିମ ଏସିଆ ଦେଶ ସିରିଆରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ସହିତ ଜଡିତ ୭୦ଟି ଠିକଣା ଉପରେ ଆକ୍ରମଣ କରି ସେଗୁଡିକୁ ଧ୍ୱଂସ କରିଛି। କିଛିଦିନ ତଳେ ସିରିଆରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜଣେ ଟ୍ରାନ୍ସଲେଟରଙ୍କୁ ମାରିଦିଆଯିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ସାମରିକ କାର୍ଯ୍ୟାନୁଷ୍ଠାନକୁ 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ମୃତ୍ୟୁବରଣ କରିଥିବା ଦୁଇ ଆମେରିକୀୟ ସୈନିକ ଆୟୋବା ରାଜ୍ୟର ବାସନ୍ଦା। ଆୟୋବା ରାଜ୍ୟକୁ 'ହକ୍‌ଆଇ ଷ୍ଟେଟ୍' କୁହାଯାଇଥାଏ। ଏଥିପାଇଁ ଏହା 'ଅପରେସନ ହକ୍‌ଆଇ' ନାମ ଦିଆଯାଇଛି। ଆମେରିକା କହିବା ଅନୁସାରେ ଆତଙ୍କବାଦୀ ରହୁଥିବା ଠିକଣା ଅସ୍ତ୍ରଶସ୍ତ୍ର ରଖାଯାଉଥିବା ଗୋଦାମ ଉପରେ ହିଁ ଆକ୍ରମଣ କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ଅପରେସନ ନେଇ ନିଜର ପ୍ରତିକ୍ରିୟା ପକାଶ କରିଛନ୍ତି। ନିଜ ପ୍ରତିଶ୍ରୁତି ପୂରଣ କରିଛି ବୋଲି ସେ କହିଛନ୍ତି। ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟି ହେଗସେଥ କହିଛନ୍ତି ଯେ, ପ୍ରତିଶୋଧ ସ୍ୱରୂପ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏହା କୌଣସି ନୂଆ ଯୁଦ୍ଧର ଆରମ୍ଭ ନୁହଁ ବୋଲି ସେ ସ୍ୱଷ୍ଟ କରିଛନ୍ତି। ଯେଉଁମାନେ ଆମେରିକା ସୈନ୍ୟକୁ ମାରିଛନ୍ତି ସେମାନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଥିଲା ବୋଲି ସେ ସ୍ୱଷ୍ଟ କରିଛନ୍ତି। ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ନିଜ ନାଗରିକ ତଥା ସୈନ୍ୟଙ୍କ ରକ୍ଷା ପାଇଁ କେବେ ପଛକୁ ହଟିବା ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଡିସେମ୍ବର ୧୩ରେ ଦୁଇଜଣ ଆମେରିକୀୟ ସୈନ୍ୟ ଓ ଜେଟ ଟ୍ରାନ୍ସଲେଟରଙ୍କୁ ଆକ୍ରମଣ କରାଯାଇ ମାରି ଦିଆଯାଇଥିଲା। ଅବଶ୍ୟ ଆଇଏସ୍‌ଆଇଏସ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରି ନଥିଲା। ଏହାପରେ ଆମେରିକା କିଛି ଜବାବ ଦେବ ବୋଲି ଆଶଙ୍କା ମଧ୍ୟ କରାଯାଉଥିଲା। ଆକ୍ରମଣକାରୀଙ୍କୁ ଆମେରିକା ଜବାବ ଦେଉଛି ବୋଲି ଟ୍ରମ୍ପ କହିଛନ୍ତି।

## ଅନୁପ୍ରବେଶକାରୀଙ୍କୁ କିଏ ଦେଉଥିଲା ଶରଣ?

ନୂଆଦିଲ୍ଲୀ, ୨୦।୧୨(ଏଜେନ୍ସି): ବର୍ଷ ବର୍ଷ ଧରି କଂଗ୍ରେସ କରିଥିବା ତ୍ରୁଟିକୁ ଆମେ ସୁଧାରିବାକୁ ପ୍ରୟାସ କରୁଛୁ। ଭୋଟ ବ୍ୟାଙ୍କ ପାଇଁ କଂଗ୍ରେସ ଅନୁପ୍ରବେଶକାରୀଙ୍କୁ ଯୋଜନାବଦ୍ଧ ଭାବେ ଶରଣ ଦେଉଥିଲା। କିନ୍ତୁ ଆମେ ସେମାନଙ୍କୁ ହଟାଇବାକୁ ପ୍ରୟାସ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୌହାଟୀର ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। କଂଗ୍ରେସ ସବୁବେଳେ ଆସାମର ବିରୋଧରେ କାର୍ଯ୍ୟ କରିଆସୁଛି। ଅନୁପ୍ରବେଶକାରୀଙ୍କୁ ଶରଣ ଦେବା ଫଳରେ ରାଜ୍ୟରେ ଜନସଂଖ୍ୟାରେ ଆଶାତୀତ ପରିବର୍ତ୍ତନ ହୋଇଛି। ଏବେ ଏହା ଆସାମର ସୁରକ୍ଷା ସାଙ୍ଗକୁ ରାଜ୍ୟର ପରିଚୟକୁ ବିପଦରେ ପକାଇଛି। ଏହିକ୍ରମରେ ସେ ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱାଧୀନ ଆସାମ ସରକାରଙ୍କୁ ପ୍ରଶଂସା କରିଛନ୍ତି। ଦେଶ ବିରୋଧୀ ଲୋକଙ୍କ କବଳରୁ ସରକାର ଆସାମର ସମ୍ବଳକୁ ମୁକ୍ତ କରିବାକୁ କଠିନ ପରିଶ୍ରମ କରୁଛନ୍ତି। ମୋଦୀ ଦୁଇଦିନିଆ ଗସ୍ତରେ ଆସାମ ଯାଇଛନ୍ତି। ସେ ଗୌହାଟୀରେ ଲୋକପ୍ରିୟ ଗୋପୀନାଥ ବୋର୍ଦ୍ଦୋଲୋଇ ଅନ୍ତର୍ଜାତୀୟ ବିମାନ ବନ୍ଦରର ନୂତନ ଟର୍ମିନାଲ



ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ପ୍ରଥମ ପ୍ରକୃତି-ଥିମ୍ ବିଶିଷ୍ଟ ବିମାନ ବନ୍ଦରର ଟର୍ମିନାଲ ବିବେଚିତ ହେଉଛି। ଏହାର ଥିମ୍ ବାଉଁଶ ବଗିଚା ଉପରେ ନିର୍ମିତ ହୋଇଛି। ମୋଦୀ ରବିବାର ଆସାମରେ ୧୫, ୬୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ସେ ଗୋପୀନାଥ ବୋର୍ଦ୍ଦୋଲୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହାପୂର୍ବରୁ ସେ ପଶ୍ଚିମବଙ୍ଗରେ ରାଲିରେ ଯୋଗ ଦେଇ ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିଥିଲେ। ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାର ଜନତାଙ୍କୁ ଲୁଟପାଟ୍ କରିବା ସହ ଡରାଇବାର ସବୁ ସୀମା ପାରକରିଛି।

# ଧରାପଡ଼ିଲା କ୍ଲିଣ୍ଟନଙ୍କ କାରନାମା; ଏପ୍‌ଷ୍ଟିନ ଫାଇଲରୁ ଟ୍ରମ୍ପ ଗାଏବ୍

ୱାସିଂଟନ, ୨୦।୧୨ (ଏଜେନ୍ସି): ବିଶ୍ୱରେ ଚହଳ ପକାଇଥିବା ବହୁ ଚର୍ଚ୍ଚିତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ଫାଇଲ ଖୋଲିଛି। ଏହା ଅନେକ ବଡ଼ ବଡ଼ ବ୍ୟବସାୟୀ, ନେତା ଓ ସେଲିବ୍ରିଟିଙ୍କ କଳା କାରନାମାର ଗୁମର ଖୋଲି ଦେଇଛି। ଭାରତୀୟ ସମୟ ଶୁକ୍ରବାର ରାତି ୨ଟା୩୦ରେ ଆମେରିକା ନ୍ୟାୟ ବିଭାଗ ଏହି ଯୌନ କେଲେଙ୍କାରୀରେ ଯୌନ ପିପାସୁ ଏପଷ୍ଟିନଙ୍କ ସହ ଜଡ଼ିତ ୩ ଲକ୍ଷ ଦଲିଲକୁ ୭ଟି ସେଟ୍‌ରେ ଜାରି କରିଛି। ଆହୁରି କିଛି ଫାଇଲ ଜାରି କରାଯିବ ବୋଲି କୁହାଯାଇଛି। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅନେକ ହାଇପ୍ରୋଫାଇଲ ବ୍ୟବସାୟୀ, ସେଲିବ୍ରିଟି, ଶିକ୍ଷାବିତ ଏବଂ ରାଜନେତାଙ୍କ ନାମ ରହିଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ, ପପ୍ ସିଙ୍ଗର ମାଇକେଲ ଜ୍ୟାକସନ, ହଲିଉଡ ଅଭିନେତା କ୍ରିସ ଟକ୍କର, କେଭିନ ସ୍ପେସି, ଆମେରିକୀୟ ଉପସ୍ଥାପକ ଓପ୍ରା ୱିନଫ୍ରେ, ଆରବପତି ରିଚାର୍ଡ ବ୍ରେସନନ, ବ୍ରିଟେନ ରାଜକୁମାର ଆଣ୍ଡ୍ର୍ୟୁ ଏବଂ ତାଙ୍କ ପତ୍ନୀ ସାରା ଫର୍ଗୁସନ ପ୍ରମୁଖ ସାମିଲ ଅଛନ୍ତି। ଏହି ଦଲିଲର ପ୍ରଥମ ୭ ପୃଷ୍ଠାରେ ମସାଜ ଦେଉଥିବା ୨୫୪ ମହିଳାଙ୍କ ନାମ ରହିଛି। ତେବେ ସେମାନଙ୍କ ପରିଚୟ ପ୍ରକାଶ କଲେ ବିପଦ ଥିବାରୁ ମୁହଁକୁ କଳା କରିଦିଆଯାଇଛି।

କିଛି ଫଟୋରେ ଯୁବତୀଙ୍କ ସହ କ୍ଲିଣ୍ଟନ ଗାଧୋଉଥିବା ଏବଂ ପାର୍ଟି କରୁଥିବା ଦେଖାଯାଉଛି। ଆଉ କିଛି ଫଟୋରେ ସେ ଯୁବତୀଙ୍କ ସହ ହଟ୍-ଟବରେ ନଜର ଆସୁଛନ୍ତି। କିନ୍ତୁ ଉକ୍ତ ଯୁବତୀଙ୍କ ଫଟୋକୁ କଳା କରିଦିଆଯାଇଛି। ଅନ୍ୟ ଏକ ଫଟୋରେ ଏପଷ୍ଟିନଙ୍କ ସହଯୋଗୀ ଘିସଲାନୀ ମାକ୍ସୱେଲଙ୍କ ସହ କ୍ଲିଣ୍ଟନ ପହଁରୁ ଥିବା ଦେଖାଯାଉଛି। ସେହିପରି ମକି ଜାଗର ଏବଂ ମାଇକେଲ ଜ୍ୟାକସନଙ୍କୁ ଏକାଠି ଦେଖିବାକୁ ମିଳୁଛି। ବ୍ରିଟିଶ ଯୁବରାଜ ଆଣ୍ଡ୍ର୍ୟୁ ୫ ମହିଳାଙ୍କ କୋଳରେ ଶୋଇଥିବା ଦେଖାଯାଉଛି। ତାଙ୍କ ପତ୍ନୀ ସାରାଙ୍କୁ ଅନ୍ୟ ଜଣେ ମହିଳାଙ୍କ ସହ ଦେଖାଯାଇଛି। ଏପଷ୍ଟିନର କୋଳରେ ନାବାଳିକା ବସିଥିବା ନଜର ଆସୁଛି। ଏପିଷ୍ଟନ ଫାଇଲକୁ ୪ଟି ସେଟ୍‌ରେ ଜାରି କରାଯାଇଛି। ଏଥିରେ ୩.୫୦୦ରୁ ଅଧିକ ଫାଇଲ ଏବଂ ୨.୫ ଜିବିର ଫଟୋ ସାମିଲ ରହିଛି। ୯୫ ହଜାରରୁ ଅଧିକ ଫଟୋ ଥିବା କୁହାଯାଉଛି। ଏହି ଖୁଲାସାର କି ପ୍ରଭାବ ପଡ଼ିବ ତାହା ଏ ପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ। ତେବେ ଜାତୀୟ ସୁରକ୍ଷା ସହ ଜଡ଼ିତ ଥିବାରୁ ଆଉ କିଛି ଫାଇଲକୁ ରୋକି ଦିଆଯାଇଛି ବୋଲି

- **ଯୁବତୀଙ୍କ ସହ ହଟ୍-ଟବରେ ବିଲ୍ କ୍ଲିଣ୍ଟନ**
- **ମାଇକେଲ ଜ୍ୟାକ୍‌ସନଙ୍କ ଫଟୋ ଭାଇରାଲ**

ଆମେରିକା ନ୍ୟାୟ ବିଭାଗ କହିଛି। ଫାଇଲ୍ସରେ ଥିବା କଣ୍ଟାକ୍ଟ ବୁକ୍‌ରେ ଟ୍ରମ୍ପଙ୍କ ନାମ ମଧ୍ୟ ରହିଛି। ତେବେ ଏହି ବୁକ୍ କାହାର ତାହା ଜଣାପଡ଼ି ନାହିଁ। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହି ଯୌନ ଅପରାଧୀ ଏପଷ୍ଟିନର ଘନିଷ୍ଠ ସହଯୋଗୀ ଥିଲେ। ସେ ଅନେକ ମାସ ପର୍ଯ୍ୟନ୍ତ ଏହି ଫାଇଲକୁ ଜାରି ନ କରିବା ପାଇଁ ଲଢେଇ ଲଢ଼ି ଥିଲେ। ମାତ୍ର ଯୌନକର୍ମୀ ଚାଲାଣ ମାମଲାରେ ଜେଲ୍‌ରେ ଥିବାବେଳେ ୨୦୧୯ ରେ ନ୍ୟୁୟର୍କ ଜେଲ୍‌ରେ ଏପଷ୍ଟିନ ଆତ୍ମହତ୍ୟା କରିଥିବା ଖବର ଆସିଥିଲା। କିନ୍ତୁ ସେ ସମୟରେ ଜେଲ୍‌ର ସ୍ଥିତିକୁ



ଦେଖିଲେ ଏହା ହତ୍ୟାକାଣ୍ଡ ଭଳି ମନେ ହୁଏ। କାରଣ ଏହି ଘଟଣା ଦିନ କୌଣସି ସିସିଟିଭି କାମ କରୁ ନ ଥିଲା। କୌଣସି ସୁରକ୍ଷାକର୍ମୀ ସେଲ୍ ଭିତରେ ନ ଥିଲେ। ତେଣୁ ଏହି ମାମଲାକୁ ଚପାଇବା ପାଇଁ ଜେଲ୍‌ରେ ଏପଷ୍ଟିନଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି।

ଏହି ଏପଷ୍ଟିନ ଫାଇଲ ଜାରି କରିବା ପାଇଁ ଟ୍ରମ୍ପଙ୍କ ଉପରେ ଚାପ ପଡ଼ିଥିଲା। ବିରୋଧୀଙ୍କ ସହିତ ଟ୍ରମ୍ପଙ୍କ ନିଜ ଦଳ ରିପବ୍ଲିକାନ ମଧ୍ୟ ଏହା ସପକ୍ଷରେ ଗୃହରେ ଭୋଟ କରିଥିଲା। ବହୁମତରେ ବିଲ୍ ପାରିତ ହୋଇଥିବା ଟ୍ରମ୍ପ ଏହାକୁ ରୋକି ପାରି ନ ଥିଲେ। ଏଥିପାଇଁ ବ୍ରିଟେନ ରାଜା ମଧ୍ୟ ଚାପ ପକାଇଥିବା କୁହାଯାଉଥିଲା। ସେଥିପାଇଁ ଟ୍ରମ୍ପ ବ୍ରିଟେନ ଗସ୍ତରେ ଯାଇ ରାଜା ଚାର୍ଲ୍ସଙ୍କୁ ଭେଟିଥିଲେ। କିନ୍ତୁ ଏହାର କୌଣସି ଲାଭ ମିଳି ନ ଥିଲା। ଏହି ଫାଇଲରେ ବ୍ରିଟେନ ଯୁବରାଜ ଆଣ୍ଡ୍ର୍ୟୁଙ୍କ ନାମ ରହିଛି। ପରିବାର ଇଜ୍ଜତ ତଳେ ପଡ଼ିଯିବ ବୋଲି ବ୍ରିଟେନ ରାଜା ମଧ୍ୟ ଏହାକୁ ରୋକିବାକୁ ପ୍ରୟାସ କରିଥିବା ଚର୍ଚ୍ଚା ହେଉଛି।




## ଖୁବ୍ ଶୀଘ୍ର ପ୍ରେକ୍ଷାଳୟରେ 'ଚକ୍ରାନ୍ତ'

ପରିବାର ଛାଡ଼ି ଅନେକ ବାହାରକୁ ଆସନ୍ତି। କିଏ ପାଠ ପଢ଼ିବା ଲକ୍ଷ୍ୟରେ ତ କିଏ ଚାକିରି କରିବା ଉଦ୍ଦେଶ୍ୟରେ। ମାତ୍ର ଅନେକ ସମୟରେ ଆମ ଜୀବନର ପ୍ରକୃତ ଲକ୍ଷ୍ୟକୁ ପଛରେ ଛାଡ଼ି ସମୟ, ପରିସ୍ଥିତି ସହ ଆମେ ଭିନ୍ନ ମୋଡ଼ରେ ପାଦ ଦେଇଥାଉ। ଖୁବ୍ ଶୀଘ୍ର ପ୍ରେକ୍ଷାଳୟକୁ ଆସୁଥିବା 'ଚକ୍ରାନ୍ତ' ଚଳଚ୍ଚିତ୍ରରେ ମଧ୍ୟ ଏଭଳି କିଛି କାହାଣୀ ଦେଖିବାକୁ ମିଳିବ। ଏହି ସିନେମାଟି ଆସନ୍ତା ଜାନୁଆରୀ ମାସରେ ମୁକ୍ତିଲାଭ କରିବାକୁ ଯାଉଛି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଯେଉଁଥିରେ ଭରପୂର କମେଡି ଅଛି । ବିଶେଷକରି ଏହି କାହଣୀ ସବୁ ବର୍ଗର ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିପାରିବ ବୋଲି ପ୍ରଯୋଜନା ସଂସ୍ଥା ଆଶାବାଦୀ ଅଛି । 'ଲକ୍ଷେଶ୍ୱର ପ୍ରଡ଼କସନ୍' ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରରେ ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ଶୁଭାଶିଷ ଶର୍ମା ଓରଫ୍ ମଣ୍ଟୁ ନଜର ଆସୁଛନ୍ତି। 'ଚକ୍ରାନ୍ତ'ର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ପିନୁ ନାୟକ । କାହାଣୀ ରଚନାରେ ଦିଶା ପାଢ଼ୀ ଥିବା ବେଳେ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଚଳଚ୍ଚିତ୍ରରେ ଅନ୍ୟମାନଙ୍କ ମଧ୍ୟରେ ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୁମନ ମହାନ୍ତି ପ୍ରମୁଖଙ୍କ ସହ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ଅଭିନୟ କରିଛନ୍ତି । ■

## ବ୍ରହ୍ମପୁରର ପର୍ଶୁ

କେକେ ଜଣେ ଉଚ୍ଚକୋଟୀର ଅଭିନେତା। ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି, ଦର୍ଶକଙ୍କ ହୃଦୟରେ ଏକ ନିଆରା ଛାପ ଛାଡ଼ି ଯାଆନ୍ତି। ଆଗାମୀ ଚଳଚ୍ଚିତ୍ର 'ଲଢେଇ'ରେ ତାଙ୍କୁ ସେମିତି ଏକ ଦମ୍‌ଦାର ଚରିତ୍ର ମିଳିଛି। ପର୍ଶୁ ଜେନା ଯିଏ କି ଚଳଚ୍ଚିତ୍ରର ମୁଖ୍ୟ ଖଳନାୟକ। ବ୍ରହ୍ମପୁର ସହର ତା' କଥାରେ ଚାଲେ। ରାଜନୈତିକ ମହଲରେ ବି ତା'ର ବେଶ୍ ଭଲ ହାତ। ନାୟକ ସହିତ ତା'ର ସାଙ୍ଗମାନେ ପରିସ୍ଥିତିରେ ପଡ଼ି ପର୍ଶୁ ଜେନା ଗ୍ୟାଙ୍ଗରେ ଯୋଗ ଦିଅନ୍ତି। ପର୍ଶୁ ସେମାନଙ୍କୁ ଶରଣ ଦିଏ, କାମ ଦିଏ। କିନ୍ତୁ ଏଭଳି ସମୟ ଆସେ ସେମାନେ ପର୍ଶୁକୁ ଆଉ ମାନନ୍ତି ନାହିଁ। ଏଇଠାରୁ କାହାଣୀ ମୋଡ଼ ନିଏ। ଆଗକୁ କ'ଣ ଘଟେ, ତାହା ଫିଲ୍ମ ଦେଖିଲା ପରେ ଦର୍ଶକେ ଜାଣି ପାରିବେ। ଡିସେମ୍ବର ୩୧ରେ ସିନେମା 'ଲଢ଼େଇ' ମୁକ୍ତିଲାଭ କରୁଛି। ନିଜ ଚରିତ୍ରକୁ ଯଥେଷ୍ଟ ନ୍ୟାୟ ଦେବାକୁ ସେ ଚେଷ୍ଟା କରିଛନ୍ତି ଏବଂ ଦର୍ଶକଙ୍କୁ ଏହା ଭଲ ଲାଗିବ ବୋଲି କେକେ କହିଛନ୍ତି। ■



## ଏଥର '୪ ଇଡିୟଟସ୍'

ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରୀ ଇଡିୟଟସ୍'କୁ ଲୋକେ ଏବେ ବି ଦେଖିବାକୁ ପସନ୍ଦ କରୁଛନ୍ତି। ଏହାରି ଭିତରେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ହେଉଥିଲା। ଏବେ ନିର୍ମାତା ଏହାର ସିକ୍ୱେଲର ଅସ୍ଥାୟୀ ନାମକରଣ କରିଛନ୍ତି। ଏହାର ନାଁ '୪ ଇଡିୟଟସ୍' ରଖାଯାଇଛି। ଆଗକୁ ଏହାର ନାଁରେ




ପରିବର୍ତ୍ତନ ବି ହୋଇପାରେ। ଯଦିଓ ସିକ୍ୱେଲର କାହାଣୀ ପୂର୍ବରୁ ସ୍ଥିର ହୋଇସାରିଛି, ତଥାପି ୨୦୨୬ରେ ଏହାର ସୁଟିଂ ଆରମ୍ଭ ହେବା କୁହାଯାଉଛି। ସେହିପରି ସିକ୍ୱେଲରେ ଚତୁର୍ଥ ଇଡିୟଟ୍‌ର ସନ୍ଧାନରେ ଏବେ ଏହାର ନିର୍ମାତା ଅଛନ୍ତି। ପ୍ରଥମ ଭାଗ ତୁଳନାରେ ଏହାର ସିକ୍ୱେଲ ଯେଭଳି ଅଧିକ ଭଲ ହେବ, ସେ ଦିଗରେ ପ୍ରଚେଷ୍ଟା ଚାଲିଛି। ଅନ୍ୟପଟେ ୨୦୦୯ ମସିହାରେ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ଅମିର ଖାନ, ଆର୍ ମାଧବନ, ଶରମନ ଯୋଶୀ ଏବଂ କରିନା କପୁର ସାମିଲ ଥିଲେ। ବକ୍ସ ଅଫିସ୍‌ରେ ଏହା ପ୍ରାୟ ୨୦୦ କୋଟିର ବ୍ୟବସାୟ କରିଥିଲା। ■

## 'ଫି' ପାଇଁ ଚର୍ଚ୍ଚାରେ ସନ୍ନି



ଖୁବ୍ ଶୀଘ୍ର ଆସିବାକୁ ଯାଉଛି ହିନ୍ଦୀ ସିନେମା 'ବର୍ଡର-୨'। ଏହା ୧୯୯୭ ମସିହାରେ ସୁପରହିଟ୍ ଫିଲ୍ମ 'ବର୍ଡର'ର ସିକ୍ୱେଲ। ଏହି ସିନେମାରେ ଜଣେ କଳାକାରଙ୍କ ପାରିଶ୍ରମିକକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ତେବେ ଫିଲ୍ମର ମୁଖ୍ୟ ଚରିତ୍ରରେ ସନ୍ନି ଦେଓ୍ୱଲ ନଜର ଆସିବେ। ଏହି ସିନେମାରେ ସେ ସବୁଠୁ ଅଧିକ ପାରିଶ୍ରମିକ ଦାବି କରିଥିବା କୁହାଯାଉଛି। ଏପରିକି ଉକ୍ତ ସିନେମାର ସେ ହେଲେ ଦାମୀ ଅଭିନେତା। ସେ ୫୦ କୋଟି ଟଙ୍କା ନେବେ। ତାଙ୍କର ଏହି ଫି' 'ବର୍ଡର' ସିନେମା ତୁଳନାରେ ୪୦ ଗୁଣ ଅଧିକ। ବରୁଣ ଏବଂ ଦିଲଜିତ୍ ମଧ୍ୟ 'ବର୍ଡର ୨' ସିନେମାରେ ନଜର ଆସିବେ। ଏହି ୱାର୍ ସିନେମା ଲାଗି ବରୁଣଙ୍କୁ ୧୫-୨୦ କୋଟି ଟଙ୍କା ଦିଆଯିବ। ସେହିପରି ଦିଲଜିତ୍‌ଙ୍କୁ ପ୍ରାୟ ୧୦ କୋଟି ଦିଆଯିବ। ଅନ୍ୟପଟେ ଏହି ସିନେମାଟି ୨୦୨୬ ମସିହା ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ■

## ସାକ୍ଷାତକାର

ଅନେକେ ପିଲାଦିନେ କଳାକାର ହେବାକୁ ସ୍ୱପ୍ନ ଦେଖନ୍ତି। କାହାର ସ୍ୱପ୍ନ ସାକାର ହୁଏ ଆଉ କାହାର ସ୍ୱପ୍ନ ଅଧାରେ ରହିଯାଏ। ତେବେ ସଫଳ କଳାକାର ହେବାକୁ ବେଶ୍ ପରିଶ୍ରମ ଓ ସାଧନା କରିବାକୁ ପଡ଼ିଥାଏ। ଏମିତି ଜଣେ କଳାକାର ହେଉଛନ୍ତି ରସୁଲଗଡ଼ର ରୋଶନ ରାଉତ, ଯିଏ ନିଜର ପ୍ରତିଭା ବଳରେ ଅଭିନେତା ଭାବେ ଖ୍ୟାତି ଅର୍ଜନ କରିପାରିଛନ୍ତି। ସିନେମା ଦେଖି ଅଭିନେତାଟିଏ ହେବାକୁ ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନ ପୂରା କରିବାକୁ ପ୍ରଥମେ ସେ ଡ୍ୟାନ୍ସ କ୍ଲାସରେ ଯୋଗ ଦେଇଥିଲେ। ପରେ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଡିସନ ଦେଇ ଧାରାବାହିକରେ ଅଭିନୟ କରିବାର ସୁଯୋଗ ପାଇଥିଲେ ରୋଶନ। ଏବେ ସେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ 'ଲକି' ଭୂମିକାରେ ଅଭିନୟ କରୁଛନ୍ତି। ରୋଶନଙ୍କଠାରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ

## "ମଞ୍ଚ ପରେ ସବୁଠି ଅଭିନୟ କରିବା ସହଜ"

**ରୋଶନ ରାଉତ, ଅଭିନେତା**



**ମଞ୍ଚ ଅଭିନେତା ହୋଇ ଧାରାବାହିକକୁ କାହିଁକି ଆପଣାଇଲେ?**

● ପିଲାଦିନେ ଅଧରାତି ଯାଏଁ ମୁଁ ସବୁ ହିନ୍ଦୀ ସିନେମା ଦେଖୁଥିଲି। ହେଲେ ପଢ଼ାରେ କେବେ ଅବହେଳା କରୁନଥିଲି। ସିନେମା ଦେଖି ଅଭିନୟ ପ୍ରତି ମୋର ଦୁର୍ବଳତା ବଢ଼ିଥିଲା। ଦ୍ୱାଦଶ ଶ୍ରେଣୀରେ ନୃତ୍ୟ ଶିଖିବା ଆରମ୍ଭ କଲି। କଲେଜ ପରେ 'ଶତାବ୍ଦୀର କଳାକାର' ଥିଏଟରରେ ଯୋଗ ଦେଇଥିଲି। 'ଏବଂ ଅଭିମନ୍ୟୁ' ମୋର ଅଭିନୀତ ପ୍ରଥମ ମଞ୍ଚ ନାଟକ। ଏଥିରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି। ପରେ ପରେ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ବିଷର୍ଣ୍ଣ ଭାରତ', 'ତନ୍ଦ୍ରାଲୋକର ପ୍ରହରୀ', 'ବାବାଜୀ' ଆଦି ମଞ୍ଚ ନାଟକରେ ଅଭିନୟ କରି ଦର୍ଶକଙ୍କଠାରୁ ଅଜସ୍ର ଭଲପାଇବା ପାଇଛି। ଜଣେ କଳାକାର ନିଜକୁ ପ୍ରତ୍ୟେକ ସ୍ଥାନରେ ଦେଖିବାକୁ ଚାହେଁ। ସେମିତି ମୋର ଧାରାବାହିକରେ କାମ କରିବାକୁ ଇଚ୍ଛା ହେଲା। ଅଡିସନ୍ ଦେଇ ମନୋନୀତ ହେଲି। 'କିଏ' ହେଉଛି ମୋର ପ୍ରଥମ ଧାରାବାହିକ। 'ତୋ ପାଇଁ ମୁଁ', 'ସୌଭାଗ୍ୟବତୀ', 'ଦିବ୍ୟଦୃଷ୍ଟି', 'ଝିଲି','ରାଜଯୋଗ' ଆଦି ଧାରାବାହିକରେ ଅଭିନୟ କରିଛି। ଏବେ 'ତୋରି ପାଇଁ ତୋ ପାଇଁ' ରେ 'ଲକି' ଭୂମିକାରେ ଅଭିନୟ କରୁଛି।

**'ତୋରି ପାଇଁ ତୋ ପାଇଁ'ର ଲକି ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ଏହି ଧାରାବାହିକରେ ମୁଁ ରାମର ସାନ ଭାଇ ଲକ୍ଷଣ ଭୂମିକାରେ ଅଭିନୟ କରୁଛି। ସମସ୍ତେ ମୋତେ ଲକି ଡାକୁଛନ୍ତି। ଲକି ବହୁତ ପଜିଟିଭ୍ । ରାମଙ୍କୁ ଲକ୍ଷଣ ଯେମିତି ଭଲପାଉଥିଲେ ଏଥିରେ ମୁଁ ମୋ ଭାଇ ରାମଙ୍କୁ ସେତିକି ଭଲ ପାଉଛି। ହେଲେ ଦୁଃଖର ବିଷୟ ମୋର ଧର୍ମପତ୍ନୀ ଜଣେ ଖଳପ୍ରକୃତିର। ଆମ ଘର ଭାଙ୍ଗିବା ତାଙ୍କର ମୂଳ ଉଦ୍ଦେଶ୍ୟ। ଏ ବିଷୟରେ ଲକି ଅଜଣା। ହେଲେ ବି ଲକି ପରିବାରର ସୁଖ ସମୃଦ୍ଧି ବଜାୟ ରଖିବା ପାଇଁ ଭାଇ ଆଉ ପତ୍ନୀ ଉଭୟଙ୍କୁ ନେଇ ଚଳୁଛି।

**ପ୍ରଥମ ଦିନ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ମଞ୍ଚରେ ଅଭିନୟ କଲାପରେ ଯେ କୌଣସି ସ୍ଥାନରେ ଅଭିନୟ କରିବା ସହଜ ହୁଏ। ମଞ୍ଚରେ ବିନା କଟ୍ କି ଓକେରେ ସଂଳାପ କୁହାଯାଏ। ତେବେ କ୍ୟାମେରା ସାମ୍ନାରେ ଅଭିନୟ କରିବା ପୂର୍ବରୁ କିଛି ଟେକ୍ନିକାଲ୍ ଜ୍ଞାନ ସଂପର୍କରେ ଜାଣିବାକୁ ପଡ଼ିଥାଏ। ତେଣୁ ପ୍ରଥମେ କ୍ୟାମେରା ସାମ୍ନାରେ ଟିକେ ଭୟ ଲାଗିଥିଲା। ସିନିୟର୍ କଳାକାରଙ୍କଠାରୁ କାମ ଶିଖିଥିଲି। ପରେ କ୍ୟାମେରା ସହିତ ଅଭ୍ୟସ୍ତ ହୋଇଯାଇଥିଲି।

**ସୁଟିଂ ନଥିଲେ କ'ଣ କରନ୍ତି?**

● ଓଡ଼ିଶାର ସଂସ୍କୃତି, ଇତିହାସ, ପୌରାଣିକ ବହିଗୁଡ଼ିକ ପଢ଼େ। ଗୀତ ଗାଇବାକୁ ବହୁତ ଭଲପାଏ। ପରିବାର ସହିତ ସମୟ ବିତାଏ। ଫିଟ୍ ରହିବାକୁ ଭୋର୍‌ରୁ ଉଠି ମୋ ନିତ୍ୟ କାମ କରି ଠାକୁର ପୂଜା କରେ। ପରେ ଜିମ୍ ଯାଏ। ସୁଟିଂ ଥିଲେ ସମୟ ଅନୁସାରେ କାମ କରେ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● 'ଝିଲି' ଧାରାବାହିକରେ ଅଭିନୟ କରୁଥିଲା ବେଳେ ଆମେ ସମସ୍ତେ ଭଲ ସାଙ୍ଗ ଥିଲୁ। 'ଝିଲି'ସୁଟିଂ ସେଟ୍ ସାଇଟ୍‌ରେ ଭଗବାନ ଶିବ ଓ ହନୁମାନଙ୍କର ମନ୍ଦିରଟି ଥିଲା। ମନ୍ଦିରରେ ପ୍ରତିଦିନ ଆମେ ସନ୍ଧ୍ୟା ଆଳତୀ ଯାଇ ଦେଖୁଥିଲୁ। ସକାଳୁ ବି ସମୟ କାଢ଼ି ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲୁ। ସେହି ସମୟ ମୋ ଜୀବନର ସବୁଠୁ ଅଭୁଲା ମୁହୂର୍ତ୍ତ।

**କେଉଁ ଚରିତ୍ରରେ ଅଧିକ ଦର୍ଶକୀୟ ପ୍ରଶଂସା ମିଳିଛି?**

● 'ଝିଲି' ଧାରାବାହିକର ହାପି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି।

**ବଡ଼ ପରଦାରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛନ୍ତି?**

● ଜଣେ କଳାକାର ପାଇଁ ବଡ଼ ପରଦା କି ଛୋଟ ପରଦା କିଛି ନ ଥାଏ। ଦର୍ଶକଙ୍କୁ ଭଲ ଲାଗୁଥିବା ପରି ପ୍ରୋଜେକ୍ଟରେ କାମ କରିବା ମୋର ଲକ୍ଷ୍ୟ। ନିଃଶ୍ୱାସ ଚାଲିଥିବା ଯାଏଁ ଅଭିନୟ କରିବି। ■

**ପରଦା ପଛର କାହାଣୀ**

## ୧୦୫ ଥର ଖାରଜ ପରେ ମନୋନୀତ

ଗୀତ ହେଉଛି ଫିଲ୍ମର ଜୀବନ। ଏଭଳି ଅନେକ ପୁରୁଣା କ୍ଲାସିକ୍ ଗୀତ ରହିଛି, ଯାହାକୁ ଏବେ ବି ଶ୍ରୋତାମାନେ ଭୁଲି ପାରିନାହାନ୍ତି। ତେବେ ଗୀତ ଲେଖି ପରଦାରେ ଚିତ୍ରଣ କରିବା ଖୁବ୍ କଷ୍ଟକର। ଏଥିପାଇଁ ଗୀତ ଲେଖାଠୁ ନେଇ ସୁଟିଂ ପର୍ଯ୍ୟନ୍ତ ସବୁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିଲା 'ମୁଗଲ-ଏ-ଆଜମ' ଚଳଚ୍ଚିତ୍ର। ଏହି ଫିଲ୍ମରେ ଏଭଳି ଏକ ଗୀତ ରହିଛି, ଯାହାକୁ ସଙ୍ଗୀତକାର ନୌଶାଦ ୧୦୫ ଥର ଖାରଜ କରିବା ପରେ ମନୋନୀତ କରିଥିଲେ। ଗୀତିଟି ଥିଲା "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..."। ଏହି ଗୀତ ଲେଖିବାକୁ ଗୀତିକାର ଶକିଲ ବଦାୟୁନି ଖୁବ୍ ପରିଶ୍ରମ କରିଥିଲେ। ସେ ଗୀତଟିକୁ ୧୦୬ ଥର ଲେଖିବା ପରେ ସଫଳ ହୋଇଥିଲେ। ୬ ମିନିଟ୍ ୧୬ ସେକେଣ୍ଡର ଏହି ଗୀତ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁ ଥିଲା। ଗୀତର ସୁଟିଂ ପାଇଁ ଫିଲ୍ମ ନିର୍ମାତା ଏକ ଭବ୍ୟ ବିଳାସମୟ ସେଟ୍ ମଧ୍ୟ ପ୍ରସ୍ତୁତ କରିଥିଲେ। ସେ ସମୟରେ ଏଥିପାଇଁ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଗୀତକୁ କୋକିଳକଣ୍ଠୀ ଲତା ମଙ୍ଗେସକର୍ ସୁଲଳିତ କଣ୍ଠରେ ଗାନ କରିଥିଲେ। "ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା..." ଗୀତରେ ଅଭିନେତ୍ରୀ ମଧୁବାଲା ହୃଦୟସ୍ପର୍ଶୀ ନୃତ୍ୟ ପରିବେଷଣ କରିଛନ୍ତି। କେ. ଏସ୍ ଆସିଫ୍‌ଙ୍କ ନିର୍ଦ୍ଦେଶିତ 'ମୁଗଲ-ଏ-ଆଜମ' ଫିଲ୍ମ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ଏହି ଫିଲ୍ମ ନିର୍ମାଣ ପାଇଁ ୧୬ ବର୍ଷ ସମୟ ଲାଗିଥିଲା। ତେବେ ୧୦୫ ଥର ଲେଖିବା ପରେ ଚୂଡ଼ାନ୍ତ ହୋଇଥିବା "ପ୍ୟାର୍ କିୟା ତୋ ଡର୍‌ନା କ୍ୟା..." ଗୀତଟି ଏବେ ବି ଶ୍ରୋତାମାନଙ୍କ ହୃଦୟରେ ଶିହରଣ ସୃଷ୍ଟି କରେ। ■




# ଆଣ୍ଟି-ଡୋପିଙ୍ଗ୍ ନିୟମ ଉଲ୍ଲଙ୍ଘନ
# ଭାରତ ବିଶ୍ୱରେ ପ୍ରଥମ

ନୂଆଦିଲ୍ଲୀ,୨୦।୧୨(ଏଜେନ୍ସି): ପ୍ରଥମଥର ଲାଗି ଆଣ୍ଟି-ଡୋପିଂ ନିୟମ ଉଲ୍ଲଙ୍ଘନ କରିବାରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ୱାଡା (ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି) ଦ୍ୱାରା ପ୍ରକାଶିତ ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୩ ବର୍ଷ ଲାଗି ପ୍ରକାଶିତ ଏହି ରିପୋର୍ଟରେ ଭାରତର ଆଥ୍ଲେଟମାନେ ୨୨୨ଟି ନିୟମ ଉଲ୍ଲଙ୍ଘନ କରି ଧରାପଡ଼ିଛନ୍ତି। ଏହି ବିଭାଗରେ ରୁଷ ପ୍ରଥମ ସ୍ଥାନ ଅଧିକାର କରିଥାଏ। ୱାଡା ଦ୍ୱାରା କରାଯାଇଥିବା ପରୀକ୍ଷାରେ ଏହି ନିୟମ ଉଲ୍ଲଙ୍ଘନକାରୀ ଧରାପଡ଼ିଛନ୍ତି ଓ ସେମାନଙ୍କୁ ଦଣ୍ଡବିଧାନ କରାଯିବ ବୋଲି ଜଣାଯାଇଛି। ଡିସେମ୍ବର ୧୯ରେ ପ୍ରକାଶିତ ରିପୋର୍ଟରୁ ଜଣାଯାଇଛି।

ଏହି ୨୨୨ଟି କେସ୍ ମଧ୍ୟରୁ ପୁରୁଷ ବିଭାଗରେ ୪୫ଟି ଓ ମହିଳା ବିଭାଗରେ ୧୭୦ଟି କେସ୍ ଧରାପଡ଼ିଛି। ସେମାନଙ୍କ ମଧ୍ୟରୁ ଆଥଲେଟିକ୍ସରେ ୬୩, ଭାରୋତ୍ତୋଳନରେ ୩୭, ପାୱାରଲିଫ୍ଟିଂରେ ୩୩, ରେସଲିଂରେ ୧୧ ଓ ବକ୍ସିଂରେ ୯ଟି କେସ ରହିଛି। କେବଳ କେନିଆ ଆଥଲେଟିକ୍ସରେ ୬୫ଟି କେସ୍ ଧରାପଡ଼ିବା ସହ ଭାରତକୁ ଅତିକ୍ରମ କରିଛି।

# ଇଂଲଣ୍ଡର ଆସେସ ଆଶା ଧୂଳିସାତ୍



ଆଡିଲେଡ୍,୨୦।୧୨(ଏଜେନ୍ସି): ଅଧିନାୟକ ପ୍ୟାଟ କମିନ୍ସଙ୍କ ଦମ୍‌ଦାର ଓ ନାଥାନ ଲାୟନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟରେ ଇଂଲଣ୍ଡ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୮୫ ରନ୍‌ରେ ଆଗୁଆ ଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୩୪୯ ରନ୍ କରିଥିଲା। ଏହା ଫଳରେ ଇଂଲଣ୍ଡ ଆଗରେ ୪୩୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଛି। ଏହା ଫଳରେ ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଏହି ମ୍ୟାଚ୍ ଜିତିବାକୁ ଇଂଲଣ୍ଡକୁ ବାକିଥିବା ୪ ୱିକେଟ ବିନିମୟରେ ଆଉ ୨୨୮ ରନ୍ ଆବଶ୍ୟକ ହେଉଛି। ଏହି ଲକ୍ଷ୍ୟରେ ପହଞ୍ଚିବା ଇଂଲଣ୍ଡ ଲାଗି କେବଳ କଷ୍ଟକର ନୁହେଁ, ଅସମ୍ଭବ। ଏହା ଫଳରେ ପ୍ରଥମ ଦୁଇଟି ଟେଷ୍ଟରେ ପରାଜିତ ହୋଇଥିବା ଇଂଲଣ୍ଡର ଆସେସ୍ ସିରିଜ୍ ଜିତିବା ଆଶା ଧୂଳିସାତ ହୋଇଯାଇଛି। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ଟ୍ରାଭିସ ହେଡ୍ ସର୍ବାଧିକ ୧୭୦ ଓ ଆଲେକ୍ସ କ୍ୟାରୀ ୭୨ ରନ୍ କରିଥିଲେ। ଇଂଲଣ୍ଡର ଜୋଶ ଟଙ୍ଗ୍‌ଙ୍କୁ ୪ଟି ଓ ବ୍ରାଇଡନ କାର୍ସଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ଜ୍ୟାକ୍ କ୍ରଲୀ ୮୫, ଜୋ ରୁଟ୍ ୩୯ ଓ ହ୍ୟାରୀ ବ୍ରୁକ୍ ୩୦ ରନ୍‌ର ଯୋଗଦାନ ଦେଇଥିଲେ। ଅଷ୍ଟ୍ରେଲିଆର କମିନ୍ସ ଓ ଲାୟନଙ୍କୁ ୩ଟି ଲେଖାଏଁ ୱିକେଟ ମିଳିଛି।

# କାଭେମ ହଜ୍‌ଙ୍କ ଅପରାଜିତ ଶତକ

ମାଉଣ୍ଟ ମାଉଙ୍ଗାନୁଇ,୨୦।୧୨(ଏଜେନ୍ସି): କାଭେମ ହଜ୍‌ଙ୍କ ଅପରାଜିତ ଶତକ, ବ୍ରାଣ୍ଡନ କିଙ୍ଗ୍ ଓ ଅନ୍ୟମାନଙ୍କ ଲଢ଼ୁଆ ବ୍ୟାଟିଂ ବଳରେ ଏଠାରେ ନ୍ୟୁଜିଲାଣ୍ଡ ସହ ଚାଲିଥିବା ତୃତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ ଏଡ଼ାଇବାରେ ସମର୍ଥ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୮ ୱିକେଟରେ ୫୭୫ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ହଜ୍‌ଙ୍କ ଅପରାଜିତ ୧୦୯, କିଙ୍ଗ୍‌ଙ୍କ ୬୩ ରନ୍ ସହାୟତାରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୬ ୱିକେଟରେ ୩୮୧ ରନ୍ କରିବା ସହ ଫଲୋଅନ୍ ଏଡାଇବାକୁ ସମର୍ଥ ହୋଇଛି। ହଜ୍‌ଙ୍କ ସହ ଆଣ୍ଡରସନ ଫିଲିପ୍ ୧୨ ରନ୍‌ରେ ଅପରାଜିତ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜନ୍ କ୍ୟାମ୍ପବେଲ ଓ ଆଲିକ୍ ଆଥାନାଜେ ୪୫ ରନ୍ ଲେଖାଏଁ, ଜଷ୍ଟିନ ଗ୍ରିଭ୍‌ସ ୪୩ ଓ ଟେଭିନ୍ ଇମ୍‌ଲାଚ୍ ୨୭ ରନ୍‌ର ଲଢ଼ୁଆ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଜ୍ୟାକବ ଡଫି ଓ ଆଜାଜ ପଟେଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟର ଆଉ ୨ ଦିନ ଖେଳ ବାକି ରହିଛି।

## ନ୍ୟୁଜିଲାଣ୍ଡ ଟୁର୍ ଓ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷିତ

# ବାଦ୍ ପଡ଼ିଲେ ଶୁବମାନ୍ ଗିଲ୍

ମୁମ୍ବଇ,୨୦।୧୨(ଏଜେନ୍ସି)





ଆସନ୍ତାବର୍ଷ ବା ୨୦୨୬ରେ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ବାଦ୍ ପଡ଼ିଛନ୍ତି ଦକ୍ଷିଣ ଆଫ୍ରିକା ବିପକ୍ଷ ଟୁର୍‌ରେ ଉପଅଧିନାୟକ ଥିବା ଶୁବମନ ଗିଲ୍। ଟେଷ୍ଟ ଓ ଦିନିକିଆ ଦଳର ନେତୃତ୍ୱ ନେଉଥିବା ଗିଲ୍ ଟି-୨୦ ଫର୍ମାଟରେ ଫର୍ମ ହରାଇଛନ୍ତି। ସେ ଏହି ଫର୍ମାଟରେ ରନ୍ ସଂଗ୍ରହ କରି ନପାରିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଆଜି ଦଳ ଘୋଷଣା କରିବା ଅବସରରେ ଏହି ସୂଚନା ଦେଇଛନ୍ତି। ସାମସନ୍‌ଙ୍କ ସ୍ଥାନରେ ଗିଲ ଖେଳିବା ପରଠାରୁ ୧୫ଟି ମ୍ୟାଚ୍‌ରେ ୨୯୧ ରନ୍ କରିଥିଲେ ମଧ୍ୟ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିନାହାନ୍ତି। ଟପ୍ ଅର୍ଡରରେ ଆମକୁ ସ୍ଥିରତା ଦରକାର। ବିନା ପାର୍ଟନରସିପ୍‌ରେ ଦଳ ଚାପରେ ରହୁଥିବାରୁ ଗିଲ୍‌ଙ୍କୁ ବାଦ୍ ଦିଆଯାଇଛି ବୋଲି ଅଗରକର କହିଛନ୍ତି। ଗିଲ୍‌ଙ୍କ ସହ ସିରିଜ୍‌ର ନଂ-୧ ୱିକେଟକିପର ଜିତେଶ ଶର୍ମା ମଧ୍ୟ ବାଦ୍ ପଡ଼ିଛନ୍ତି। ସେମାନଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ୱିତୀୟ ୱିକେଟକିପର/ରିଜର୍ଭ ଓପନର ଭାବେ ଇଶାନ କିସାନ ଦଳକୁ ଫେରିଛନ୍ତି। ଫର୍ମରେ ନ ଥିବା ସୂର୍ଯ୍ୟକୁମାର ଯାଦବଙ୍କୁ ଦଳର ନେତୃତ୍ୱ ଦିଆଯାଇଛି। ଅକ୍ଷର ପଟେଲ ଉପଅଧିନାୟକ ପଦକୁ ଫେରିଛନ୍ତି। ଏହାଛଡ଼ା ଫିନିସର ରିଙ୍କୁ ସିଂଙ୍କୁ ମଧ୍ୟ ଏହି ଦଳରେ ନିଆଯାଇଛି। ଏହି ଟିମ୍ ମଧ୍ୟ ଭାରତରେ ଜାନୁଆରୀ ୨୧ରୁ ୩୧ ମଧ୍ୟରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ରେ ଖେଳିବ। ଟି-୨୦ ବିଶ୍ୱକପ୍ ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୫ଟି ଟିମ୍‌କୁ ନେଇ ଗଠିତ ଗ୍ରୁପ୍-ଏ'ରେ ଭାରତ ଫେବୃଆରୀ ୭ରେ ଆମେରିକା ସହ ଖେଳି ଅଭିଯାନ ଆରମ୍ଭ କରିବ। ଫେବୃଆରୀ ୧୨ରେ ନାମିବ୍ୟା, ୧୫ରେ ପାକିସ୍ତାନ ଓ ୧୮ରେ ନେଦରଲାଣ୍ଡସ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳିବ। ବିଶ୍ୱକପ୍ ଓ ନ୍ୟୁଜିଲାଣ୍ଡ ଟୁର୍ ଲାଗି ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓପନ ରହିଛନ୍ତି। ସଞ୍ଜୁ ନଂ-୧ ଓ ଇଶାନ ନଂ-୨ ୱିକେଟକିପର ରହିଛନ୍ତି। ମିଡିଲ ଅର୍ଡରରେ ସୂର୍ଯ୍ୟକୁମାର, ତିଲକ ବର୍ମା ଓ ରିଙ୍କୁ ସିଂଙ୍କ ସହ ୪ ଅଲରାଉଣ୍ଡର ଅଛନ୍ତି। ୨ଜଣ ପେସ୍ ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ଓ ୨ଜଣ ଅକ୍ଷର ଓ ୱାଶିଂଟନ ସୁନ୍ଦର ସ୍ପିନ୍ ବୋଲିଂ ଅଲରାଉଣ୍ଡର ରହିଛନ୍ତି। ପେସ ବୋଲର ଭାବେ ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ଖେଳିବେ। ଦୁଇ ସ୍ପେଶାଲିଷ୍ଟ ସ୍ପିନର ହେଲେ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ।

### ବିଶ୍ୱକପ୍ ଗ୍ରୁପ୍ କାର୍ଯ୍ୟସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୭।୨ | ଆମେରିକା | ମୁମ୍ବଇ |
| ୧୨।୨ | ନାମିବ୍ୟା | ଦିଲ୍ଲୀ |
| ୧୫।୨ | ପାକିସ୍ତାନ | କଲମ୍ବୋ |
| ୧୮।୨ | ନେଦରଲାଣ୍ଡସ | ଅହମ୍ମଦାବାଦ୍ |
| ୨୧।୨ରୁ ୧।୩ ସୁପର-୮ ମୁକାବିଲା | ୪।୩ ଓ ୫।୩ ସେମିଫାଇନାଲ୍ | ୮।୩ ଫାଇନାଲ୍ |

### ନ୍ୟୁଜିଲାଣ୍ଡ ଗସ୍ତସୂଚୀ

| ତାରିଖ | ଫର୍ମାଟ | ଭେନ୍ୟୁ |
|---|---|---|
| ୧୧।୧ | ପ୍ରଥମ ଦିନିକିଆ | ଭଦୋଦରା |
| ୧୪।୧ | ଦ୍ୱିତୀୟ ଦିନିକିଆ | ରାଜକୋଟ |
| ୧୮।୧ | ତୃତୀୟ ଦିନିକିଆ | ଇନ୍ଦୋର |
| ୨୧।୧ | ପ୍ରଥମ ଟି- ୨୦ | ନାଗପୁର |
| ୨୩।୧ | ଦ୍ୱିତୀୟ ଟି-୨୦ | ରାୟପୁର |
| ୨୫।୧ | ତୃତୀୟ ଟି-୨୦ | ଗୁଆହାଟୀ |
| ୨୮।୧ | ଚତୁର୍ଥ ଟି-୨୦ | ବିଶାଖାପାଟଣା |
| ୩୧।୧ | ପଞ୍ଚମ ଟି-୨୦ | ତିରୁଅନନ୍ତପୁରମ |

### ଘୋଷିତ ଦଳ

ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ଇଶାନ କିସାନ (ଉଭୟ ୱିକେଟରକ୍ଷକ), ତିଲକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଯଶପ୍ରୀତ୍ ବୁମ୍‌ରା, ହର୍ଷିତ ରାଣା, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ।


# ମନ୍ନତାଙ୍କୁ ରୌପ୍ୟ

ଭୁବନେଶ୍ୱର,୨୦।୧୨(ସମିସ): ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି କିଟ୍‌କୁ ଆଉ ଦୁଇଟି ପଦକ ମିଳିଛି। କିଟ୍‌ର ମନ୍ନତା ମିଶ୍ର ମହିଳା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ଓ ଦିବ୍ୟାଙ୍କା ପ୍ରଧାନ ୫ମ ସ୍ଥାନ ଅଧିକାର କରିଛନ୍ତି। ୫୦ ମିଟର ବଟରଫ୍ଲାଏରେ ନୀଳାବ୍ଜା ଘୋଷ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ହାସଲ କରିଛନ୍ତି। ସମ୍ବଲପୁରରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନରେ କିଟ୍ ପୁରୁଷ ଦଳ ରନର୍ସ ଅପ୍ ହୋଇଛନ୍ତି। ଏମାନେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଜାତୀୟ ସୁଟିଂ ଚାମ୍ପିଅନସିପ୍

# ଗୁରୁଜୋତ, ରାୟଜାଙ୍କୁ ସ୍ୱର୍ଣ୍ଣପଦକ





ଭୁବନେଶ୍ୱର,୨୦।୧୨(ସମିସ): ନୂଆଦିଲ୍ଲୀର ଡକ୍ଟର କାର୍ଣ୍ଣି ସିଂହ ସୁଟିଂ ରେଞ୍ଜ୍‌ରେ ୬୮ତମ ଜାତୀୟ ସୁଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଜିନ୍ଦଲ ଷ୍ଟିଲ ପ୍ରୋତ୍ସାହିତ ସୁଟର ଗୁରଜୋତ ସିଂହ, ରାୟଜା ଧୀଲନ ଓ ମୈରାଜ ଅହମ୍ମଦ୍ ଖାନ୍ ଏକାଧିକ ପଦକ ବିଜୟୀ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗୁରଜୋତ୍ ଓ ରାୟଜା ସ୍ୱର୍ଣ୍ଣ ଜିତିଥିଲାବେଳେ ମୈରାଜଙ୍କୁ ରୌପ୍ୟ ପଦକ ମିଳିଛି। ପୁରୁଷ ସ୍କିଟ୍ ଇଭେଣ୍ଟରେ ଗୁରଜୋତ ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ଏକାଧିକ ଅଲିମ୍ପିଆନଙ୍କୁ ପଛରେ ପକାଇ ସେ ପ୍ରଥମସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ସ୍କିଟ୍‌ରେ ରାୟଜା ଅସାଧାରଣ କ୍ରୀଡ଼ା ପ୍ରଦର୍ଶନ କରି ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଉଭୟ ସିନିଅର ଓ ଜୁନିଅର ମହିଳା ସ୍କିଟ୍‌ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏମାନଙ୍କ ବ୍ୟତୀତ ମୈରାଜ ଅହମ୍ମଦ୍ ଖାନ୍ ଦୁଇଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସର୍ବୋଚ୍ଚ ସ୍ତରରେ ସ୍ଥିର ପ୍ରଦର୍ଶନ କରି ପରବର୍ତ୍ତୀ ପିଢ଼ିର ସୁଟରମାନଙ୍କୁ ପ୍ରେରଣା ଯୋଗାଇବା ସହ ଜିନ୍ଦଲ ଷ୍ଟିଲ ସେମାନଙ୍କ ଯାତ୍ରାରେ ଦୀର୍ଘକାଳୀନ ପ୍ରୋତ୍ସାହନ ଜାରି ରଖି ଗର୍ବିତ।

# ଆଜି ସର୍ବଭାରତୀୟ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଫାଇନାଲ୍

ଭାପୁର,୨୦।୧୨(ସମିସ): ଏଠାରେ ଚାଲିଥିବା ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଦିନ ହେବ।ଏହି ଫାଇନାଲରେ ପରସ୍ପରକୁ ଭେଟିବେ ଭୁବନେଶ୍ୱର ଦୁଇ ଦଳ ସାଇ ଇଲେଭେନ ଓ ତମାଣ୍ଡୋ କ୍ରିକେଟ କ୍ଲବ। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଖେଳପଡିଆରେ ଏହି ଟୁର୍ଣ୍ଣାମେଣ୍ଟ ଚାଲିଛି। ପ୍ରଥମ ସେମିଫାଇନାଲରେ ଏମଏମସିସି ସମ୍ବଲପୁରକୁ ହରାଇ ସାଇ ଇଲେଭେନ ଓ ଦ୍ୱିତୀୟ ସେମିଫାଇନାଲରେ କେସିଏ କଳାହାଣ୍ଡି କୁ ହରାଇ ଟମାଣ୍ଡୋ ଦଳ ଫାଇନାଲରେ ପ୍ରବେଶ କରିଛନ୍ତି।ଦୁଇ ଦଳ ସେମାନଙ୍କ ସମସ୍ତ ଶକ୍ତି ଖଟାଇ ଚାମ୍ପିଅନ ହୋଇ ଦେଢ ଲକ୍ଷ ଟଙ୍କା ଓ ବୃହତ୍ ଟ୍ରଫି ଜିତିବା ପାଇଁ ଚେଷ୍ଟା କରିବେ। ଫାଇନାଲରେ ଅତିଥି ଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ , ବିଧାୟକ ଅରୁଣ କୁମାର ସାହୁ, ରମେଶ ବେହେରା, ପ୍ରଦୀପ ସାହୁ ଓ ମୁଖ୍ୟ ଆକର୍ଷଣ ମଧ୍ୟପ୍ରଦେଶର ରାଜ୍ୟ ସଭା ସାଂସଦ ଉମେଶ ନାଥ ମହାରାଜ ଯୋଗ ଦେବେ ବୋଲି ଆୟୋଜକ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ସୂଚନା ଦେଇଛନ୍ତି।

## ● ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ
# ଫାଇନାଲରେ ବାରଙ୍ଗ ବାୟାର-ତଣ୍ଡିକଣା

ବାରଙ୍ଗ,୨୦।୧୨(ସମିସ): ଗଣ୍ଡରପୁର ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବ ଭାରତୀୟ ଗଣ୍ଡରପୁର ଫୁଟବଲ ଟୁର୍ଣାମେଣ୍ଟର ୭ମ ଦିବସ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ ବାରଙ୍ଗ ବାୟାର ୬-୪ ଟାଇବ୍ରେକର ଗୋଲରେ ଆମଣର ଜୟଦୁର୍ଗା କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ସୁଜିତ୍ କୁମାର ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ତାଣ୍ଡିକଣାର କୃଷକବନ୍ଧୁ କ୍ଲବ୍ ୨-୦ ଗୋଲରେ କଟକ ସିଆରଆରଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

**ଗୋଠପୁର - ପ୍ରତାପନଗରୀ ଫାଇନାଲ:** ସେହିପରି ଅନ୍ୟ ଏକ ବିଭାଗର ପ୍ରଥମ ସେମି ଫାଇନାଲ ମ୍ୟାଚରେ ଗୋଠପୁରର ମା ମଙ୍ଗଳା କ୍ଲବ ୧-୦ ଗୋଲରେ ମୁଣ୍ଡୁମାଣର ଜୟଜଗନ୍ନାଥ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ପ୍ରତାପନଗରୀ ପ୍ରତାପ କ୍ଲବ୍ ମଧ୍ୟ ୧-୦ ଗୋଲ ରେ ବାଉଳକୁଦର ସ୍ୱର୍ଣ୍ଣଦେବୀ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଥିରେ ନକୁଳ ରାଉତ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ରବିବାର ଫାଇନାଲ ମୁକାବିଲା ଖେଳାଯିବ।

# ମହିଳା କାନୋସ୍ପ୍ରିଣ୍ଟ ଦଳ ଚୟନ ଶିବିର ସୋମବାର

କଟକ,୨୦।୧୨(ସମିସ): ୩୬ତମ ଜାତୀୟ ପୁରୁଷ ଓ ମହିଳା କାନୋସ୍ପ୍ରିଣ୍ଟ ଚାମ୍ପିଅନସିପ୍ ହେବାକୁ ଯାଉଛି। ଏହାକୁ ଲକ୍ଷ୍ୟରେ ରଖି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ଆସନ୍ତା ସୋମବାର ୨୨ ତାରିଖରେ ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ରାଜ୍ୟ ଦଳ ଚୟନ ଶିବିର ଆୟୋଜନ ହେବ। ପ୍ରତ୍ୟେକ ଜିଲ୍ଲାର ଖେଳାଳି ଏଥିରେ ଭାଗ ନେଇ ପାରିବେ। ବିଭିନ୍ନ ବିଭାଗରେ ଚାକିରି କରୁଥିବା ଖେଳାଳି ମଧ୍ୟ ଶିବିରରେ ସାମିଲ ହୋଇ ପାରିବେ। ଇଚ୍ଛୁକ ଜଳକ୍ରୀଡ଼ା ପ୍ରତିଯୋଗୀମାନେ ରାଜ୍ୟ ଦଳର ପ୍ରଶିକ୍ଷକ ଜନସନ ସିଂହ ଓ ରାଜ କୁମାର ନିସାଦଙ୍କ ସହ ଯୋଗାଯୋଗ କରିବାକୁ ସଂଘର ସମ୍ପାଦକ ବିପିନ ଦାଶ ନିବେଦନ କରିଛନ୍ତି।

# ଭାରତର ରେକର୍ଡ ୯ମ ସିରିଜ୍ ବିଜୟ




ଅହମ୍ମଦାବାଦ୍,୨୦।୧୨(ଏଜେନ୍ସି): ଏଠାରେ ଶୁକ୍ରବାର ଖେଳାଯାଇଥିବା ୫ମ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୩୦ ରନ୍‌ରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୨୩୧ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ୨୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌ରେ ୬୩ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମ୍ୟାଚ୍‌ର ଓ ୧୦ ୱିକେଟ ନେଇଥିବା ବରୁଣ ଚକ୍ରବର୍ତ୍ତୀଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ବିଜୟ ଫଳରେ ଭାରତ ୩-୧ ବ୍ୟବଧାନରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଜିତିବା ସହ ଏକାଧିକ ରେକର୍ଡର ଅଧିକାରୀ ହୋଇଛି।

**୯, ୧୦ ଓ ୧୧:** ଏହି ସିରିଜ୍ ବିଜୟ ଫଳରେ ଭାରତ ଘରୋଇ ମାଟିରେ ରେକର୍ଡ ୯ମ ସିରିଜ୍ ବିଜୟୀ ହୋଇଛି। ପୂର୍ବରୁ ଅଷ୍ଟ୍ରେଲିଆ ୨୦୦୬ରୁ ୨୦୧୦ ମଧ୍ୟରେ ଅଷ୍ଟ୍ରେଲିଆ କ୍ରମାଗତ ୮ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲା।

ସେହିପରି ସମସ୍ତ ଟି-୨୦ରେ ଭାରତ କ୍ରମାଗତ ୧୦ଟି ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହା ମଧ୍ୟରେ ଏସିଆ କପ୍ ଓ ବିଶ୍ୱକପ୍ ରହିଛି। ପୂର୍ବରୁ ପାକିସ୍ତାନ ୨୦୧୬ରୁ ୨୦୧୮ ମଧ୍ୟରେ ୧୧ଟି ସିରିଜ୍ ଜିତି ଏହି ରେକର୍ଡର ଅଧିକାରୀ ହୋଇଛି।

୨୦୨୩ରେ ଭାରତ ଶେଷଥର ୱେଷ୍ଟଇଣ୍ଡିଜ୍ ନିକଟରୁ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିଥିଲା। ଏହାକୁ ମିଶାଇ ଭାରତ ୧୧ଥର ସକାଶେ ଦ୍ୱିପାକ୍ଷିକ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ଏହି ରେକର୍ଡ ଭାରତ ନାମରେ ରହିଛି। ପୂର୍ବରୁ ଦଳ କ୍ରମାଗତ ୧୨ଟି ଦ୍ୱିପାକ୍ଷିକ ସିରିଜ୍‌ରେ ବିଜୟୀ ହୋଇଛି।

**୧୬:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ୧୬ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତ ଖେଳିଥିବା ସମସ୍ତ ଟି-୨୦ରେ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବରୁ ୨୦୦୭ ଇଂଲଣ୍ଡ ବିପକ୍ଷ ଡର୍ବାନ ଟି-୨୦ରେ ଯୁବରାଜ ସିଂହ ୧୨ଟି ବଲ୍‌ରେ ୫୦ ରନ୍ ପୂରଣ କରି ଦ୍ରୁତତମ ଅର୍ଦ୍ଧଶତକର ରେକର୍ଡ କରିଥିଲେ। ଗତବର୍ଷ ଇଂଲଣ୍ଡ ବିପକ୍ଷରେ ଅଭିଷେକ ଶର୍ମା ୧୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

**୫ମ ଖେଳାଳି:** ଏହି ମ୍ୟାଚ୍‌ରେ ଭାରତର ହାର୍ଦ୍ଦିକ ପାଣ୍ଡ୍ୟା ଅନ୍ତର୍ଜାତୀୟ ଟି-୨୦ରେ ୨୦୦୦ ରନ୍ ଓ ୧୦୦ ୱିକେଟ ପୂରଣ କରିଛନ୍ତି। ଏଭଳି ସଫଳତା ପାଇବାରେ ସେ ହେଉଛନ୍ତି ବିଶ୍ୱର ପଞ୍ଚମ ଖେଳାଳି। ତାଙ୍କ ପୂର୍ବରୁ ମାଲେସିଆର ବିରନଦୀପ ସିଂହ, ଜିମ୍ବାୱେର ସିକନ୍ଦର ରାଜା, ବାଂଲାଦେଶର ସାକିବ ଅଲ ହାସନ ଓ ଆଫଗାନିସ୍ତାନର ମହମ୍ମଦ୍ ନବି ଏହି ସଫଳତାର ଅଧିକାରୀ ହୋଇଥିଲେ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ ଏକମାତ୍ର ପେସ୍ ବୋଲର।

**ବ୍ୟୟବହୁଳ ବୋଲିଂ :** ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୫୩ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ନେଇଥିଲେ। କିନ୍ତୁ ସମସ୍ତ ଅନ୍ତର୍ଜାତୀୟ ଟି-୨୦ରେ ବ୍ୟୟବହୁଳ ବୋଲିଂ ସ୍ପେଲ୍ ସାବ୍ୟସ୍ତ ହୋଇଛି। ପୂର୍ବରୁ ୨୦୧୭ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଭାରତର ଯୁଜବେନ୍ଦ୍ର ଚହଲ ୪ ଓଭରରେ ୫୨ ରନ୍ ଦେଇ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ବରୁଣ ତୃତୀୟଥର ଲାଗି ଗୋଟିଏ ସିରିଜ୍‌ରେ ୧୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସଫଳ ହୋଇଛନ୍ତି।

# ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ଡ୍ର' ମ୍ୟାଚ୍‌ରୁ ଓଡ଼ିଶାକୁ ୩ ପଏଣ୍ଟ





ଭୁବନେଶ୍ୱର, ୨୦।୧୨ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଓଡ଼ିଶା ଓ ବିହାର ମଧ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍ ବିନା ହାରଜିତ ଫଇସଲାରେ ଶେଷ ହୋଇଛି। ଏଲିଟ୍ ଗ୍ରୁପ୍ 'ବି'ର ଏହି ମ୍ୟାଚ୍‌ରେ ପ୍ରଥମ ଇନିଂସରେ ଆଗୁଆ ଥିବାରୁ ଓଡ଼ିଶାକୁ ୩ ଓ ବିହାରକୁ ୧ ପଏଣ୍ଟ ମିଳିଛି। ବିହାରର ପ୍ରଥମ ଇନିଂସ ସ୍କୋର୍ ୨୮୮ ରନ୍ ଜବାବରେ ଓଡ଼ିଶା ୯ ୱିକେଟ୍ ହରାଇ ୩୨୨ ରନ୍‌କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସରେ ୩୪ ରନ୍ ପଛରେ ରହିବା ପରେ ବିହାର ଶନିବାର ତୃତୀୟ ତଥା ଅନ୍ତିମ ଦିନରେ ମ୍ୟାଚ୍ ସମାପ୍ତି ବେଳକୁ ଦ୍ୱିତୀୟ ଇନିଂସରେ ୩ ୱିକେଟ୍‌ରେ ୯୮ ରନ୍ କରିଥିଲା। ଆସନ୍ତା ୨୩ରୁ ମୋରେନାରେ ପଞ୍ଜାବ ବିପକ୍ଷରେ ଓଡ଼ିଶା ୪ର୍ଥ ମ୍ୟାଚ୍ ଖେଳିବ। ଓଡ଼ିଶାର ପ୍ରଥମ ଇନିଂସରେ ଚାରି ଜଣ ଅର୍ଦ୍ଧଶତକ ହାସଲ କରିଥିଲେ। ଓପନର ଅରବିନ୍ଦ ମୁଦୁଲି ୬ଟି ଚୌକା ସହ ୫୧ ଏବଂ ଅଧିନାୟକ ନୀଲ୍ ନୀତିନ ମହାନ୍ତି ୧୪ଟି ଚୌକା ସହ ୭୫ ରନ୍ କରିଥିଲେ। ୧୮୭ ରନ୍‌ରେ ଓଡ଼ିଶା ୬ଟି ୱିକେଟ୍ ହରାଇବା ପରେ ଓମ୍‌ପ୍ରକାଶ ଦାସ ଓ ତପନ ଗୁପ୍ତା ଅତି ମୂଲ୍ୟବାନ ୮୮ ରନ୍ ଯୋଗ କରିବାରୁ ଓଡ଼ିଶା ପ୍ରଥମ ଇନିଂସରେ ଆଗୁଆ ହୋଇ ପାରିଥିଲା। ଓମ୍‌ପ୍ରକାଶ ଦାସ ୧୨୭ ବଲ୍‌ରୁ ୧୬ଟି ଚୌକା ସହ ୮୧ ଏବଂ ତପନ ଗୁପ୍ତା ଗୋଟିଏ ଛକା ଓ ୬ଟି ଚୌକା ସହ ୫୫ ରନ୍ କରିଥିଲେ। ହିମାଂଶୁ ସାହୁ ୧୬ ରନ୍‌କରି ଅପରାଜିତ ଥିଲେ। ବିହାରର ବିବେକ ଆନନ୍ଦ ଓ ଶିବାଂଶ ୩ଟି ଲେଖାଏଁ ଏବଂ ପାର୍ଥ ୨ଟି ୱିକେଟ୍ ନେଇଥିଲେ। ପରେ ବିହାରର ଦ୍ୱିତୀୟ ଇନିଂସରେ ଶ୍ୱେତମ୍ ୧୯, ପୀୟୂଷ କୁମାର ୧ ଓ ଅଧିନାୟକ ଯଶ ୫୪ ବଲ୍‌ରୁ ୧୦ଟି ଚୌକା ସହ ୪୭ ରନ୍ କରିଥିଲେ। ଅଭିନବ ସିହ୍ନା ୨୧ ରନ୍‌କରି ଅପରାଜିତ ଥିଲେ।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି।
ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା
ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୭୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS